RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-114 ◆MONDAY ◆20 OCTOBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୧୪ ◆ସୋମବାର ◆୨୦ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

### ଶୁଭେଚ୍ଛା

ଆଲୋକର ପର୍ବ ଦୀପାବଳି ଓ ମା' ଶ୍ୟାମାକାଳୀଙ୍କ ପୂଜା ଅବସରରେ 'ସକାଳ' ପରିବାର ପକ୍ଷରୁ ହାର୍ଦ୍ଦିକ ଶୁଭେଚ୍ଛା ॥

### 'ସକାଳ'ର ଛୁଟି

ଆଲୋକର ପର୍ବ ପବିତ୍ର ଦୀପାବଳି ଉପଲକ୍ଷେ ୨୦ ତାରିଖ 'ସକାଳ' କାର୍ଯ୍ୟାଳୟ ଛୁଟି ରହୁଥିବାରୁ ପରବର୍ତ୍ତୀ ସଂସ୍କରଣ ୨୨ ତାରିଖ (ବୁଧବାର) ପ୍ରକାଶ ପାଇବ ।

-ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

**ଆମେରିକାରେ ଶାସନବିରୋଧୀ ବିକ୍ଷୋଭ**

# ରାଜା ନୁହେଁ ଟ୍ରମ୍ପ

## ଦେଶବ୍ୟାପୀ ୨୬୦୦ରୁ ଅଧିକ ରାଲି ● ରାସ୍ତାକୁ ଓହ୍ଲାଇଲେ ୭୦ ଲକ୍ଷ ଲୋକ




■ **ୱାଶିଂଟନ, ୧୯ ।୧୦ (ଏଜେନ୍ସି):** ଗତ ଜାନୁଆରୀ ମାସରେ ଦ୍ୱିତୀୟ ଥର ଆମେରିକାର ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ସମଗ୍ର ବିଶ୍ୱକୁ ଅଶାନ୍ତ କରି ରଖିଛନ୍ତି ଡୋନାଲ୍ଡ ଟ୍ରମ୍ପ । ଏପରିକି ଏଥିରୁ ଆମେରିକା ବି ବାଦ୍ ପଡ଼ିନାହିଁ । ତାଙ୍କର ଏକଛତ୍ରବାଦ ଆଭିମୁଖ୍ୟ ଓ କଠୋରପନ୍ଥୀ ନୀତିର ଦୃଢ଼ ବିରୋଧ କରି ଆଜି ଲକ୍ଷ ଲକ୍ଷ ଲୋକ ରାସ୍ତାକୁ ଓହ୍ଲାଇଛନ୍ତି । ରାଜନୈତିକ ବିରୋଧୀ, ଗଣମାଧ୍ୟମ ଉପରେ ଟ୍ରମ୍ପଙ୍କ ଆକ୍ରମଣରେ କ୍ଷୁବ୍ଧ ଥିବା ଲୋକେ ସମଗ୍ର ଆମେରିକାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ଏହାକୁ ସବୁଠାରୁ ବଡ଼ ବିକ୍ଷୋଭ ବୋଲି କରାଯାଇଛି । ଦେଶର ସମସ୍ତ ୫୦ଟି ରାଜ୍ୟର ଭିନ୍ନ ଭିନ୍ନ ସହରରେ ୨୬୦୦ରୁ ଅଧିକ ରାଲି ବାହାର କରାଯାଇଛି । ଏହି ରାଲିଗୁଡିକରେ ପାଖାପାଖି ୭୦ ଲକ୍ଷ ଲୋକ ଅଂଶଗ୍ରହଣ କରିଛନ୍ତି । କେବଳ ନ୍ୟୁୟର୍କରେ ଲକ୍ଷେରୁ ଅଧିକ ଲୋକ ଟାଇମସ୍କ୍ୱାୟରରେ ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଏହି ଆନ୍ଦୋଳନକୁ 'ନୋ କିଙ୍ଗ୍' ପ୍ରୋଟେଷ୍ଟ ନାମ ଦିଆଯାଇଛି । ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ ଆମେରିକା ବିଶ୍ୱ ଦରବାରରେ ବଦନାମ ହେଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି ।

ଟ୍ରମ୍ପଙ୍କ କାର୍ଯ୍ୟକାଳରେ ଏହାକୁ ତୃତୀୟ ବୃହତ୍ ବିକ୍ଷୋଭ ପ୍ରଦର୍ଶନ ବୋଲି କୁହାଯାଉଛି । ଟ୍ରମ୍ପଙ୍କ ଶାସନ କାଳରେ ଆମେରିକାରେ ସବୁଠାରୁ ଦୀର୍ଘକାଳୀନ ସଟ୍ ଡାଉନ୍ ଲାଗୁ ହୋଇଛି । ବିକ୍ଷୋଭକାରୀମାନେ ଟ୍ରମ୍ପଙ୍କ ବିରୋଧରେ ପ୍ରବଳ ଅସନ୍ତୋଷ ଜାହିର କରିଛନ୍ତି । ଗଣତନ୍ତ୍ର, ନ୍ୟାୟ ଓ କ୍ଷମତାର ଦୁରୁପୋଯୋଗ ନେଇ ବିକ୍ଷୋଭକାରୀ ଖୋଲାଖୋଲି ଭାବେ ନିଜର ମତ ରଖିଛନ୍ତି । ତେବେ ଏହି ବିକ୍ଷୋଭ ସଂପୂର୍ଣ୍ଣ ରୂପେ ଶାନ୍ତିପୂର୍ଣ୍ଣ ଥିଲା । ଏହାପୂର୍ବରୁ ଗତ ଜୁନ୍‌ରେ ମଧ୍ୟ 'ନୋ କିଙ୍ଗ୍' ପ୍ରୋଟେଷ୍ଟ ହୋଇଥିଲା ଓ ଏଥିରେ ପାଖାପାଖି ୨୧୦୦ ରାଲି ବାହରା କରାଯାଇଥିଲା । ନ୍ୟୁୟର୍କର ଟାଇମ୍ସ ସ୍କୋୟାର, ବୋଷ୍ଟନ, ଆଟଲାଣ୍ଟା ଓ ଚିକୋଗୋ ପାର୍କରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ସେହିପରି ୱାସିଂଟନ, ଲସ୍ ଏଞ୍ଜେଲସ ଓ ରିପବ୍ଲିକାନ ପାର୍ଟି ଶାସିତ ଅନ୍ୟ କେତୋଟି ରାଜ୍ୟରେ ମଧ୍ୟ ଆୟୋଜିତ ହୋଇଥିବା ରାଲିରେ ବହୁ ସଂଖ୍ୟାରେ ଲୋକ ଯୋଗ ଦେଇଥିଲେ ।

ରାଷ୍ଟ୍ରପତି ଟ୍ରମ୍ପ ଏହି ବିକ୍ଷୋଭର ତୀବ୍ର ସମାଲୋଚନା କରିଛନ୍ତି । ସେ ତାଙ୍କ ସାମାଜିକ ଗଣମାଧ୍ୟମ 'ଟ୍ରୁଥ୍'ରେ କହିଛନ୍ତି, ସେମାନେ ମୋତେ ରାଜା କହୁଛନ୍ତି, କିନ୍ତୁ ମୁଁ କୌଣସି ରାଜା ନୁହେଁ । ଏହାର କିଛି ସମୟ ପରେ ସେ ଏଆଇ ଦ୍ୱାରା ପ୍ରସ୍ତୁତ ଏକ ଭିଡିଓ କ୍ଲିପ୍ ଜାରି କରିଛନ୍ତି । ଏଥିରେ ସେ ମୁକୁଟ ପିନ୍ଧି ଯୁଦ୍ଧବିମାନ ଉଡ଼ାଉଥିବା ଦେଖାଯାଇଛି । ଏହି ବିମାନରୁ ବିକ୍ଷୋଭକାରୀଙ୍କ ଉପରେ ମଳ ବର୍ଷା ହେଉଥିବା ଭଳି ମନେ ହେଉଛି । ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟି ମଧ୍ୟ ଏହି ଆନ୍ଦୋଳନକୁ 'ହେଟ୍ ଆମେରିକା ରାଲି' ବୋଲି ବର୍ଣ୍ଣନା କରିବା ସହ ଜୋରଦାର ନାରାବାଜି କରିଛନ୍ତି ।

# ଉତ୍ସାହ କମ୍; ଚିନ୍ତା ଅଧିକ

## ଧନ୍‌ତେରାସ୍‌ରେ ଲକ୍ଷେ କୋଟିର ବେପାର

■ **ମୁମ୍ବଇ, ୧୯ ।୧୦ (ଏଜେନ୍ସି):** ଚଳିତ ବର୍ଷ ଧନ୍‌ତେରାସରେ କିଣାବିକାରେ ନୂଆ ରେକର୍ଡ ସୃଷ୍ଟି ହୋଇଛି । ଭାରତୀୟମାନେ ପ୍ରାୟ ଲକ୍ଷେ କୋଟି ଟଙ୍କା କାରବାର କରିଛନ୍ତି । ଅଲ୍ ଇଣ୍ଡିଆ ଟ୍ରେଡର୍ସ କନ୍‌ଫେଡେରେସନ (ସିଏଆଇଟି) ପକ୍ଷରୁ ଏହି ସୂଚନା ଦିଆଯାଇଛି । ଦରଦାମ ସହିତ ସୁନା ଏବଂ ରୁପା ମୂଲ୍ୟ ବୃଦ୍ଧି ଯୋଗୁଁ ଦୋକାନ ବଜାରରେ ସେତେ ଗହଳି ନ ଥିଲା । ଏହା ସତ୍ତ୍ୱେ ଗତ ବର୍ଷ ଅପେକ୍ଷା ୨୫ ପ୍ରତିଶତ ଅଧିକ କାରବାର ହୋଇଛି । ମାତ୍ର ଏହା ପରିମାଣ ତୁଳନାରେ କମ୍ ରହିଛି । ଦେୟ ବଢ଼ିବା ଯୋଗୁ ଆଗ୍ରହ କମ୍ ଥିବା ସତ୍ତ୍ୱେ ବିବାହ ଏବଂ ଅନ୍ୟ କାର୍ଯ୍ୟକ୍ରମ ଜନିତ ଚିନ୍ତା ପାଇଁ ଲୋକେ ଧନ୍‌ତେରାସ ଅଫରର ଲାଭ ଉଠାଇ ଥିଲେ । ଏହି ଅବସରରେ ଗଢା ମଜୁରୀ ଉପରେ ମିଳୁଥିବା ରିଆତିର ଲାଭ ଉଠାଇବା ପାଇଁ ଲୋକେ କାରବାର କରିଛନ୍ତି । ଚଳିତ କ୍ରୟରେ ସୁନା ଏବଂ ରୁପାର ବଡ଼ ଭୂମିକା ରହିଛି । ଉଚ୍ଚ ଦର ସତ୍ତ୍ୱେ ୬୦ ହଜାର କୋଟି ଟଙ୍କାର ସୁନା ଏବଂ ରୁପା ବିକ୍ରି ହୋଇଛି । କେବଳ ୩୬ କ୍ୱିଣ୍ଟାଲ ସୁନା ବିକ୍ରି ହୋଇଛି । ଏହା ଗତ ବର୍ଷ ତୁଳନାରେ ୨୫ ପ୍ରତିଶତ ଅଧିକ । ମାତ୍ର ପରିମାଣ ତୁଳନାରେ ୩ କ୍ୱିଣ୍ଟାଲ କମ୍ । ଗତ ବର୍ଷ ଏହି ଅବସରରେ ୩୯ କ୍ୱିଣ୍ଟାଲ ସୁନା ବିକ୍ରି ହୋଇଥିଲା । ଚଳିତ ବର୍ଷ ସୁନା ମୂଲ୍ୟ ୬୫ ପ୍ରତିଶତ ଏବଂ ରୁପା ମୂଲ୍ୟ ୮୧ ପ୍ରତିଶତ ବୃଦ୍ଧି ପାଇଛି । ତେଣୁ ବଜାରରେ ଉତ୍ସାହ ସେତେ ନ ଥିଲେ ବି ଧନୀଶ୍ରେଣୀୟ ଲୋକଙ୍କ କିଣାବିକା ଏବଂ ବିବାହ ▶ପୃଷ୍ଠା-୭



**୬୦ ହଜାର କୋଟିର ସୁନା, ରୁପା ବିକ୍ରି**

**ଗତ ବର୍ଷ ତୁଳନାରେ ୨୫% ଅଧିକ କାରବାର**

**ଗତ ବର୍ଷ ୩୯ ଟନ୍ ସୁନା ବିକ୍ରି; ଚଳିତ ବର୍ଷ ବିକ୍ରିହେଲା ୩୬ ଟନ୍**

### ରବିବାର ବିଭିନ୍ନ ଜିଲ୍ଲାରେ ବର୍ଷା

## ଭିଜିବ ଦୀପାବଳି !

■ **ଭୁବନେଶ୍ୱର, ୧୯।୧୦ (ସମିସ):** ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ଏହାର ସଂଲଗ୍ନ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ କାରଣରୁ ରବିବାର ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ହୋଇଛି । ବିଶେଷକରି ଅନୁଗୋଳ, ଢେଙ୍କାନାଳ, ଖୋର୍ଦ୍ଧା, କଟକ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡା ପରି ଜିଲ୍ଲାରେ ଆଜି ବର୍ଷା ସହ ହାଲୁକା ବେଗରେ ପବନ ହୋଇଥିଲା । ସୋମବାର ଦୀପାବଳିକୁ ନେଇ ରାଜ୍ୟବାସୀ ଉତ୍ସାହ ମଧ୍ୟରେ ଥିବାବେଳେ ଆସନ୍ତାକାଲି ମଧ୍ୟ ଏକାଧିକ ଜିଲ୍ଲାରେ ବର୍ଷା ହେବା ନେଇ ଆକଳନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର । ▶ପୃଷ୍ଠା-୭

**ପୁଲିସ ଚାକିରି ବେପାର**

## ଜେଲ୍‌ରେ ଆଉ ୬୩ ପରୀକ୍ଷାର୍ଥୀଙ୍କୁ ଜେରା

■ **ବ୍ରହ୍ମପୁର, ୧୯ ।୧୦ (ସମିସ):** ପୁଲିସ ସବ୍‌ଇନ୍ସପେକ୍ଟର୍ (ଏସ୍‌ଆଇ) ପରୀକ୍ଷା କେଳେଙ୍କାରୀ ମାମଲାରେ ଗିରଫ ୧୨୩ଅଭିଯୁକ୍ତଙ୍କ ମଧ୍ୟରୁ ରବିବାର ୬୩ଜଣ ପରୀକ୍ଷାର୍ଥୀଙ୍କୁ ବ୍ରହ୍ମପୁର ଜେଲରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଜେରା କରାଯାଇଛି । ଶନିବାର ୩୧ ଜଣଙ୍କୁ ପଚରାଉଚରା କରାଯାଇଥିବା ବେଳେ ରବିବାର ଆଉ ୬୩ ଜଣଙ୍କୁ ପଚରାଉଚରା କରାଯାଇଛି । ଫଳରେ ବର୍ତ୍ତମାନ ସୁଦ୍ଧା ମୋଟ ୯୪ଜଣଙ୍କୁ କ୍ରାଇମବ୍ରାଞ୍ଚ ଜେରା କଲାଣି । ଏଥିରେ ୨ ଦଲାଲ ମଧ୍ୟ ରହିଛନ୍ତି । ଅବଶିଷ୍ଟ ୨୯ଜଣଙ୍କୁ ଆଗାମୀ ଦିନରେ ଜେରା କରାଯିବ । ରବିବାର ▶ପୃଷ୍ଠା-୭

# ଧାରଣାରେ ପଥର; ମାଲ୍‌ବାହୀ ଲାଇନ୍‌ଚ୍ୟୁତ୍




■ **କୋରାପୁଟ, ୧୯।୧୦ (ସମିସ):** କୋତାବାଲସା-କିରଣ୍ଡୁଲ (କେଆର) ରେଳପଥରେ ରବିବାର ଭୋର୍ ପ୍ରାୟ ୪ଟାରେ ପଥର ଖସିବା ଯୋଗୁଁ ଏକ ମାଲବାହୀ ଟ୍ରେନ ଲାଇନଚ୍ୟୁତ୍ ହୋଇଛି । ଏଥିଯୋଗୁଁ ଦୀର୍ଘ ସମୟ ଧରି କୋରାପୁଟ ବିଶାଖାପାଟଣା ମଧ୍ୟରେ ରେଳ ଚଳାଚଳ ବନ୍ଦ ରହିଥିଲା । ଆଜି ଏକ ମାଲବାହୀ ଟ୍ରେନ୍ ବିଶାଖାପାଟଣା ନିକଟ ତୟଡା ଓ ଚିରୁପାଲି ଷ୍ଟେସନ୍ ମଝିରେ ଥିବା ୪୦୧ ମିଟର ଲମ୍ବ ବିଶିଷ୍ଟ ୧୭ନଂ ଟନେଲ ଅତିକ୍ରମ କରୁଥିବା ବେଳେ ଟ୍ରାକ୍ ଉପରେ ପଡ଼ିଥିବା ଏକ ବଡ଼ ପଥରକୁ ଧକ୍କା ଦେଇ ଲାଇନଚ୍ୟୁତ ହୋଇଥିଲା । ଟ୍ରେନ୍‌ର ଲୋକୋପାଇଲଟ୍ ଏବଂ କର୍ମଚାରୀଙ୍କଠାରୁ ସୂଚନା ପାଇ ଘଟଣାସ୍ଥଳରେ ୱାଲଟିୟର୍ ଡିଭିଜନର ଉଦ୍ଧାରକାରୀ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ▶ପୃଷ୍ଠା-୭

**କୋରାପୁଟ-କୋତାବାଲସା ରେଳଚଳାଚଳ ବାଧାପ୍ରାପ୍ତ**

## ଦୁର୍ଘଟଣାରୁ ବର୍ତ୍ତିଲା ବିଶାଖା ଏକ୍ସପ୍ରେସ୍

■ **ଭୁବନେଶ୍ୱର, ୧୯ ।୧୦ (ସମିସ):** ଭୁବନେଶ୍ୱରରୁ ବେଙ୍ଗାଲୁରୁ ଯାଉଥିବା ବିଶାଖା ଏକ୍ସପ୍ରେସ୍ (ଟ୍ରେନ୍ ନଂ-୧୮୪୬୩) ଶନିବାର ଦିନ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛି । ବେଙ୍ଗାଲୁରୁର ଗୌରୀବିଦାନପୁର ଓ ୟଲହଙ୍କା ଷ୍ଟେସନ୍ ମଝିରେ ରେଳ ଧାରଣାଟି ଦୁଇଖଣ୍ଡ ହୋଇଯାଇଥିବା ବେଳେ ତାହା ଟ୍ରେନ୍‌ର ଲୋକୋ-ପାଇଲଟ୍‌ଙ୍କ ନଜରରେ ପଡ଼ିଯାଇଥିଲା ଏବଂ ସେ ଟ୍ରେନ୍‌କୁ ତୁରନ୍ତ ଅଟକାଇ ଦେଇଥିଲେ । ସେତେବେଳକୁ ଟ୍ରେନ୍‌ର ଦୁଇଟି ବଗି ଭଙ୍ଗା ରେଳ ଧାରଣା ଅତିକ୍ରମ କରିଯାଇଥିଲା । କିନ୍ତୁ ସୌଭାଗ୍ୟକୁ ଟ୍ରେନ୍‌ର ଗତି ମନ୍ଥର ହୋଇଯାଇଥିବାରୁ ସେପରି କୌଣସି ଅଘଟଣ ଘଟିନଥିଲା ।






**ନୂଆପଡ଼ା ଉପନିର୍ବାଚନ**

# ନାମାଙ୍କନ ପୂର୍ବରୁ ବିଜେଡିର ବିଶାଳ ଶୋଭାଯାତ୍ରା



**ଶୋଭାଯାତ୍ରାରେ ଯୋଗଦେଲେ ଦଳର ବହୁ ବରିଷ୍ଠ ନେତା**

**ଶକ୍ତି ପ୍ରଦର୍ଶନ ନୁହେଁ; ନବୀନଙ୍କ ପ୍ରତି ନୂଆପଡ଼ାବାସୀଙ୍କ ଭଲପାଇବାର ନିଦର୍ଶନ: ସ୍ନେହାଙ୍ଗିନୀ**

■ **ନୂଆପଡା, ୧୯ ।୧୦ (ସମିସ):** ନୂଆପଡା ଉପନିର୍ବାଚନ ପାଇଁ ଆସନ୍ତାକାଲି ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ନାମାଙ୍କନ ପତ୍ର ଦାଖଲ କରିବେ । ଏହାପୂର୍ବରୁ ଆଜି ନୂଆପଡ଼ାରେ ବିଜେଡି କରିଛି ବିଶାଳ ଶୋଭାଯାତ୍ରା । ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀଙ୍କ ସମର୍ଥନରେ ସ୍ଥାନୀୟ ଜନସାଧାରଣ ଓ ଦଳୀୟ ନେତା ଏକ ବିଶାଳ ଶୋଭାଯାତ୍ରାରେ ସହରକୁ କମ୍ପମାନ କରିଛନ୍ତି । ବାଣ, ବାଜା ସହ ଲୋକଙ୍କ ନାଚ ଗୀତରେ ସହର ପ୍ରକମ୍ପିତ ହୋଇଛି । ଅନ୍ୟପକ୍ଷରେ ସ୍ନେହାଙ୍ଗିନୀ ଏହା ଶକ୍ତି ପ୍ରଦର୍ଶନ ନୁହେଁ ବରଂ ନବୀନଙ୍କ ପ୍ରତି ଲୋକମାନଙ୍କର ଭଲପାଇବାର ନିଦର୍ଶନ ବୋଲି କହିଛନ୍ତି । ସ୍ନେହାଙ୍ଗିନୀ ପ୍ରଥମେ ନୂଆପଡାର ଦେବୀ କଣା ଭଏଁରା ମନ୍ଦିରକୁ ଯାଇଥିଲେ । ସେଠାରେ ପୂଜାର୍ଚ୍ଚନା ପରେ ଆଦିବାସୀ କଲ୍ୟାଣ ସଂଘ ତରଫରୁ ଆୟୋଜିତ ସ୍ୱାଗତ ସମାରୋହରେ ଯୋଗ ଦେଇଥିଲେ । ସଂଘ ତରଫରୁ ଜିଲ୍ଲା ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ଭାନୁପ୍ରତାପ ▶ପୃଷ୍ଠା-୭

# ପ୍ୟାରିସ୍ ସଂଗ୍ରହାଳୟରୁ ଲୁଟିନେଲେ ମୂଲ୍ୟବାନ ଗହଣା

ପ୍ୟାରିସ, ୧୯।୧୦ (ଏଜେନ୍ସି): ଫ୍ରାନ୍ସ ରାଜଧାନୀ ପ୍ୟାରିସସ୍ଥିତ ବିଶ୍ୱ ପ୍ରସିଦ୍ଧ ଲୋଉଭ୍ରେ ସଂଗ୍ରହାଳୟକୁ ରବିବାର ସକାଳୁ ଅସ୍ଥାୟୀ ଭାବେ ବନ୍ଦ କରିଦିଆଯାଇଛି। ମିଳିଥିବା ସୂଚନା ଅନୁସାରେ, ସଂଗ୍ରହାଳୟରୁ କେତେକ ମୂଲ୍ୟବାନ ଗହଣା ତଥା ଆଭୁଷଣ ଚୋରି ହୋଇଯିବା ପରେ ଏହାକୁ ବନ୍ଦ



କରିବାକୁ ନିଷ୍ପତ୍ତି ନିଆଯାଇଛି। ରବିବାର ସକାଳେ ସଂଗ୍ରହାଳୟ ଖୋଲା ହେବା ସମୟରେ ଚୋରି ହୋଇଥିଲା ବୋଲି ଫ୍ରାନ୍ସ ସଂସ୍କୃତି ମନ୍ତ୍ରୀ ରଚିଦା ଡାତି ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରି ସୂଚନା ଦେଇଛନ୍ତି। କିନ୍ତୁ ଚୋରି ସମ୍ପର୍କରେ କୌଣସି ଅଧିକ ସୂଚନା ସରକାରଙ୍କ ତରଫରୁ ଦିଆଯାଇନାହିଁ। ଏହି ଘଟଣାର ଯାଞ୍ଚ କରାଯାଉଛି ବୋଲି ସେ କହିଛନ୍ତି। ଏହି ସଂଗ୍ରହାଳୟରେ ବିଶ୍ୱ ପ୍ରସିଦ୍ଧ ମୋନାଲିସା ପେଣ୍ଟିଂ ସହିତ ବିଶ୍ୱର କେତୋଟି ସବୁଠାରୁ ପ୍ରତିଷ୍ଠିତ ଐତିହାସିକ କାଳାକୃତି ରହିଛି। ଚୋରମାନେ ବିଶ୍ୱପ୍ରସିଦ୍ଧ କେତୋଟି ଗହଣା ଚୋରିକରି ନେଇଛନ୍ତି ବୋଲି କୁହାଯାଉଛି। ଚୋରମାନେ ନୋପୋଲିୟନ କଲେକ୍ସନ୍‌ରୁ ମୂଲବାନ ଗହଣା ଚୋରି କରି ନେଇଯାଇଛନ୍ତି ବୋଲି ଫ୍ରାନ୍ସର ଜଣାଶୁଣା ଖବର କାଗଜ 'ଲେ ପାରିସିଏନ୍' ଉଲ୍ଲେଖ କରିଛି। ଏହାକୁ ଫ୍ରାନ୍ସର ସାଂସ୍କୃତିକ ଇତିହାସ ଉପରେ ଏକ ବଡ଼ ଝଟ୍‌କା ବା ଆକ୍ରମଣ ବୋଲି କୁହାଯାଉଛି। ଏକରୁ ଊର୍ଦ୍ଧ୍ୱ ଚୋର ସଂଗ୍ରହାଳୟରେ ପଶିଥିଲେ ବୋଲି ପୁଲିସ କହିଛି। ଏହି ଚୋରମାନେ ସିନ ନଦୀର ସାମ୍ନାପଟୁ ସଂଗ୍ରହାଳୟରେ ପ୍ରବେଶ କରିଥିଲେ ଓ ସେଠାରେ ନିର୍ମାଣ କାର୍ଯ୍ୟ ଚାଲିଥିଲା। ଏହାପରେ ଚୋରମାନେ ଜିନିଷ ନିଆଯାଉଥିବା ଲିଫ୍ଟରେ ଆପୋଲୋ ଗ୍ୟାଲେରୀର ଏକ କଠୋରୀକୁ ଯାଇଥିଲେ ଓ ସେଠାରେ ଝରକା ଭାଙ୍ଗିଥିଲେ। ଏହାପରେ ସେମାନେ ସମ୍ରାଟ ନେପୋଲିୟନ ବେନାପାର୍ଟଙ୍କ ସମୟର ଓ ମହାରାଣୀଙ୍କର ୯ଟି ଆଭୁଷଣ ଚୋରି କରି ନେଇଯାଇଥିଲେ। ଉଲ୍ଲେଖଥାଉ କି, ଏହି ସଂଗ୍ରହାଳୟକୁ ବିଶ୍ୱର ସର୍ବାଧିକ ଲୋକ ଦେଖିବାକୁ ଆସିଥାନ୍ତି। ଏଠାରେ ବିଶ୍ୱ ପ୍ରସିଦ୍ଧ କଳାକୃତ ଓ ମୂଲ୍ୟବାନ ଜିନିଷ ରଖାଯାଇଛି।

# ଡ୍ରଗ୍ସ ବୁଡ଼ାଜାହାଜକୁ ଧ୍ୱଂସ କଲା ଆମେରିକା

ୱାସିଂଟନ, ୧୯।୧୦ (ଏଜେନ୍ସି): କ୍ୟାରିବିୟାନ ସାଗରରେ ଡ୍ରଗ୍ସ ଅର୍ଥାତ ନିଶା ଔଷଧ ନେଇ ଯାଉଥିବା ଏକ ଜାହଜ ଉପରେ ଆମେରିକା ଆକ୍ରମଣ କରିଛି। ଏଥିରେ ଦୁଇଜଣ ଡ୍ରଗ୍ସ ଚାଲାଣକରୀ ମୃତ୍ୟୁବରଣ କରିଛନ୍ତି। ବଞ୍ଚିଥିବା ଦୁଇଜଣ ବ୍ୟକ୍ତିଙ୍କୁ ସେମାନଙ୍କ ଦେଶ ଇକ୍ୱେଡର ଓ କଲମ୍ବିଆକୁ ପଠାଇ ଦିଆଯାଇଛି। ଏ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି। ଡ୍ରଗ୍ସ ନେଇ ଯାଉଥିବା ଏକ ବଡ଼ ଜାହାଜକୁ ନଷ୍ଟ କରିଦିଆଯାଇଥିବାରୁ

## ୨୫୦୦୦ ଆମେରିକୀୟ ବଞ୍ଚିଗଲେ: ଟ୍ରମ୍ପ

ଖୁସି ଓ ଗର୍ବ ଅନୁଭବ କରୁଛି ବୋଲି ଟ୍ରମ୍ପ ଉଲ୍ଲେଖ କରିଛନ୍ତି। ଏହି ଜାହଜ ଆମେରିକାକୁ ଯାଉଥିଲା। ଏଥିରେ ଫେଣ୍ଟେନାଇଲ୍ ଓ ଅନ୍ୟ ନିଶାଦ୍ରବ ଥିଲା। ଏହାଦ୍ୱାରା ୨୫୦୦୦ ଆମେରିକୀୟ ନାଗରିକ ବଞ୍ଚି ଯାଇଛନ୍ତି ବୋଲି ଟ୍ରମ୍ପ କହିଛନ୍ତି। ଲାଟିନ ଆମେରିକାରୁ ଆମେରିକାକୁ ଚାଲାଣ ହେଉଥିବା ଡ୍ରଗ୍ସ ଚାଲଣକୁ ରୋକିବା ପାଇଁ ଟ୍ରମ୍ପ ପ୍ରଶାସନ କ୍ରମାଗତ ଭାବେ ଅଭିଯାନ ଜାରି ରଖିଛି। ତେଣୁ ଏଭଳି ଆକ୍ରମଣ ଏହି ଅଭିଯାନର ଅଂଶ ବିଶେଷ ବୋଲି କୁହାଯାଇଛି। ଗତ ସେପ୍ଟେମ୍ବରରୁ ଏପର୍ଯ୍ୟନ୍ତ ଆମେରିକା ଆକ୍ରମଣରେ ୬ଟି ବୋଟ୍ ନଷ୍ଟ ହୋଇଛି। ଏଗୁଡିକ ମଧ୍ୟରେ ଅଧିକାଂଶ ସ୍ପିଡ୍ ବୋଟ୍ ସାମିଲ ରହିଥିଲା। ଡ୍ରଗ୍ସର ଚୋରା ଚାଲାଣକୁ ରୋକିବା ପାଇଁ ନିର୍ଣ୍ଣାୟକ ଆକ୍ରମଣ କରାଯାଉଛି ବୋଲି



# ଗାଜାରେ ଇସ୍ରାଏଲ୍‌ର ପୁଣି ଏୟାର ଷ୍ଟ୍ରାଇକ୍; ୩୫ ମୃତ

ଗାଜା,୧୯ ।୧୦(ଏଜେନ୍ସି): ଗାଜାରେ ଇସ୍ରାଏଲ ଓ ହାମାସ ମଧ୍ୟରେ ହୋଇଥିବା ଅସ୍ତ୍ରବିରତି ନେଇ ପୁଣିଥରେ ସଂଶୟ ସୃଷ୍ଟି ହୋଇଛି। ରାଫାରେ ଇସ୍ରାଏଲ ସୈନିକଙ୍କ ଉପରେ ହମାସ ଆକ୍ରମଣ କରିଛି। ଫଳରେ ଇସ୍ରାଏଲ ମଧ୍ୟ ଏହାର ଜବାବ ଦେଇଛି। ଇସ୍ରାଏଲ ଡିଫେନ୍ସ ଫୋର୍ସ (ଆଇଡିଏଫ୍) ଏୟାର ଷ୍ଟ୍ରାଇକ୍ କରିଛି। ଏ ସଂକ୍ରାନ୍ତରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କାଜ୍ ଓ ଆଇଡିଏଫ୍ ଚିଫ୍ ଅଫ୍ ଷ୍ଟାଫ୍ ଲେଫ୍ଟନାଣ୍ଟ ଜେନେରାଲ ଇୟାଲ ଜମୀରଙ୍କ ସହ ଖୁବଶୀଘ୍ର ଏକ ଜରୁରୀକାଳୀନ ବୈଠକରେ ମିଳିତ ହେବେ। ରବିବାର ରାଫାରେ ମିଲିଟାରୀ ଇଞ୍ଜିନିୟରିଂ ଗାଡ଼ିଗୁଡିକ ଉପରେ ହମାସ ଆଣ୍ଟି ଟ୍ୟାଙ୍କ ମିସାଇଲ ଦ୍ୱାରା ଆକ୍ରମଣ କରିଥିଲା ବୋଲି ଇସ୍ରାଏଲ କହିଛି। ଫଳରେ ଇସ୍ରାଏଲ ହମାସ ଅଞ୍ଚଳରେ ଆକାଶରୁ ଆକ୍ରମଣ କରିଥିଲା। ଏଥିରେ ବହୁ ଇସ୍ରାଏଲ ସୈନିକ ଆହତ ହୋଇଛନ୍ତି। ହମାସ ଅସ୍ତ୍ରବିରତି ଉଲ୍ଲଂଘନ କରିଛି ବୋଲି ଇସ୍ରାଏଲ କହିଛି। ଅନ୍ୟପଟେ ଇସ୍ରାଏଲ ଆକ୍ରମଣରେ ୩୫ ଜଣ ପାଲେଷ୍ଟାଇନ ନାଗରିକ ନିହତ ହୋଇଛନ୍ତି ବୋଲି କୁହାଯାଇଛି।

# ଦିଲ୍ଲୀରେ ପରକୀୟା ପ୍ରୀତି, ଗର୍ଭଧାରଣ ଓ ଡବଲ ମର୍ଡର

ନୂଆଦିଲ୍ଲୀ, ୧୯।୧୦ (ଏଜେନ୍ସି): କେନ୍ଦ୍ରୀୟ ଦିଲ୍ଲୀରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଏକ ପରକୀୟା ପ୍ରୀତିକୁ ନେଇ ଦୁଇଜଣ ଲୋକ ହତ୍ୟାର ଶିକାର ହୋଇଛନ୍ତି। ଜଣେ ଗର୍ଭବତୀ ମହିଳାଙ୍କୁ ତାଙ୍କ ପ୍ରେମିକ ଛୁରି ଭୁଶି ହତ୍ୟା କରିଥିଲେ। ପରେ ମହିଳାଙ୍କ ସ୍ୱାମୀ ମଧ୍ୟ ସମ୍ପୃକ୍ତ ହତ୍ୟାକାରୀ ପ୍ରେମିକଙ୍କୁ ହତ୍ୟା କରିଛନ୍ତି। ଶାଳିନୀ ନାମକ ଜଣେ ୨୨ ବର୍ଷୀୟା ମହିଳା ସ୍ୱାମୀ ଆକାଶଙ୍କ ସହ ରୁହନ୍ତି। ଆକାଶ ଇ- ରିକ୍ସା ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ଶାଳିନୀଙ୍କ ଦୁଇଟି ଝିଅ ଅଛନ୍ତି। ୩୪ ବର୍ଷୀୟ ସ୍ଥାନୀୟ ଅପରାଧୀ ଆଶୁ ଉରଫ୍ ଶୈଳେନ୍ଦ୍ରଙ୍କ ସହ ଶାଳିନୀଙ୍କ ଅବୈଧ ସମ୍ପର୍କ ରହିଥିଲା। ଶାଳିନୀ ତାଙ୍କ ପିଲାର ମା ହେବାକୁ ଯାଉଛନ୍ତି ବୋଲି ଆଶୁ ଦାବି କରୁଥିଲେ। କିନ୍ତୁ ସେ ସ୍ୱାମୀଙ୍କ ସହ ରହିବାକୁ ନିଷ୍ପତ୍ତି ନେଇଥିଲେ। ଏଥିରେ ଆଶୁ ଉତ୍ତେଜିତ ହୋଇ ଶାଳିନୀଙ୍କୁ ହତ୍ୟା କରିଛନ୍ତି ବୋଲି ପୁଲିସ କହିଛି। ଶନିବାର ରାତିରେ ଏହି ଘଟଣା ଘଟିଥିଲା। ଶାଳିନୀଙ୍କ ସହ ଆକାଶ କୁତୁବ ରୋଡ୍‌ରେ ତାଙ୍କ ଶାଶୁଙ୍କୁ ଦେଖିବାକୁ ଯାଇଥିଲେ। ବାଟରେ ଆଶୁ ଅଚାନକ ଆସି ଆକାଶଙ୍କୁ ଛୁରିରେ ଆକ୍ରମଣ କରିଥିଲେ। କିନ୍ତୁ ଆକାଶ ବର୍ତ୍ତିଯାଇଥିଲେ। ଏହାପରେ ଆଶୁ ଶାଳିନୀଙ୍କୁ ଇ-ରକ୍ସାରେ ବସିଥିବାର ଦେଖି ତାଙ୍କ ଉପରେ ବାରମ୍ବାର ଛୁରୀରେ ଆକ୍ରମଣ କରିଚାଲିଥିଲା। ଏତିକିବେଳେ ଆକାଶ ତାଙ୍କ ପତ୍ନୀଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ଆଶୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲା। କିନ୍ତୁ କୌଶଳକ୍ରମେ ଆକାଶ ଛୁରି ଛଡାଇ ଆଶୁଙ୍କୁ ବାରମ୍ବାର ଆକ୍ରମଣ କରି ହତ୍ୟା କରିଥିଲେ। ଏହାପରେ ୩ଜଣଙ୍କୁ ହସ୍ପିଟାଲ ନିଆଯାଇଥିଲା। ଶାଳିନୀ ଓ ଆଶୁଙ୍କୁ ଡାକ୍ତର ମୃତ ବୋଲି ଘୋଷଣା କରିଥିଲେ। କିନ୍ତୁ ଆକାଶ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି ବୋଲି ପୁଲିସ କହିଛି। ପୁଲିସ ଏ ନେଇ ମାମଲା ରୁଜୁ କରିଛି।

# ରାଘବ-ପରିଣିତିଙ୍କ ପୁତ୍ର ସନ୍ତାନ ଲାଭ

ନୂଆଦିଲ୍ଲୀ, ୧୯।୧୦ (ଏଜେନ୍ସି): ବଲିଉଡ ଅଭିନେତ୍ରୀ ପରିଣିତି ଚୋପ୍ରା ଓ ତାଙ୍କ ସ୍ୱାମୀ ଆମ ଆଦମି ପାର୍ଟି (ଆପ୍) ନେତା ରାଘବ ଚଡ୍ଢା ପ୍ରଥମ ସନ୍ତାନର ବାପା-ମା ହେବାର ସୌଭାଗ୍ୟ ଲାଭ କରିଛନ୍ତି। ରବିବାର ପରିଣିତି ଏକ ଶିଶୁ ପୁତ୍ରର ମା ହୋଇଛନ୍ତି। ଫଳରେ ଦୀପାବଳି ପୂର୍ବରୁ ଦୁଇଜଣଙ୍କ ଖୁସି ଦ୍ୱିଗୁଣିତ ହୋଇଛି। ଏ ନେଇ ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମ୍‌ରେ ଦୁହେଁ ପୋଷ୍ଟ କରି ସୂଚନା ଦେଇଛନ୍ତି। ରବିବାର ପରିଣିତି ଏକ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଚଳିତବର୍ଷ ଅଗଷ୍ଟରେ ଦୁହେଁ ଗର୍ଭଧାରଣ ନେଇ ସୂଚନା ଦେଇଥିଲେ। ଦୁହେଁ ୨୦୨୩ ସେପ୍ଟେମ୍ବରରେ ରାଜସ୍ଥାନର ଉଦୟପୁରର ଲୀଲା ପ୍ୟାଲେସ୍‌ରେ ବିବାହ କରିଥିଲେ। ଦୁହେଁ ଦୀର୍ଘଧରି ପରସ୍ପରକୁ ଡେଟ୍ କରିବା ପରେ ଶେଷରେ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ।

# ୫୦୦ ପୃଷ୍ଠାର ଜାମିନ ଆବେଦନକୁ ଖାରଜ କଲେ କୋର୍ଟ

ନୂଆଦିଲ୍ଲୀ, ୧୯।୧୦ (ଏଜେନ୍ସି): ୫୦୦ ପୃଷ୍ଠାର ଜାମିନ ଆବେଦନକୁ ଏକ ସ୍ଥାନୀୟ କୋର୍ଟ ଖାରଜ କରିଛନ୍ତି। ନୂଆଦିଲ୍ଲୀର କରକରଡୁମା କୋର୍ଟ ଶୁକ୍ରବାର ଜଣେ ଦୁଷ୍କର୍ମ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ଖାରଜ କରିଛନ୍ତି। ଅଭିଯୁକ୍ତଙ୍କ ତରଫରୁ ଓକିଲ ୫୦୦ ପୃଷ୍ଠାର ଆବେଦନ ଦାଖଲ କରିଥିଲେ। ଏହି ଆବେଦନ ବହୁତ ବଡ଼ ଓ ଏହାକୁ ପଢ଼ିବା ସମୟ ସାପେକ୍ଷ ବୋଲି କୋର୍ଟ କହିଥିଲେ। ଏହି ଦସ୍ତାବିଜକୁ ପଢ଼ିବା ଓ ଏହାର ତର୍ଜମା କରିବା ସମ୍ଭବ ନୁହଁ ବୋଲି ଆଡିସନାଲ ସେସନ ଜଜ୍ ରମେଶ କୁମାର କହିଥିଲେ। କୋର୍ଟଙ୍କ ଉପରେ ପୂର୍ବରୁ ବହୁତ ବୋଝ ରହିଛି। ତେଣୁ ଜାମିନ ଆବେଦନର ଦସ୍ତାବିଜକୁ ଆହୁରି ଛୋଟ କରିବାକୁ ଓ ପୁଣିଥରେ ନୂଆ କରି ଆବେଦନ କରିବାକୁ ଜଜ୍ ଓକିଲଙ୍କୁ ପରାମର୍ଶ ଦେଇଥିଲେ। ଅଭିଯୁକ୍ତଙ୍କ ବିରୋଧରେ କଲ୍ୟାଣପୁର ଥାନାରେ ମାମଲା ରୁଜୁ ହୋଇଥିଲା।

# ଦୀପାବଳି, ଛଟ୍ ପାଇଁ ଅସମ୍ଭାଳ ଟ୍ରାଫିକ୍

## ରେଳ ଷ୍ଟେସନ୍‌ରେ ବିହାର-ୟୁପି ଯାତ୍ରୀଙ୍କ ପ୍ରବଳ ଭିଡ଼



- ସୁରତରେ ୧୫ହଜାର ଯାତ୍ରୀ ସଡ଼କରେ ରାତି କାଟିଲେ
- କର୍ମଭୂମି ଏକ୍ସପ୍ରେସ୍‌ରୁ ଖସି ଦୁଇ ଯାତ୍ରୀ ମୃତ
- ଦିଲ୍ଲୀ ପ୍ଲାଟଫର୍ମରେ ଖଚାଖଚ୍ ଭିଡ଼

ସୁରତ,୧୯।୧୦(ଏଜେନ୍ସି):

ଦୀପାବଳି, ଛଟ୍ ପୂଜା ଓ ବିହାର ବିଧାନସଭା ନିର୍ବାଚନ ପାଇଁ ଦେଶରେ ବହୁ ରେଳ ଷ୍ଟେସନରେ ନାହିଁ ନଥିବା ଭିଡ଼ ପରିଲକ୍ଷିତ ହୋଇଛି। ବିହାର, ଉତ୍ତରପ୍ରଦେଶ ଖାସ୍ କରି ଉତ୍ତର ଭାରତ ଯିବାକୁ ଥିବା ଯାତ୍ରୀଙ୍କ ଭିଡ଼ ଦେଖିବାକୁ ମିଳିଛି। ଦିଲ୍ଲୀ, ସୁରତ ଓ ସୁରତର ଉଧନା ଷ୍ଟେସନରେ ପ୍ରବଳ ଭିଡ଼ ଯୋଗୁ ଯାତ୍ରୀ ହନ୍ତସନ୍ତ ହୋଇଛନ୍ତି। ଯାତ୍ରୀମାନେ ଟ୍ରେନ୍‌କୁ ଅପେକ୍ଷା କରି ରହିଛନ୍ତି। କିନ୍ତୁ ଟ୍ରେନ୍‌ଗୁଡିକର ବଗି ଫୁଲ୍ ଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ଟିକେଟ ଥାଇ ମଧ୍ୟ ବହୁ ଯାତ୍ରୀ ସୁରତରେ ଟ୍ରେନ୍ ଚଢ଼ିପାରିନାହାନ୍ତି। ଫଳରେ ଷ୍ଟେସନଠାରୁ ଆରମ୍ଭ କରି ଯାତ୍ରୀମାନଙ୍କ ଲାଇନ୍ ବିଭିନ୍ନ ରେସିଡେନ୍ସିଆଲ ଏରିଆ ପର୍ଯ୍ୟନ୍ତ ଲମ୍ବିଥିବାର ଲକ୍ଷ୍ୟ କରାଯାଇଛି। ୧୨ ଓ ୧୮ ଘଣ୍ଟାଧରି ଲୋକ ଭୋକ ଉପାସରେ ଲାଇନ୍‌ରେ ଠିଆ ହୋଇଛନ୍ତି। କେବଳ ଘରକୁ ଯିବା ଲକ୍ଷ୍ୟରେ ଯାତ୍ରୀ ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସୁରତର ଉଧଡ଼ା ଷ୍ଟେସନରେ ଦୁଇକିମି ଧରି ଲମ୍ବା ଲାଇନ୍ ଦେଖିବାକୁ ମିଳିଛି। ଉତ୍ତର ଭାରତକୁ ଯାଉଥିବା ସବୁ ଟ୍ରେନ୍ ଫୁଲ୍ ହୋଇଛି। ଏହାକୁ ଦୃଷ୍ଟିରେ ରଖି ପଶ୍ଚିମ ରେଳବାଇ ୨୧ଟି ସ୍ପେଶାଲ ଟ୍ରେନ୍ ଚାଲୁ କରିଛି।

ନିଜ ଜନ୍ମସ୍ଥାନରେ ଦୀପାବଳୀ ଓ ଛଟ୍ ପୂଜା ପାଳନ କରିବାକୁ ଲୋକେ ଘରକୁ ଫେରୁଥିବା ବେଳେ ଶନିବାର ବିଳମ୍ବିତ ରାତିରେ ଏକ ଦୁର୍ଘଟଣା ଘଟିଛି। ମୁମ୍ବାଇରୁ ବିହାରର ଇଷ୍ଟ ଚମ୍ପାରନ ଜିଲ୍ଲାର ରାକ୍ସାଉଲ ଯାଉଥିବା କର୍ମଭୂମି ଏକ୍ସପ୍ରେସ୍ ଟ୍ରେନ୍‌ରୁ ୩ଜଣ ଯୁବକ ଖସି ପଡ଼ିଥିଲେ। ଫଳରେ ଘଟଣାସ୍ଥଳରେ ଦୁଇଜଣ ଯୁବକ ମୃତ୍ୟୁବରଣ କରିଥିଲେ ଓ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି। ପୁଲିସ ମୃତକଙ୍କ ପରିଚୟ ପାଇବାକୁ ପ୍ରୟାସ କରୁଛି। ଏହି ଦୁର୍ଘଟଣା ନାସିକ ଷ୍ଟେସନ ନିକଟରେ ଘଟିଥିଲା।

# ଅସ୍ତ୍ରବିରତି ପାଇଁ ପାକ୍-ଆଫଗାନ୍ ତତ୍କାଳ ରାଜି

ଦୋହା, ୧୯।୧୦ (ଏଜେନ୍ସି): ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଅକ୍ଟୋବର ୯ରୁ ଆରମ୍ଭ ହୋଇଥିବା ସଂଘର୍ଷରେ ଯବନିକା ପଡିଛି। ଦୁଇ ଦେଶ ତତ୍କାଳ ଅସ୍ତ୍ରବିରତି ପାଇଁ ରାଜି ହୋଇଛନ୍ତି। ଏ ନେଇ କାତାର ବୈଦେଶିକ ମନ୍ତ୍ରଣାଳୟ ତରଫରୁ ଘୋଷଣା କରାଯାଇଛି। କାତାର ଓ ତୁର୍କୀ ମଧ୍ୟସ୍ଥତାରେ ରାଜଧାନୀ ଦୋହାରେ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଆଲୋଚନା ହୋଇଥିଲା। ଏଥିରେ ଦୁଇଦେଶ ତତ୍କାଳ ଅସ୍ତ୍ରବିରତି ପାଇଁ ସହମତି ପ୍ରକାଶ କରିଛନ୍ତି। ଏଥିସହ ସୀମାରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଓ ସ୍ଥିରତା ବଜାୟ ରଖିବାକୁ ଉଭୟ ପକ୍ଷ ରାଜି ହୋଇଛନ୍ତି। ଏଥିସହ ଆଗାମୀ କିଛିଦିନରେ ଦୁଇ ଦେଶ ଫଲୋଅପ୍ ମିଟିଂ ଅର୍ଥାତ

- କାତାର ବିଦେଶ ମନ୍ତ୍ରଣାଳୟର ଘୋଷଣା
- ଦୋହାରେ ଦୁଇ ଦେଶ ମଧ୍ୟରେ ବୈଠକ



କାର୍ଯ୍ୟବାହ ବୈଠକ ପାଇଁ ମଧ୍ୟ ରାଜି ହୋଇଛନ୍ତି ବୋଲି କୁହାଯାଇଛି। ଏହି ବୁଝାମଣାକୁ କାତାର ଏକ ବଡ଼ କୂଟନୈତିକ ସଫଳତା ବୋଲି କହିଛି। ଏହାଦ୍ୱାରା ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ସଂଘର୍ଷ ଓ ଉତ୍ତେଜନା କମ୍ ହେବ ଓ ସ୍ଥାୟୀ ଶାନ୍ତିର ମୂଳଦୁଆ ପଡିବ ବୋଲି କାତାର ପକ୍ଷରୁ କୁହାଯାଇଛି। ଉଲ୍ଲେଖଥାଉ କି, ପାକିସ୍ତାନ ଶୁକ୍ରବାର ଆଫଗାନିସ୍ତାନ ଉପରେ ଏୟାର ଷ୍ଟ୍ରାଇକ କରିଥିଲା ଓ ଏଥିରେ ୩ ଜଣ କ୍ରିକେଟରଙ୍କ ସମେତ ୧୭ ଲୋକ ମୃତ୍ୟୁବରଣ କରିଥିଲେ। ଏହାପୂର୍ବରୁ ଅକ୍ଟୋବର ୧୫ରେ ଦୁଇଦେଶ ମଧ୍ୟରେ ୪୮ ଘଣ୍ଟିଆ ଅସ୍ତ୍ରବିରତି ଘୋଷଣା ହୋଇଥିଲା ଓ ଏହା ଶୁକ୍ରବାର ସନ୍ଧ୍ୟା ୬ଟାରେ ଶେଷ ହୋଇଥିଲା।

# ବଙ୍ଗରେ ନକଲି ପାସପୋର୍ଟ ର୍ୟାକେଟର ପର୍ଦ୍ଦାଫାସ

ନୂଆଦିଲ୍ଲୀ, ୧୯।୧୦ (ଏଜେନ୍ସି): ପଶ୍ଚିମବଙ୍ଗରେ ଏକ ବଡ଼ ନକଲି ପାସ୍‌ପୋର୍ଟ ର୍ୟାକେଟର ପର୍ଦ୍ଦାଫାସ ହୋଇଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏହି ର୍ୟାକେଟର ପର୍ଦ୍ଦାଫାସ କରିଛି। ଅବୈଧଭାବେ ଭାରତରେ ଥିବା ୪୦୦ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇଛି। ଏମାନେ ନକଲି ଦସ୍ତାବେଜ ତିଆରି କରି ଭାରତୀୟ ପାସ୍‌ପୋର୍ଟ ହାସଲ କରିଛନ୍ତି। ଏହି ର୍ୟାକେଟରେ ପାକିସ୍ତାନ ନାଗରିକ ଆଜାଦ ମଲିକ ଓ ଇନ୍ଦୁ ଭୂଷଣ ସାମିଲ ରହିଛନ୍ତି। ଏମାନେ ହାୱାଲା ମାଧ୍ୟମରେ ନେଣଦେଣ କରିବା ସହ ପରିଚୟପତ୍ର ପ୍ରସ୍ତୁତ କରୁଥିଲେ। ଏ ବାବଦରେ ଇଡି ୨ କୋଟି ଊର୍ଦ୍ଧ୍ୱ ଟଙ୍କାର ନେଣଦେଣ ନେଇ ପର୍ଦ୍ଦାଫାସ କରିଛି। ଏହିକ୍ରମରେ ୪୦୦ ବାଂଲାଦେଶୀଙ୍କୁ ଭରାତୀୟ ନାଗରିକରେ ପରିଣତ କରାଯାଇଛି ଓ ଏମାନଙ୍କୁ ଚିହ୍ନଟ ମଧ୍ୟ କରାଯାଇଛି। କୋଲକାତା ପାସ୍‌ପୋର୍ଟ କାର୍ଯ୍ୟାଳୟରୁ ଇଡି ଏନେଇ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। ପାସ୍‌ପୋର୍ଟ ଦେବା ପୂର୍ବରୁ ଏହି ଅନୁପ୍ରବେଶକାରୀଙ୍କର ଆଧାର ଓ ପାନ କାର୍ଡ ପ୍ରସ୍ତୁତ କରାଯାଉଥିଲା। ଏହାପରେ ଏମାନଙ୍କ ନାମ ଭୋଟର ତାଲିକାରେ ସାମିଲ କରାଯାଉଥିଲା। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ମାତ୍ର ୫ ଲକ୍ଷ ଟଙ୍କା ବିନିମୟରେ ନକଲି ପାସ୍‌ପୋର୍ଟ ପ୍ରସ୍ତୁତ କରାଯାଉଥିଲା ବୋଲି ଇଡି ତରଫରୁ କୁହାଯାଇଛି। ଏହିକ୍ରମରେ ଇଡି ନିକଟରେ ପଶ୍ଚିମବଙ୍ଗର ନଦିଆ ଜିଲ୍ଲାରେ ନକଲି ପାସ୍‌ପୋର୍ଟ ର୍ୟାକେଟ ଚଳାଉଥିବା ଜଣେ ସଂଦୀଗ୍ଧ ସଂଚାଳକକୁ ଗରିଫ କରିଥିଲା।

# ପଡ଼ିରହିଛି ୯ ଲକ୍ଷ ଏକ୍‌ଜିକ୍ୟୁଟିଭ୍ ପିଟିସନ୍; ସୁପ୍ରିମକୋର୍ଟ କ୍ଷୁବ୍ଧ

ନୂଆଦିଲ୍ଲୀ, ୧୯ ।୧୦ (ଏଜେନ୍ସି): ସାରା ଦେଶରେ ୮.୮୨ ଲକ୍ଷରୁ ଊର୍ଦ୍ଧ୍ୱ ଏକ୍‌ଜିକ୍ୟୁଟିଭ୍ ପିଟିସନ୍ ପଡିରହିଛି। ସୁପ୍ରିମକୋର୍ଟ ଏ ନେଇ ଅସନ୍ତୋଷ ଜାହିର କରିବା ସହ ଏହାକୁ ଅତ୍ୟନ୍ତ ନୈରାଶ୍ୟଜନକ ବୋଲି କହିଛି। କୋର୍ଟଙ୍କ ଆଦେଶକୁ ଲାଗୁ କରିବା ପାଇଁ ଦାଖଲ କରାଯାଉଥିବା ପିଟିସନକୁ ଏକ୍‌ଜିକ୍ୟୁଟିଭ୍ ପିଟିସନ୍ କୁହାଯାଇଥାଏ। ଦେଶରେ ଏଭଳି ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ବୋଲି ଜଷ୍ଟିସ୍ ଜେବି ପରଦିୱାଲା ଓ ଜଷ୍ଟିସ ପଙ୍କଜ ମିତ୍ତଲଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି।

ଯଦି କୌଣସି ସିଭିଲ ବିବାଦରେ କୋର୍ଟ ଆଦେଶ ଦେଇଥାନ୍ତି ଓ ହାରିଥିବା ବ୍ୟକ୍ତି ତାହାକୁ ମାନିବାକୁ ମନା କରିଥାନ୍ତି, ସେତେବେଳେ ନିର୍ଦ୍ଦେଶକୁ ଲାଗୁ କରିବା ପାଇଁ ବିଜେତା ପକ୍ଷ କୋର୍ଟରେ ଏଭଳି ଆବେଦନ ଦାଏର କରିଥାନ୍ତି। ମୋଟ ଉପରେ କୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରି କରିବାକୁ ଏହି ପ୍ରକ୍ରିୟାର ଅଲମ୍ବନ କରାଯାଇଥାଏ। ଯଦି କୋର୍ଟଙ୍କ ଆଦେଶକୁ ବର୍ଷ ବର୍ଷ ଧରି ଲାଗୁ କରା ନଯାଏ, ତେବେ ଏଭଳି ରାୟ ବା ନିର୍ଦ୍ଦେଶର କୌଣସି ଅର୍ଥନାହିଁ ଓ ଏହା ନ୍ୟାୟ ବ୍ୟବସ୍ଥା ପ୍ରତି ଉପହାସ ସୃଷ୍ଟି କରୁଛି ବୋଲି ଏହି ଖଣ୍ଡପୀଠ କହିଛନ୍ତି। ଏପର୍ଯ୍ୟନ୍ତ ଦେଶରେ ୮, ୮୨, ୫୭୮ଟି ଏକ୍‌ଜିକ୍ୟୁଟିଭ୍ ପିଟିସନ୍ ପଡିରହିଛି। ୨୦୨୪ ମାର୍ଚ୍ଚ ପର୍ଯ୍ୟନ୍ତ ୩.୩୮ ଲକ୍ଷ ମାମଲାର ସମାଧାନ ହୋଇଛି। ସବୁ ଜିଲ୍ଲା କୋର୍ଟଙ୍କୁ ସ୍ପଷ୍ଟ ଦିଶା ନିର୍ଦ୍ଦେଶ ଦେବା ପାଇଁ ସୁପ୍ରିମକୋର୍ଟ ହାଇକୋର୍ଟଙ୍କୁ କହିଛନ୍ତି।

**ମିଳିଲାନି ଟିକଟ୍**

# କାନ୍ଦି କାନ୍ଦି ଗଡ଼ିଲେ ନେତା

ନୂଆଦିଲ୍ଲୀ, ୧୯।୧୦ (ଏଜେନ୍ସି): ବିହାରରେ ପ୍ରଥମ ପର୍ଯ୍ୟାୟ ମତଦାନକୁ ମାତ୍ର ୧୮ ଦିନ ବାକି ରହିଛି। ସୋମବାର ପୂର୍ବରୁ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବା ପାଇଁ କଣ୍ଟ ରହିଛି। କିନ୍ତୁ ଏ ପର୍ଯ୍ୟନ୍ତ ବିରୋଧୀଙ୍କ ମହାମେଣ୍ଟ 'ଇଣ୍ଡିଆ'ରେ ଆସନ ବୁଝାମଣା ହୋଇପାରୁ ନାହିଁ। ଏହାକୁ ନେଇ କଂଗ୍ରେସ ଏବଂ ଆରଜେଡି ଭିତରେ ଟଣା ଓଟରା ଜାରି ରହିଛି। ତେବେ ଦୁଇ ଦଳ ଅଲଗା ଅଲଗା ଭାବେ ପ୍ରାର୍ଥିଙ୍କୁ ଟିକଟ ଦେଇଛନ୍ତି। ଲାଲୁ ପ୍ରସାଦ ଯାଦବଙ୍କ ଆରେଜଡି ରବିବାର ସକାଳେ ପ୍ରଥମ ତାଲିକା ଜାରି କରି ୪୮ ଜଣଙ୍କୁ ଟିକଟ ଦେଇଛି। ରାଘୋପୁରରୁ ବିଜେପି ପ୍ରାର୍ଥୀ ସତୀଶ ଯାଦବଙ୍କ ସହ ବିରୋଧୀ ଦଳ ନେତା ତେଜସ୍ୱୀ ମୁକାବିଲା କରିବେ। ୨୦୧୦ ନିର୍ବାଚନରେ ତେଜସ୍ୱୀଙ୍କ ମାଆ ରାବଡ଼ି ଦେବୀଙ୍କୁ ସତୀଶ ହରାଇ ଥିଲେ। ଏହି ତାଲିକାରେ ୨୨ ଯାଦବ, ୩ ମୁସଲିମ ଭୂମିହାର-ବ୍ରାହ୍ମଣ ସମାଜର ୩ ଜଣ ସାମିଲ ଅଛନ୍ତି। ତେବେ ଔରଙ୍ଗାବାଦର ତିନି ବିଧାୟକଙ୍କ ଟିକଟ କଟିଯାଇଥିବାରୁ ତାଙ୍କ ସମର୍ଥକ ହଙ୍ଗାମା କରିଛନ୍ତି। ଅନ୍ୟପଟେ ଟିକଟ ପାଇ ନ ଥିବା ଆରଜେଡି ନେତା ମଦନ ଶାହା ରବିବାର ସକାଳେ ରାବ୍‌ଡ଼ି ଦେବୀଙ୍କ ବାସଭବନ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେ ନିଜ କୁର୍ତ୍ତା ଚିରି ରାସ୍ତାରେ ଗଡ଼ି ଗଡ଼ି ଏବଂ କାନ୍ଦି କାନ୍ଦି ନିଜ ଦୁଃଖ କହିଛନ୍ତି। ମଧୁବନ ଟିକଟ ଦେବା ପାଇଁ ସଞ୍ଜୟ ଯାଦବ ତାଙ୍କୁ ୨.୭୦ କୋଟି ଟଙ୍କା ମାଗିଥିଲେ ବୋଲି ଅଭିଯୋଗ କରିଛନ୍ତି।



# ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-114 ◆MONDAY ◆20 OCTOBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୧୧୪ ◆ସୋମବାର ◆୨୦ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଗର୍ଭଗୃହରେ ଖସୁଛି ଗୋଡ଼

## ଶୁଣୁନି ଶ୍ରୀମନ୍ଦିର ପ୍ରଶାସନ



■ ପୁରୀ, ୧୯।୧୦ (ସମିସ): ଶ୍ରୀମନ୍ଦିର ଗର୍ଭଗୃହରେ ଗୋଡ଼ ଖସୁଛି। ଫଳରେ ବିଭିନ୍ନ ସମୟରେ ସେବାୟତମାନେ ପଡ଼ି ଯାଉଛନ୍ତି। ଏନେଇ ମନ୍ଦିର ପ୍ରଶାସନକୁ ଅବଗତ କଲେ ମଧ୍ଯ କିଛି ସୁଫଳ ମିଳୁନାହିଁ। ଶେଷରେ

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବରିଷ୍ଠ ସେବାୟତ**

ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ବରିଷ୍ଠ ସେବାୟତ ଈପ୍ସିତ ପ୍ରତିହାରୀ। ସେ ଦର୍ଶାଇଛନ୍ତି ଯେ ଶ୍ରୀମନ୍ଦିର ଭିତରକାଠରୁ ରତ୍ନସିଂହାସନ ପର୍ଯ୍ୟନ୍ତ ଖସଡ଼ା ଦିନକୁ ଦିନ ବଢ଼ିଚାଲିଛି। ଫଳରେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଶ୍ରୀମନ୍ଦିର ପ୍ରଶାସନ ଦୃଷ୍ଟିକୁ ଆଣିଲେ ମଧ୍ଯ କୌଣସି ସୁଫଳ ମିଳୁନାହିଁ। ଗତ ୧୩ତାରିଖରେ ମହାପ୍ରଭୁଙ୍କ ସେବା ଚାଲିଥିଲା। ପହୁଡ଼ ଆଳତି ବେଳେ ଏହି ଖସଡ଼ା ଯୋଗୁଁ ଜଣେ ସେବକଙ୍କ ଗୋଡ଼ ଖସିଯାଇଥିଲା। ସେ କଚାଡ଼ି ହୋଇ ତଳେ ପଡ଼ିଥିଲେ। ତାଙ୍କ ସହ ଧକ୍କା ହେବାରୁ ତାଙ୍କ ହାତରୁ ରୁପା ବଟା ଅନ୍ୟତ୍ର ଯାଇ ପଡ଼ିଥିଲା ବୋଲି କହିଛନ୍ତି ଈପ୍ସିତ। ସିଂହାସନଠାରୁ ଭିତରକାଠ ପର୍ଯ୍ୟନ୍ତ ଖସଡ଼ା ସଫା କରାଯାଉନାହିଁ, ଯେଉଁଥିପାଇଁ ଦୁର୍ଘଟଣା ଘଟୁଛି। ତେଣୁ, ଏ ଦିଗରେ ପଦକ୍ଷେପ ନେବା ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ସେ ଅନୁରୋଧ କରିଛନ୍ତି।

**କନ୍ଧମାଳରେ ପୁଣି ଲଜ୍ଜା**

# ଜଙ୍ଗଲରେ ଅଷ୍ଟମ ଛାତ୍ରୀଙ୍କୁ ଦୁଷ୍କର୍ମ

ଦାରିଙ୍ଗବାଡ଼ି, ୧୯।୧୦(ସମିସ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ପୁଣି ଲଜ୍ଜା। ଚପଲ କିଣିଦେବା ଆଳରେ ଡାକିନେଇ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ତାଙ୍କ ଗ୍ରାମର ଜଣେ ସମ୍ପର୍କୀୟ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଏନେଇ ନାବାଳିକାଙ୍କ ଦାଦା ଶନିବାର ଅପରାହ୍ନରେ ଦାରିଙ୍ଗବାଡି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନାନୁସାରେ, ଦାରିଙ୍ଗବାଡ଼ି ଥାନା ଅଞ୍ଚଳର ଗୋଟିଏ ପରିବାରର ବାପା ଓ ମା' ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଛନ୍ତି। ୧୪ ବର୍ଷର ନାବାଳିକା ତାଙ୍କର ୪ ଛୋଟ ଭାଇଭଉଣୀଙ୍କୁ ନେଇ ଘରେ ରହୁଥିଲେ। ଛୋଟ ଭାଇଭଉଣୀଙ୍କ ଦାୟିତ୍ୱ ନେବା ସହ ନିଜେ ପାଠ ପଢୁଥିଲେ। ସେହି ଗ୍ରାମର ଜଣେ ବିବାହିତ ଯୁବକ ଶୁକ୍ରବାର ମଧ୍ୟାହ୍ନରେ ନାବାଳିକାଙ୍କୁ ତୁମ ବାପା ତୁମ ପାଇଁ ଚପଲ କିଣିବାକୁ ମୋ ଆକାଉଣ୍ଟକୁ ପଇସା ପଠାଇଛନ୍ତି। ଦାରିଙ୍ଗବାଡି ବଜାର ଯାଇ ଚପଲ କିଣିଦେବି ବୋଲି କହିଥିଲେ। ଏଥିରେ ନାବାଳିକାଜଣଙ୍କ ତାଙ୍କ କଥାରେ ବିଶ୍ୱାସ କରି ତାଙ୍କ ସହ ଯାଇଥିଲେ। ହେଲେ ଯୁବକଜଣଙ୍କ ଅଧା ରାସ୍ତାରୁ ବଜାର ନେବା ବଦଳରେ ନାବାଳିକାଙ୍କୁ ଜଙ୍ଗଲର ଏକ ନିଛାଟିଆ ସ୍ଥାନକୁ ନେଇ ମାରଣାସ୍ତ୍ର ଦେଖାଇ ଭୟଭୀତ କରି ଦୁଷ୍କର୍ମ କରିଥିଲେ। ଘଟଣା ସମ୍ପର୍କରେ କାହାକୁ କହିଲେ, ଜୀବନରେ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ନାବାଳିକାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ସେ ଘରକୁ ଫେରି ନିଜ ଖୁଡ଼ୀଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲା।

# ୪୭୧ ପଞ୍ଚାୟତ କାର୍ଯ୍ୟାଳୟର ଭୂମି ପୂଜନ କଲେ ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୧୯।୧୦ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଲୋକସେବା ଭବନରେ ଆଭାସୀ ମାଧ୍ୟମରେ ରାଜ୍ୟରେ ୪୭୧ଟି ପଞ୍ଚାୟତ କାର୍ଯ୍ୟାଳୟର ଭୂମି ପୂଜନ ଏବଂ ଅନ୍ତ୍ୟୋଦୟ ଗୃହ ଯୋଜନାର ପ୍ରଥମ କିସ୍ତି ବଣ୍ଟନ କରିଛନ୍ତି। ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲା ବ୍ୟତୀତ ରାଜ୍ୟର ୨୮ଟି ଜିଲ୍ଲାରେ ୪୭୧ଟି ପଞ୍ଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର

- ■ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରଥମ କିସ୍ତି ବଣ୍ଟନ
- ■ ୪୮,୬୯୩ ହିତାଧିକାରୀଙ୍କୁ ପ୍ରଥମ କିସ୍ତିର ୪୦ ହଜାର ଟଙ୍କା ପ୍ରଦାନ

ସ୍ଥାପନ କରାଯିବା ସହ ୪୮,୬୯୩ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରଥମ କିସ୍ତି ବାବଦରେ ୪୦ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ପଞ୍ଚାୟତଗୁଡ଼ିକୁ ଜନକଲ୍ୟାଣ ଓ ଲୋକସେବାର କେନ୍ଦ୍ର ଭାବେ ବିକଶିତ କରୁଛନ୍ତି। ପ୍ରତ୍ୟେକ ପଞ୍ଚାୟତ ଅଫିସ୍ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ୩୫ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ଏହି ପଞ୍ଚାୟତ କାର୍ଯ୍ୟାଳୟଗୁଡ଼ିକରେ ସରପଞ୍ଚ, ପଞ୍ଚାୟତ ଏକ୍‌ଜିକ୍ୟୁଟିଭ୍ ଅଫିସର୍, ଜୁନିଅର ଇଞ୍ଜିନିୟର୍, ଗ୍ରାମ ରୋଜଗାର ସେବକ ଓ ଆକାଉଣ୍ଟାଣ୍ଟ କମ୍ ଡାଟାଏଣ୍ଟ୍ରି ଅପରେଟର୍‌ମାନଙ୍କ ପାଇଁ ସ୍ୱତନ୍ତ୍ର ରୁମ୍ ରହିବ। ପଞ୍ଚାୟତର ସମସ୍ତ ସେବା ଗୋଟିଏ ଜାଗାରେ ହିଁ ମିଳିବ। ଏହି କାର୍ଯ୍ୟାଳୟଗୁଡ଼ିକ ୱାନ୍-ଷ୍ଟପ୍-ସର୍ଭିସ୍ ସେଣ୍ଟର୍ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।



ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୨୦୨୪-୨୫ରୁ ୨୦୨୭-୨୮ ଆର୍ଥିକ ବର୍ଷ ମଧ୍ୟରେ ୭,୫୫୦ କୋଟି ଟଙ୍କା ବ୍ୟୟବରାଦ ରଖାଯାଇଛି। ଏଥିରେ ୫ଲକ୍ଷ ଘର ନିର୍ମାଣ କରାଯିବ। ନୂଆପଡ଼ା, କଳାହାଣ୍ଡି ଜିଲ୍ଲାକୁ ଛାଡ଼ି ବାକି ୨୮ ଜିଲ୍ଲାର ୪୮ହଜାର ୬୯୩ ହିତାଧିକାରୀଙ୍କୁ ପ୍ରଥମ କିସ୍ତିର ୪୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ସମୁଦାୟ ୧୯୪ କୋଟି ୭୭ ଲକ୍ଷ ୨୦ହଜାର ଟଙ୍କା ବଣ୍ଟନ କରାଯାଇଛି। ହିତାଧିକାରୀମାନଙ୍କୁ ଦ୍ୱିତୀୟ କିସ୍ତିରେ ୬୫ ହଜାର ଏବଂ ତୃତୀୟ କିସ୍ତିରେ ୧୫ ହଜାର ଟଙ୍କା; ଏହିପରି ସମୁଦାୟ ୧ ଲକ୍ଷ ୨୦ ହଜାର ଟଙ୍କା ଦିଆଯିବ ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ଯେଉଁ ହିତାଧିକାରୀମାନେ ୪ ମାସ ମଧ୍ୟରେ ଘର ଶେଷ କରିବେ, ସେମାନଙ୍କୁ ୨୦ହଜାର ଟଙ୍କା ଏବଂ ଯେଉଁମାନେ ୬ ମାସରେ ଘର ଶେଷ କରିବେ, ସେମାନଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ଦିଆଯିବ। ସମସ୍ତ ହିତାଧିକାରୀଙ୍କୁ ଆଇଏପି ବା ସମନ୍ୱିତ କାର୍ଯ୍ୟ ଯୋଜନା ଜିଲ୍ଲାରେ ମନରେଗା କାର୍ଯ୍ୟକ୍ରମରେ ୯୫ ଦିନର ମଜୁରି ଏବଂ ଅଣ-ଆଇଏପି ଜିଲ୍ଲାରେ ୯୦ ଦିନର ମଜୁରି ମଧ୍ୟ ଦିଆଯାଉଛି। ଏହାସହ ହିତାଧିକାରୀଙ୍କୁ ଶୌଚାଳୟ, ପାଇପ ପାଣି ଆଦି ଅନ୍ୟାନ୍ୟ ମୌଳିକ ସୁବିଧା ମଧ୍ୟ ଦିଆଯାଉଛି। ଏହି ଅନ୍ତ୍ୟୋଦୟ ଗୃହ ଯୋଜନା ଗରିବ, ଅନଗ୍ରସର ତଥା ଅସହାୟ ପରିବାରମାନଙ୍କ ପାଇଁ ଏକ ସୁରକ୍ଷିତ ଓ ସ୍ଥାୟୀ ଆଶ୍ରୟସ୍ଥଳ ନିର୍ମାଣ କରିବାରେ ସହାୟକ ହେବ।

କାର୍ଯ୍ୟକ୍ରମରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ନିର୍ଦ୍ଦେଶକ ଭିନିତ ଭରଦ୍ୱାଜ ଏବଂ ଆଭାସୀ ମାଧ୍ୟମରେ ୨୮ଟି ଜିଲ୍ଲାରେ ମନ୍ତ୍ରୀ, ସାଂସଦ, ବିଧାୟକ, ପଞ୍ଚାୟତିରାଜ ପ୍ରତିନିଧିଙ୍କ ସମେତ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ।

# ବୃତ୍ତି ପାଉଥିବା ଛାତ୍ରୀଙ୍କୁ ମିଳିବ ନାହିଁ 'ସୁଭଦ୍ରା' ସହାୟତା

ଭୁବନେଶ୍ୱର, ୧୯ ।୧୦(ସମିସ): ବୃତ୍ତି ପାଉଥିବା ଛାତ୍ରୀମାନଙ୍କୁ ମିଳିବ ନାହିଁ 'ସୁଭଦ୍ରା' ସହାୟତା। ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଏଥିପାଇଁ ଆରମ୍ଭ କରିଛି ପ୍ରକ୍ରିୟା। ଯେଉଁ ଛାତ୍ରୀମାନେ ବାର୍ଷିକ ୧୮ ହଜାର ବା ତଦୁର୍ଦ୍ଧ୍ୱ ବୃତ୍ତି ପାଉଛନ୍ତି, ସେମାନଙ୍କ ସମ୍ପର୍କରେ ତଥ୍ୟ ଦେବାକୁ ବିଭାଗ ପକ୍ଷରୁ ଅନୁସୂଚୀତ ଜାତି, ଜନଜାତି ଓ ପଛୁଆ ବର୍ଗ ବିଭାଗକୁ ଚିଠି ଲେଖାଯାଇଛି। ଫଳରେ ରାଜ୍ୟର ବିଭିନ୍ନ ଉଚ୍ଚଶିକ୍ଷା ପ୍ରତିଷ୍ଠାନରେ ଶିକ୍ଷାଲାଭ କରୁଥିବା ୨୧ ବର୍ଷରୁ ଉର୍ଦ୍ଧ୍ୱ ଅନୁସୂଚୀତ ଜାତି ଓ ଜନଜାତିର ୧୦ ହଜାର ଛାତ୍ରୀଙ୍କ ସହ ଅନ୍ୟାନ୍ୟ ବର୍ଗର ମୋଟ ୫୦ ହଜାର ଛାତ୍ରୀ ସୁଭଦ୍ରା ସହାୟତାରୁ ବଞ୍ଚିତ ହେବା ନିଶ୍ଚିତ ହୋଇ ଯାଇଛି। ରାଜ୍ୟରେ ୨୧ରୁ ୬୦ ବର୍ଷର ମହିଳାଙ୍କୁ ସୁଭଦ୍ରା ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ମାତ୍ର ଯେଉଁ ଛାତ୍ରୀମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାରେ ବାର୍ଷିକ ୧୮ ହଜାର ବା ତଦୁର୍ଦ୍ଧ୍ୱ ଆର୍ଥିକ ସହାୟତା ପାଉଥିବେ ସେମାନଙ୍କୁ ସୁଭଦ୍ରା ଯୋଜନାରୁ ବାଦ ଦିଆଯିବାକୁ ନିଷ୍ପତ୍ତି ହୋଇଛି। ଏ ସଂକ୍ରାନ୍ତରେ ବିଭାଗ ନିକଟରେ ଅନେକ ଅଭିଯୋଗ ପହଞ୍ଚିଥିବାରୁ ସମ୍ପୃକ୍ତ ଛାତ୍ରୀମାନଙ୍କୁ ଆଉ ସୁଭଦ୍ରା ସହାୟତା ନ ଦେବାକୁ ମହିଳା ଓ ଶିଶୁ ବିକାଶ ବିଭାଗ ଆପାତତଃ ନିଷ୍ପତ୍ତି ନେଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଏଣୁ ବର୍ଷକୁ ୧୮ ହଜାରରୁ ଅଧିକ ଟଙ୍କା ଛାତ୍ରବୃତ୍ତି ପାଉଥିବା ୨୧ ବର୍ଷରୁ ଅଧିକ ବୟସର ଛାତ୍ରୀମାନଙ୍କ ତଥ୍ୟ ପ୍ରଦାନ କରିବାକୁ କୁହାଯାଇଛି। ୨୦୨୩-୨୪ ଏବଂ ୨୦୨୪-୨୫ ଆର୍ଥିକ ବର୍ଷର ଏହି ତଥ୍ୟ ଯଥାଶୀଘ୍ର ପ୍ରଦାନ କରିବା ପାଇଁ ମହିଳା ଓ ଶିଶୁ ବିକଶ ବିଭାଗ ପକ୍ଷରୁ ଚିଠିରେ ଉଲ୍ଲେଖ କରାଯାଇଛି।

ଏଠାରେ ସୂଚନାଯୋଗ୍ୟ ଯେ ଗତ ନିର୍ବାଚନ ସମୟରେ ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ସୁଭଦ୍ରା ସହାୟତା ବାବଦରେ ୨ ବର୍ଷରେ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ବିଜେପି ନିଜ ନିର୍ବାଚନୀ ସଂକଳ୍ପରେ ଉଲ୍ଲେଖ କରିଥିଲା। ଦଳର ନେତାମାନେ ମଧ୍ୟ ଏହା ଘୋଷଣା କରିଥିଲେ; ମାତ୍ର ରାଜ୍ୟରେ କ୍ଷମତାକୁ ଆସିବା ପରେ ସରକାର ଏଥିରେ ବର୍ଗୀକରଣ କରିବା ସହ ବର୍ଷକୁ ୨ଟି କିସ୍ତିରେ ୫ ହଜାର ଟଙ୍କା ଲେଖାଏଁ କରି ୫ ବର୍ଷରେ ୫୦ ହଜାର ଟଙ୍କା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛି ।

ଏପରିକି ପ୍ରଥମ ପର୍ଯ୍ୟାୟରେ ସୁଭଦ୍ରା ସହାୟତା ପାଇଥିବା ଅନେକ ମହିଳା ଦ୍ୱିତୀୟ ପର୍ଯ୍ୟାୟରେ ଏଥିରୁ ବଞ୍ଚିତ ହୋଇଛନ୍ତି। କିଛି ସ୍ଥାନରେ ରାଜନୈତିକ ଉଦ୍ଦେଶ୍ୟ ରଖି ଅନେକ ମହିଳାଙ୍କୁ ଏଥିରୁ ବାଦ ଦେଇଥିବାବେଳେ ଏବେ ବୃତ୍ତି ପାଉଥିବା ଛାତ୍ରୀମାନଙ୍କୁ ଏଥିରୁ ବଞ୍ଚିତ କରିବାକୁ ସରକାର ଯୋଜନା କରିଛନ୍ତି ।

**ବହୁ ଗହୀରକୁ ଲମ୍ବିଛି ସେକ୍ସ ରାକେଟ ଚେର**

# ଘର ତାଲା ଭାଙ୍ଗି ଫୋରେନ୍‌ସିକ୍ ଟିମ୍‌ର ଯାଞ୍ଚ

■ ଭୁବନେଶ୍ୱର,୧୯।୧୦(ସମିସ): ରାଜଧାନୀରେ ଦିନକ ତଳେ ଠାବ ହୋଇଥିବା ସେକ୍ସ ରାକେଟ୍ ସମ୍ପର୍କରେ ତଦନ୍ତକୁ ତ୍ୱରାନ୍ୱିତ କରିଛି ପୁଲିସ। ତାଲା ପଡିଥିବାରୁ ପୁଲିସ ଆଜି ଘର ତାଲା ଭାଙ୍ଗି ଯାଞ୍ଚ ଆରମ୍ଭ କରିଛି। ସେହିପରି ଫୋରେନସିକ୍ ଟିମ୍ ମଧ୍ୟ ଉକ୍ତ ଘରେ ଅନୁସନ୍ଧାନ କରିବା ସହ ଏକାଧିକ ନମୁନା ସଂଗ୍ରହ କରିଛି। ଦୁଷ୍କର୍ମ ପୀଡ଼ିତା ନାବାଳିକାଙ୍କ ଘରର ଠିକଣା ଖୋଜିବା ସହ ବିଭିନ୍ନ ସୂତ୍ରକୁ ପୁଲିସ ଅନୁଧ୍ୟାନ କରିଛି।

ଗତ ୧୬ ତାରିଖ ରାତିରେ ଜଣେ ମହିଳା ଏକ ଅଟୋରେ ଜଣେ ନାବାଳିକାଙ୍କୁ ଆଣି କ୍ୟାପିଟାଲ ହସପିଟାଲରେ ଭର୍ତ୍ତି କରିଥିଲେ। ତାଙ୍କ ଜନନେନ୍ଦ୍ରୀୟରୁ ପ୍ରବଳ ରକ୍ତସ୍ରାବ

**ଦୁଷ୍କର୍ମ ପୀଡ଼ିତାଙ୍କୁ ଭେଟିଲେ ମହିଳା କମିଶନ**

ହେଉଥିବାରୁ ଗଣଦୁଷ୍କର୍ମ ସନ୍ଦେହରେ ଡ୍ୟୁଟିରେ ଥିବା ଡାକ୍ତର ନାବାଳିକାଙ୍କ ସାଙ୍ଗରେ ଥିବା ମହିଳାଙ୍କୁ ପଚରାଉଚରା କରିଥିଲେ। ମାତ୍ର ମହିଳାଜଣକ ଚତୁରତାର ସହ ସେଠାରୁ ଚମ୍ପଟ ମାରିଥିଲେ। ତେଣୁ ଡାକ୍ତର ତୁରନ୍ତ କ୍ୟାପିଟାଲ୍ ହସ୍ପିଟାଲ୍ ଫାଣ୍ଡିକୁ ଏମ୍‌ଏଲ୍ସି(ମେଡିକୋ ଲିଗାଲ୍ କେସ୍) ରିପୋର୍ଟ ଦେଇଥିଲେ। ସେପଟେ ନାବାଳିକାଙ୍କ ଅବସ୍ଥା ବିଗିଡ଼ିବା ଦେଖି ଡାକ୍ତର ତାଙ୍କୁ ଆଇସିୟୁକୁ ସ୍ଥାନାନ୍ତର କରିଥିଲେ। କ୍ୟାପିଟାଲ୍ ଥାନା ପୁଲିସ ପହଞ୍ଚି ସିସିଟିଭି ଯାଞ୍ଚ କରିଥିଲା। ସିସିଟିଭି ଫୁଟେଜରୁ ମହିଳାଜଣକ ଏକ ଅଟୋ ଯୋଗେ ପଳାଇଥିବା ଜଣାପଡ଼ିଥିଲା। ପୁଲିସ ଅଟୋ ନମ୍ବରକୁ ପିଛା କରିଥିଲା ଏବଂ ଗତକାଲି ରାତିରେ ତାକୁ ଠାବ କରିବା ପରେ ସେ ମହିଳାଙ୍କ ସମ୍ପର୍କରେ ସୂଚନା ଦେଇଥିଲା। ଅନ୍‌ଲାଇନରେ ଯାତ୍ରୀ ସେବା ଯୋଗାଉଥିବା ଅଟୋଚାଳକଙ୍କ ସୂଚନାନୁସାରେ ମହିଳାଜଣକ ଲକ୍ଷ୍ମୀସାଗରରୁ ବୁକିଂ କରିଥିଲେ ବୋଲି ଜଣାପଡ଼ିଥିଲା। ତେଣୁ ପୁଲିସ ବୁକିଂ କରାଯାଇଥିବା ମୋବାଇଲ୍ ନମ୍ବରକୁ ଟ୍ରାକ୍ କରି ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଚାଲିଥିବା ସେକ୍ସ ରାକେଟ୍‌ରେ ଚଢଉ କରିଥିଲା। ଚଢଉରେ ୩ଜଣ ନାବାଳିକା ସହ ୪ଜଣଙ୍କୁ ଗିରଫ କରିଥିଲା ପୁଲିସ।

ଏହି ଘଟଣା ପଛରେ ଆନ୍ତଃରାଜ୍ୟ ସେକ୍ସ ରାକେଟ୍‌ର ସଂପୃକ୍ତି ଥିବା ପୁଲିସ ସନ୍ଦେହ କରୁଛି। ତେଣୁ ଘଟଣାରେ ସମ୍ପୃକ୍ତ ଦୁଇ ମହିଳାଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରିବ ବୋଲି ପୁଲିସ ସୂଚନା ଦେଇଛି। କେବଳ ଏହି ଗୋଟିଏ ରାକେଟ୍ ନୁହେଁ ରାଜଧାନୀରେ ଏହିଭଳି ଏକାଧିକ ବାହାର ରାଜ୍ୟର ନାବାଳିକାଙ୍କୁ ସେକ୍ସ ରାକେଟରେ ବ୍ୟବହାର କରାଯାଉଛି। ଅନ୍ୟପକ୍ଷରେ ମହିଳା କମିଶନ ଶୋଭନା ମହାନ୍ତ ମଧ୍ୟ ସେକ୍ସ ରାକେଟ ଠାବ ହୋଇଥିବା ଘର ଏବଂ




ଲକ୍ଷ୍ମୀସାଗର ଥାନା ଯାଇ ଅନୁର୍ଦ୍ଧାନ କରିଛନ୍ତି। ଏହି ଘଟଣାରେ ଅନ୍ୟତମ ଅଂଶୀଦାର କୁହାଯାଉଥିବା ବାରିକ ବାବୁ ଓ ମଞ୍ଜୁ ସେଠୀଙ୍କ ଦ୍ୱାଇଁ ଫେରାର ଥିବା କୁହାଯାଉଛି। ତେଣୁ ସେହି ବାରିକ ବାବୁ କିଏ, ତାଙ୍କର ପରିଚୟ କ'ଣ ଓ ସେ କାହା ପାଇଁ ଅନ୍ୟ ରାଜ୍ୟରୁ ଝିଅମାନଙ୍କୁ ଆମଦାନୀ କରୁଥିଲେ ତାହାର ଅନୁସନ୍ଧାନ ଚାଲିଛି ।

ଅନ୍ୟପଟରେ ଏହି ମାମଲାରେ ପୀଡ଼ିତାଙ୍କୁ ଆଜି ଅପରାହ୍ନରେ ମହିଳା କମିସନର ସଦସ୍ୟ ଉର୍ମିଳା ମହାପାତ୍ର ଭେଟିଛନ୍ତି। ସମ୍ପୃକ୍ତ ନାବାଳିକାଙ୍କୁ ଭେଟିବା ପରେ ସେ କହିଛନ୍ତି ଯେ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ପୂର୍ବ ଅପେକ୍ଷା ସୁଧାର ଆସିଛି। ହସ୍ପିଟାଲରୁ ସେ କେବେ ଡ଼ିସଚାର୍ଜ ହେବେ ତାହା ଡାକ୍ତର କହିବେ। ଘଟଣା ସମ୍ପର୍କରେ ଥାନା ଅଧିକାରୀ ଏବଂ ତଦନ୍ତ ଅଧିକାରୀଙ୍କ ସହ ଆଲୋଚନା କରିଛୁ। ଏହି ଘଟଣା ପଛରେ କେଉଁ ରାକେଟ ରହିଛି ତାହା ନିଶ୍ଚୟ ଜଣାପଡ଼ିବ। ଦୋଷୀ ନିଶ୍ଚୟ ଦଣ୍ଡ ପାଇବ।







# ଆଜି ରଙ୍ଗୀନ ଆଲୋକରେ ଝଲସିବ ରାଉରକେଲା






ରାଉରକେଲା, ୧୯।୧୦(ସମିସ): ରାତି ପାହିଲେ ଆଲୋକର ପର୍ବ ଦୀପାବଳି। ରଙ୍ଗିନ ଆଲୋକ ମାଳାରେ ଝଲସିବ ରାଉରକେଲା। ଘରେ ଘରେ ସୁନ୍ଦର ରଙ୍ଗୋଲି ମଧ୍ୟରେ ଜଳିବ ଦୀପ। ଚାରିଆଡ଼େ ଆଲୋକରେ ଝଲସି ଉଠିବ। ଏହାକୁ ନଜରରେ ରଖି ସହରରେ ବିକ୍ରି ହେଉଛି ଦୀପ, ବାଣ, ଲିଚୁ ଲାଇଟ୍ ଏବଂ ବିଭିନ୍ନ ସ୍ଥାନରେ ମଧ୍ୟ ରଙ୍ଗବେରଙ୍ଗ ମୁରୁଜ। ଘରେ ଘରେ ଚାଲିଛି ପ୍ରସ୍ତୁତି। ସନ୍ଧ୍ୟା ହେଲେ ସହରର ଛକ ଛକରେ ଲାଗିଥିବା ଲାଇଟ୍ ଦୋକାନରେ ଭିଡ ଜମୁଛି। ଲୋକଙ୍କ ଚାହିଦାକୁ ଦେଖି ବ୍ୟବସାୟୀ ମାନେ ମଧ୍ୟ ବିଭିନ୍ନ ଡିଜାଇନର ଲିଚୁ ଲାଇଟ୍ ଓ ଏଲଇଡି ଲାଇଟ୍ ଆଣିଛନ୍ତି। ମାଟି ନିର୍ମିତ ଭଳିକି ଭଳି ଦୀପ ମଧ୍ୟ ରାସ୍ତା ପାଶ୍ୱର୍ରେ ବିକ୍ରି ହେଉଛି। ଇଲେକ୍ଟ୍ରି ଦୋକାନରେ ମଧ୍ୟ ଲିଚୁ ଲାଇଟ୍ ବିକ୍ରି ହେଉଛି। ବିଭିନ୍ନ ସ୍ଥାନରେ ଛୋଟ ଛୋଟ ଦୀପ ଷ୍ଟଲ ଖୋଲିଛି। ସେଥିରେ ଫ୍ୟାନ୍ସି ଲାଇଟ୍, ଏଲଇଡି ଲିଚୁ, ଇଲେକ୍ଟ୍ରିକ ଝୁଲା ଦୀପ, ଇଲେକ୍ଟ୍ରିକ ଝୁମର, ୱାଟର ବଲ୍ ଲାଇଟ୍, ଷ୍ଟାର ଲାଇଟ୍, ପାଲକୋ ଲାଇଟ୍, ଲେଜର ଲାଇଟ୍ ଆଦି ଚାହିଦାରେ ରହିଛି। ଲିଚୁ ଲାଇଟ୍ ୨୦ରୁ ୨୫ ଫୁଟରୁ ଆରମ୍ଭ ହୋଇ ୩ରୁ ୪ଶହ ଫୁଟ ପର୍ଯ୍ୟନ୍ତ ରହିଛି। ଏହାର ଦାମ ଗୋଟାଏକୁ ୫୦ ଟଙ୍କାରୁ ଆରମ୍ଭ ହୋଇ ୨ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି।

ସେହିଭଳି ଦୀପ ଭେରାଇଟି ଛୋଟ ଦୀପରୁ ଆରମ୍ଭ କରି ଗଣେଶ ଦୀପ, କଳସ ଡିଜାଇନ୍ ଦୀପ, ନାଲି ଦୀପ, ତ୍ରୀମୁଖି, ପଞ୍ଚମୁଖୀ ଦୀପ ଆଦିର ପସରା ମେଲିଛି। ଏହା ବ୍ୟତୀତ ବିଭିନ୍ନ ଆକୃତିର ମହ୍ମବତୀ, ଚାଇନା ଲାଇଟ୍, ତେଲ, ଘିଅ, ବନ୍ଧୁକ, ଚାଇନା ଗୁଳି, ରସୁଣ ବାଣ ବିକ୍ରି ହେଉଛି। ହେଲେ ପ୍ରମୁଖ ଆକର୍ଷଣ ସାଜିଛି ରଙ୍ଗବେରଙ୍ଗର ମହମବତୀ ହାତୀ, ଘୋଡ଼ା, ବିଭିନ୍ନ ଜୀବଜନ୍ତୁଙ୍କ ଡିଜାଇନ, କଣ୍ଢେଇ ଦୀପ, ପଦ୍ମ ଫୁଲ, ଗୋଲାପ ଫୁଲ ବିଭିନ୍ନ ଆକୃତିର ମହମବତୀ ବିକ୍ରି ହେଉଛି। ଛୋଟ ପିଲା ମାନେ ଏହି ସବୁ ମହମବତୀ କିଣିବାକୁ ଅଧିକ ପସନ୍ଦ କରୁଛନ୍ତି। ଏହାର ଦାମ ଭିନ୍ନ ଭିନ୍ନ ରହିଛି। ଲାଇଟ୍ ଗୁଡ଼ିକ କଲିକତା, ଛତିଶଗଡ଼ ଅଞ୍ଚଳରୁ ଆସୁଥିବା ବେଳେ ଦୀପ ଗୁଡ଼ିକ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା କୁହାଯାଇଛି। ଛୋଟ ଦୀପ ୧୦ ଟଙ୍କାରେ ୧୨ଟି ମିଳୁଥିବା ବେଳେ ବଡ଼ ଏବଂ ରଙ୍ଗିନ୍ ଦୀପ ୧୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିଭଳି ସାଧାରଣ ଛୋଟ ମହମବତୀ ୩୦ରୁ ୫୦ଟଙ୍କା ହୋଇଥିବା ବେଳେ ହାତୀ, ଘୋଡ଼ା, ଜୀବଜନ୍ତୁ ଡିଜାଇନ ମହମବତୀ ଗୁଡ଼ିକର ଦାମ୍ ୬୦ଟଙ୍କାରୁ ୧୫୦ଟଙ୍କା ପର୍ଯ୍ୟନ୍ତ, କଣ୍ଢେଇ ଦୀପ ଫୁଲ ଆକୃତିର ମହମବତୀ ୨୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ବାଣ ଦୋକାନ ଗୁଡ଼ିକରେ ବିଭିନ୍ନ ବାଣ ବିକ୍ରି ହେଉଛି। ସେହିପରି ଧନତେରାସ୍ ଉପଲକ୍ଷେ ସହରରେ ସୁନା ରୂପା ଗହଣା ଦୋକାନ ସମେତ ପୂଜା ସାମଗ୍ରୀ ଦୋକାନରେ ଭିଡ଼ ଦେଖିବାକୁ ମିଳିଛି। ବାସନକୁସନ ଦୋକାନ ଏବଂ ବୈଦ୍ୟୁତିକ ଆଲୋକ ସାଜସଜ୍ଜା ଦୋକାନ ସମେତ ମିଠା ଦୋକାନ ଗୁଡ଼ିକରେ ମଧ୍ୟ ଭିଡ଼ ଦେଖିବାକୁ ମିଳିଛି। ଝାଡୁ, ଲୁଣ, ସୁନା, ରୁପା ଏବଂ ବାସନକୁସନ ଲୋକେ କ୍ରୟ କରିଛନ୍ତି। ସହରର ମୁଖ୍ୟ ବଜାର, ଡେଲି ମାର୍କେଟ, ଟ୍ରାଫିକ୍ ମାର୍କେଟ, ବାସନ୍ତୀ ମାର୍କେଟ, ଚାନ୍ଦ ମାର୍କେଟ, ପ୍ଲାଣ୍ଟସାଇଟ ରୋଡ୍, ପାନପୋଷ ମାର୍କେଟ, ଷ୍ଟିଲ୍ ମାର୍କେଟ, ଗଜପତି ମାର୍କେଟ ଏବଂ ଅନ୍ୟାନ୍ୟ ବଜାରରେ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳିଛି। ଦୀପାବଳି ଯୋଗୁଁ ତିନି ଦିନ ଧରି ସହର ବଜାରରେ ଭିଡ଼କୁ ଦୃଷ୍ଟିରେ ରଖି, ଟ୍ରାଫିକ୍ ପୁଲିସ ମୁଖ୍ୟ ରାସ୍ତା ଏବଂ ସହରର ଛକ ଗୁଡ଼ିକରେ ପୁଲିସ ନିୟୋଜିତ କରାଯାଇଛି।

## ବିଭିନ୍ନ ବିଭାଗର ଘରୋଇକରଣ ପ୍ରତିବାଦରେ ଆରଏସ୍ଏସ୍ ଓ ଜିଏମ୍ଏମ୍‌ର ବିକ୍ଷୋଭ

ରାଉରକେଲା, ୧୯।୧୦(ସମିସ): ସ୍ଥାନୀୟ ସେକ୍ଟର-୫ ସ୍ଥିତ ରାଉରକେଲା ଇସ୍ପାତ କାରଖାନାର ଟାଉନ ଇଂଜିନିୟରିଂ ଅଫିସ ସମ୍ମୁଖରେ ରାଉରକେଲା ଶ୍ରମିକ ସଂଘ ଏବଂ ଗାଙ୍ଗପୁର ମଜଦୂର ମଞ୍ଚ ତରଫରୁ ଏକ ବିରାଟ ଗଣବିକ୍ଷୋଭ ଆୟୋଜନ କରାଯାଇଥିଲା। ଆରଏସପି ଟାଉନ ଇଂଜିନିୟରିଂ ବିଭାଗର ସିଭିଲ, ଇଲେକ୍ଟ୍ରିକାଲ୍, ଜଳଯୋଗାଣ, ଉଦ୍ୟାନ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗକୁ ଆରଏସପି ତରଫରୁ ଘରୋଇ ସଂସ୍ଥା ହାତରେ ଟେକି ଦେବା ନିଷ୍ପତିକୁ ଗଣବିକ୍ଷୋଭରେ ତୀବ୍ର ପ୍ରତିବାଦ କରାଯାଇଥିଲା। ଏହି ଗଣବିକ୍ଷୋଭରେ ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର, ଗାଙ୍ଗପୁର ମଜଦୂର ମଞ୍ଚର କାର୍ଯ୍ୟକାରୀ ସଭାପତି ବୀରମିତ୍ରପୁର ବିଧାୟକ ରୋହିତ ଯୋଶେଫ୍ ତିର୍କି, ଉପସଭାପତି ସୁଲେମାନ କାଉଡିଆ, ରାଉରକେଲା ଶ୍ରମିକ ସଂଘର ଉପସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ମହାପାତ୍ର, ବରିଷ୍ଠ ଉପସଭାପତି ଆର୍ କେ ପଣ୍ଡା, ଉପସଭାପତି ଅକ୍ଷୟ ଜେନା, ଉପସଭାପତି ନିହାର ଦାସ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। ଏହି ବିକ୍ଷୋଭରେ ଆରଏସପି କ୍ୱାର୍ଟରଗୁଡିକରେ ଟାଇଲିଂ କାର୍ଯ୍ୟକୁ ସୁନିଶ୍ଚିତ କରିବା, ୨୪ ଘଣ୍ଟା ଭିତରେ କ୍ୱାର୍ଟର ନିକଟରେ ଥିବା ଡ୍ରେନଗୁଡିକୁ ସଫା କରିବା, କ୍ୱାର୍ଟର ସମ୍ପୂର୍ଣ୍ଣ ମରାମତି କରି ନୂତନ ଆଲର୍ଟ ଏଣ୍ଟ କରିବା, ସେକ୍ଟର ଅଞ୍ଚଳର ରାସ୍ତା ଗୁଡିକର ଶୀଘ୍ର ମରାମତି କରିବା ଇତ୍ୟାଦି ୯ ଗୋଟି ଦାବି କରାଯାଇଥିଲା। ସମସ୍ତ ନେତୃମଣ୍ଡଳୀ ରାଉରକେଲା ଇସ୍ପାତ କର୍ତ୍ତୃପକ୍ଷଙ୍କ ମନମୁଖୀ କାର୍ଯ୍ୟକଳାପକୁ ନିନ୍ଦା କରାଯିବା ସହିତ ଆଗାମୀ ଦିନରେ ଏ ଲଢେଇ ଆହୁରି ତୀବ୍ରତର ହେବ ବୋଲି ପ୍ରଶାନ୍ତ ବେହେରା ଚେତାବନୀ ଦେଇଥିଲେ। ରାଉରକେଲା ଶ୍ରମିକ ସଂଘର ଉପସଭାପତି ବୀରକିଶୋର ଶେଖରଦେଓ, ସୁରେଶ ପାଣିଗ୍ରାହୀ, ସମ୍ପାଦକ ଦୁର୍ଗା ଜେନା, କେ ସି ଆଚାର୍ଯ୍ୟ, ରମାକାନ୍ତ ପରିଡା, ୟୁଥ୍ ଚେୟାରମେନ ବିକାଶ ବେହୁରିଆ, ସୌମ୍ୟ ଧଳ, ରୁଦ୍ର ନାରାୟଣ ବେହେରା, ସୁଜିତ ନାୟକ ଏସ୍ ସି ସେଲ୍ ଅଧ୍ୟକ୍ଷ ଡି ନାୟକ, ରଘୁନାଥ ଭୁକ୍ତା, ଅଖିଳ ପୃଷ୍ଟି, ରଘୁନାଥ ପ୍ରଧାନ, ମନମୋହନ ବେହେରା, ଗାଙ୍ଗପୁର ମଜଦୂର ମଞ୍ଚର, ସନ୍ତୋଷ କୁଜୁର, ଆନନ୍ଦ ଟପ୍ପୋ, ମାଙ୍ଗେ ଏକ୍କାଙ୍କ ସମେତ ଉଭୟ ୟୁନିୟନର ୧ ହଜାରରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା, ସମର୍ଥକ ଉପସ୍ଥିତ ଥିଲେ।

## ଆତ୍ମହତ୍ୟା ଉଦ୍ୟମରୁ ଗୁରୁତର ୯ ବର୍ଷର ଶିଶୁର ଜୀବନ ରକ୍ଷା

ରାଉରକେଲା,୧୯।୧୦(ସମିସ): ଏକ ବିରଳ ତଥା ଜଟିଳ ମାମଲାରେ ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର ଏସ ପି) ଅଧୀନସ୍ଥ ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ (ଆଇ ଜି ଏଚ)ର ଡାକ୍ତରମାନେ ରାଉରକେଲାର ଏକ ୯ ବର୍ଷୀୟ ଶିଶୁର ଜୀବନ ରକ୍ଷା କରିଛନ୍ତି। ଆତ୍ମହତ୍ୟା ଉଦ୍ୟମ ପରେ ଅଚେତ ଅବସ୍ଥାରେ ଶିଶୁଟିକୁ ନିଦାନ ଇଣ୍ଟେନ୍ସିଭ୍ କେୟାର ୟୁନିଟ୍ (ପିଆଇସିୟୁ) ରେ ଭର୍ତ୍ତି କରାଯାଇଥିଲା। ପରୀକ୍ଷା କରିବା ପରେ ପିଲାଟିର ବେକରେ ଲିଗେଚର ଚିହ୍ନ ପରିଲକ୍ଷିତ ହୋଇଥିଲା। ତାଙ୍କୁ ତୁରନ୍ତ ଇନଟ୍ୟୁବେଟ୍ କରାଯାଇଥିଲା ଏବଂ ପିଆଇସିୟୁରେ ସିଏମଓ ଇନଚାର୍ଜ ଡକ୍ଟର ଜୟନ୍ତ କୁମାର ଆଚାର୍ଯ୍ୟ, ଡକ୍ଟର ଅର୍ଚ୍ଚନା ବେହେରା, ଡକ୍ଟର ମାୟା ବୋଷ, ଡକ୍ଟର ପୁନମ ଏକ୍କା, ଡକ୍ଟର ବିବେକାନନ୍ଦ ସିଂହ ଏବଂ ଡିଏନବି ଦଳର ତତ୍ତ୍ୱାବଧାନରେ ଜରୁରୀକାଳୀନ ଚିକିତ୍ସା ସେବା ପ୍ରଦାନ କରାଯାଇଥିଲା। ଡକ୍ଟର ବି. କେ. ନାୟକଙ୍କ ନେତୃତ୍ୱରେ ଆନାସ୍ଥେସିଆ ଦଳ ମଧ୍ୟ ଚିକିତ୍ସା ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ତ୍ୱରିତ ଏବଂ ସମନ୍ୱିତ ବହୁବିଧ ପ୍ରୟାସ ମାଧ୍ୟମରେ ରୋଗୀଙ୍କ ସ୍ୱାସ୍ଥ୍ୟଗତ ସ୍ଥିତି ଧୀରେ ଧୀରେ ଉନ୍ନତ ହୋଇଥିଲା। ପରେ ତାଙ୍କୁ ସଫଳତାର ସହିତ ଚିକିତ୍ସା କରାଯାଇଥିଲା। ମାନସିକ ପରାମର୍ଶ ସହ ସୁସ୍ଥ ଅବସ୍ଥାରେ ହସ୍ପିଟାଲରୁ ଡିସଚାର୍ଜ କରାଯାଇଥିଲା। କୋମଳମତି ଶିଶୁର ସଫଳ ଆରୋଗ୍ୟ ଲାଭ ପୁଣି ଥରେ ଆଇଜିଏଚର ତ୍ୱରିତ ପ୍ରତିକ୍ରିୟା, ବହୁବିଧ ଶୃଙ୍ଖଳାଗତ ଦଳଗତ କାର୍ଯ୍ୟ ଏବଂ ଉଚ୍ଚଗୁଣବତ୍ତା ସହ ଶିଶୁଙ୍କ ଯତ୍ନ ପ୍ରତି ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି।

## ୨ ଟ୍ରେନ୍ ଫେରିବାଲାଙ୍କୁ ମାଡ଼

ରାଉରକେଲା, ୧୯।୧୦(ସମିସ): ରାଉରକେଲା ରେଳ ଷ୍ଟେସନ ଦ୍ୱିତୀୟ ପ୍ରବେଶ ପଥଠାରେ ୨ ଜଣ ଟ୍ରେନ ଫେରିବାଲାଙ୍କୁ ମାଡ ମରା ଯାଇଥିବା ଅଭିଯୋଗ ହୋଇଛି। ଦୁହେଁ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଜଣାପଡିଛି। ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଥିଲା। ମାଡ ମାରିଥିବା ଦୁର୍ବୃତ୍ତ ଘଟଣା ସ୍ଥଳରେ ସ୍କୁଟି ଛାଡ଼ି ଫେରାର ହୋଇଯାଇଛି। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ତେବେ ଦାଦାବଟିକୁ ନେଇ ଏହି ଘଟଣା ଘଟିଥିବା ସୂଚନା ମିଳିଛି।

## ନଦୀରୁ ଯୁବକଙ୍କ ଶବ ଉଦ୍ଧାର

ରାଉରକେଲା,୧୯।୧୦(ସମିସ): ସେକ୍ଟର -୧୬ସ୍ଥିତ ଡୁମକେଲା ନଦୀରୁ ଜଣେ ଅଜଣା ଯୁବକଙ୍କ ଶବକୁ ଉଦ୍ଧାର କରାଯାଇଛି। ମୃତକଙ୍କ ବୟସ ପାଖାପାଖି ୩୫/୩୬ ବର୍ଷ ହେବ। ପ୍ରାୟ ୩/୪ ଦିନ ପୂର୍ବେ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ନଦୀରେ ଗାଧୋଉଥିବା ବେଳେ ବୁଡି ଯାଇଥିବା ପାରିପାର୍ଶ୍ୱିକ ସ୍ଥିତିରୁ ପୁଲିସ ଅନୁଧ୍ୟାନ କରିଛି। ନଦୀରେ ଶବ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ସୂଚନା ଦେଇଥିଲେ। ରାଉରକେଲା ସରକାରୀ ଡାକ୍ତରଖାନାର ମର୍ଗ ହାଉସରେ ପୁଲିସ ଶବ ରଖି ତଦନ୍ତ ଜାରି ରଖିଛି।

## ଚନ୍ଦ୍ରଶେଖର ଓଡ଼ିଆ ସାହିତ୍ୟ ଜଗତର ଅମ୍ଳାନ ପ୍ରତିଭା



ରାଉରକେଲା, ୧୯।୧୦(ସମିସ): ଓଡ଼ିଆ ସାରସ୍ୱତ ଜଗତରେ ଚନ୍ଦ୍ରଶେଖର ରଥ ଥିଲେ ଜଣେ ବିରଳ ସାଧକ ଏବଂ ଶବ୍ଦସ୍ଥପତି। କେବଳ ଗାଳ୍ପିକ ନୁହନ୍ତି; ସେ ଥିଲେ ଜଣେ ପ୍ରାବନ୍ଧିକ, କବି ଓ ଔପନ୍ୟାସିକ। ସେ ଥିଲେ ଜଣେ ବହୁଭାଷୀ ଲେଖକ। ସଂସ୍କୃତ, ଓଡ଼ିଆ, ହିନ୍ଦୀ, ଇଂରାଜୀ ଓ ସମ୍ବଲପୁରୀ ଆଦି ଭାଷା ଉପରେ ତାଙ୍କର ଅସାଧାରଣ ଦକ୍ଷତା ଥିଲା। ରାଉରକେଲାରେ ପ୍ରଥମ ଥର ପାଇଁ ପ୍ରଗତି ଉତ୍କଳ ସଂଘ ଆନୁକୂଲ୍ୟରେ ଆୟୋଜିତ ଚନ୍ଦ୍ର ଶେଖର ରଥଙ୍କ ୯୭ତମ ଜୟନ୍ତୀ ପାଳନ ଅବସରରେ ବିଶିଷ୍ଟ ବକ୍ତାମାନେ ଏହି ମତବ୍ୟକ୍ତ କରିଛନ୍ତି। ସଭାପତି ପ୍ରତାପ ସ୍ୱାଇଁଙ୍କ ଅଧ୍ୟକ୍ଷତା ଏବଂ ଉପଦେଷ୍ଟା ଭାରତ ଭୂଷଣ ମହାନ୍ତିଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ବକ୍ତା ଭାବେ କବି ରାଜୀବ ପାଣି ଯୋଗଦେଇ ସ୍ୱର୍ଗତ ରଥଙ୍କ ପ୍ରଥମ ତଥା ବହୁ ଚର୍ଚ୍ଚିତ ପୁସ୍ତକ ଯନ୍ତ୍ରାରୁଢ଼ ସହ ଅସୂର୍ଯ୍ୟ ଉପନିବେଶ ଏବଂ ନବଜାତକ ଉପନ୍ୟାସ ସମ୍ପର୍କରେ ବିଶଦ ଆଲୋଚନା କରି କହିଲେ ଯେ, ଚନ୍ଦ୍ର ଶେଖର ଥିଲେ ଓଡ଼ିଆ ସାହିତ୍ୟ ଜଗତର ଜଣେ ଅମ୍ଳାନ ପ୍ରତିଭା। ଏ ଜାତି ତାଙ୍କୁ ସବୁଦିନେ ପ୍ରଣତି ଜଣାଇବ। ଅନ୍ୟତମ ଉପସଭାପତି ଡ. ପ୍ରଭାତ ମଲ୍ଲିକ ପ୍ରାରମ୍ଭିକ ସୂଚନା ପ୍ରଦାନ କରି କହିଲେ ଉଚ୍ଚ କୋଟୀର ଲେଖା ପାଇଁ ସେ ବିଷୁବ ପୁରସ୍କାରଠାରୁ ଆରମ୍ଭ କରି ଦୁଇ ଥର ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ସାହିତ୍ୟ ଭାରତୀ ଏବଂ ୨୦୧୮ ରେ ପଦ୍ମଶ୍ରୀ ସମ୍ମାନ ଲାଭ କରିଥିଲେ। ବରେଣ୍ୟ ଅତିଥି ଭାବେ ରାଉରକେଲା ଇସ୍ପାତ କାରଖାନାର ଅବସରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ଆଲୋକ କବି ଶତପଥୀ ଚନ୍ଦ୍ର ଶେଖରଙ୍କ ସମ୍ପର୍କରେ ନିଜର ଅନୁଭବ ବଖାଣି ଥିଲେ। ଆବାହକ ଭାରତ ଭୂଷଣ ମହାନ୍ତି ମଞ୍ଚ ପରିଚାଳନା ସହ ଚନ୍ଦ୍ର ଶେଖରଙ୍କ ସହ ତାଙ୍କର ବ୍ୟକ୍ତିଗତ ଅନ୍ତରଙ୍ଗ ତଥା ମାର୍ମିକ ଅନୁଭୂତି ଅତ୍ୟନ୍ତ ଭାବ ବିହ୍ୱଳ ହୋଇ ବର୍ଣ୍ଣନା କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ଚନ୍ଦ୍ର ଶେଖରଙ୍କ ତୈଳ ଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ଏବଂ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପସଭାପତି ରଶ୍ମି ରଞ୍ଜନ ବୋଇତାଇ, ସମ୍ପାଦକ ଘନଶ୍ୟାମ ଧଳ, ଯୁଗ୍ମ ସମ୍ପାଦକ ଲକ୍ଷ୍ମଣ ନାଥ ଦାସ, ସାଂସ୍କୃତିକ ସମ୍ପାଦକ ଅଶୋକ ପଟ୍ଟନାୟକ, ଅରବିନ୍ଦ ପାତ୍ର, ଇନ୍ଦ୍ରମଣି ମହାପାତ୍ର, ଧରଣୀଧର ସାମଲ, ଶୁଭ୍ରାଂଶୁ ଶେଖର ମହାପାତ୍ର, ବରୁଣ ନାହାକ, ପରୀକ୍ଷିତ ଗୁରୁ, ପ୍ରସନ୍ନ ମହାନ୍ତି, ପ୍ରଦୀପ ପଟ୍ଟନାୟକ ପ୍ରମୁଖ ସହାୟତା କରିଥିବା ବେଳେ ସହରର ବହୁ ସାହିତ୍ୟ ଅନୁଷ୍ଠାନର ପ୍ରତିନିଧି, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ରାଧାମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ନିରନ୍ତର ବିକାଶ ଲକ୍ଷ୍ୟ ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ କର୍ମଶାଳା

ରାଉରକେଲା, ୧୯।୧୦(ସମିସ): ସୁନ୍ଦରଗଡର ସଂସ୍କୃତି ଭବନଠାରେ ସୁନ୍ଦରଗଡ଼ ଜିଲ୍ଲାର ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ବ୍ଲକ ବିଜ୍ଞାନ ମେଳା ନୋଡାଲ୍ ଅଧିକାରୀ ଏବଂ ଜିଲ୍ଲାର ଭିନ୍ନ ଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କ ଲାଗି ସଷ୍ଟେନେବଲ୍ ଡେଭେଲପମେଣ୍ଟ ଗୋଲ୍ ବା ନିରନ୍ତର ବିକାଶ ଲକ୍ଷ୍ୟ ସମ୍ବନ୍ଧୀୟ ଏକ ଜିଲ୍ଲା ସ୍ତରୀୟ କାର୍ମଶାଳା ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ବ୍ଲକ ବିଜ୍ଞାନ ମେଳା ନୋଡାଲ୍ ଅଧିକାରୀ ଏବଂ ଜିଲ୍ଲାର ଭିନ୍ନ ଭିନ୍ନ ଉଚ୍ଚ ବିଦ୍ୟାଳୟରୁ ଆସିଥିବା ୧୫୦ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିରନ୍ତର ବିକାଶ ଲକ୍ଷ୍ୟ ଅଧୀନ ୧୭ଟି ଲକ୍ଷ୍ୟ, ତତ୍ସମ୍ବନ୍ଧୀତ ୧୬୯ଟି ଟାର୍ଗେଟ ଏବଂ ଏହି ଟାର୍ଗେଟ ସହ ଜଡିତ ୩୧୧ ଇଣ୍ଡିକେଟର ବା ସୂଚକାଙ୍କ ଇତ୍ୟାଦି ବିଷୟରେ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଯୋଗଦେଇ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଫାବି ରଶିଦ୍ ବର୍ତ୍ତମାନ ସମୟରେ ନିରନ୍ତର ବିକାଶ ଲକ୍ଷ୍ୟରେ ବର୍ଣ୍ଣିତ ବିଷୟ ଭବିଷ୍ୟତ ପିଢି ଲାଗି କେତେ ଜରୁରୀ ସେ ସମ୍ବନ୍ଧରେ ନିତିଦିନିଆ କାର୍ଯ୍ୟର ଉଦାହରଣ ମାଧ୍ୟମରେ ଉପସ୍ଥିତ ଛାତ୍ରଛାତ୍ରୀ ତଥା ଶିକ୍ଷକଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବରେ ଯୋଗଦେଇ ଡୁଡୁକା ମହାବିଦ୍ୟାଳୟର ଅଧ୍ୟକ୍ଷା ମିନତୀ ମିଶ୍ର ୧୭ଟି ଲକ୍ଷ୍ୟକୁ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ ତଥା ଶିକ୍ଷକଙ୍କ ସମ୍ମୁଖରେ ଅତ୍ୟନ୍ତ ପ୍ରାଞ୍ଜଳ ଭାବେ ଉପସ୍ଥାପନ କରିଥିଲେ। ଲେଫ୍ରିପଡ଼ା ବ୍ଲକ ଛଟେନ୍ ପାଲିସ୍ଥିତ ଏମସିଏଲ ଡି.ଏ.ଭି ପବ୍ଲିକ ସ୍କୁଲର ଶିକ୍ଷୟିତ୍ରୀ ମଧୁସ୍ମିତା ପାଢୀ ମୁଖ୍ୟ ତାଲିମଦାତା ଭାବରେ ଯୋଗ ଦେଇ ବିଭିନ୍ନ କୌତୁକିଆ ପ୍ରଶ୍ନ, ଉତ୍ସାହ ବର୍ଦ୍ଧକ ଭିଡିଓ ଏବଂ ଛାତ୍ରଛାତ୍ରୀମାନଙ୍କୁ ନେଇ ପ୍ରସ୍ତୁତ ମନୁଷ୍ୟ ଶୃଙ୍ଖଳ ମାଧ୍ୟମରେ ସହସ୍ରାବ୍ଦୀ ବିକାଶ ଲକ୍ଷ୍ୟରୁ ନିରନ୍ତର ବିକାଶ ଲକ୍ଷ୍ୟକୁ ପରିବର୍ତ୍ତନ, ନିରନ୍ତର ବିକାଶ ଲକ୍ଷ୍ୟର ୧୭ଟି ଲକ୍ଷ୍ୟ, ୧୬୯ଟି ଟାର୍ଗେଟ ଏବଂ ଏହା ସହ ଜଡ଼ିତ ୩୧୧ ଇଣ୍ଡିକେଟର ବା ସୂଚକାଙ୍କ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମର ଅନ୍ତିମ ଚରଣରେ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଓଡିଆ ସ୍ନାତୋକତ୍ତର ବିଭାଗର ମୁଖ୍ୟ ଅଧ୍ୟାପକ ନୂତନ ଖମାରି ନିରନ୍ତର ବିକାଶ ଲକ୍ଷ୍ୟ କିଭଳି ଭାବରେ ଆଗାମୀ ପିଢିର ଭବିଷ୍ୟତ ସୁରକ୍ଷିତ ରଖିବାରେ ସକ୍ଷମ ଏବଂ ସ୍ୱୟଂ ସମ୍ପୂର୍ଣ୍ଣ ସେ ବିଷୟରେ ଆଲୋକପାତ କରିଥିଲେ।

ଜିଲ୍ଲା ଯୋଜନା କାର୍ଯ୍ୟାଳୟର ସହକାରୀ ନିର୍ଦ୍ଦେଶକ ପ୍ରଦୀପ ତିର୍କୀ ଏହି କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ଯୋଜନା କାର୍ଯ୍ୟାଳୟର ଉପ ନିର୍ଦ୍ଦେଶକ ସୁଶିଳା ଟପ୍ପୋ କାର୍ଯ୍ୟକ୍ରମର ଉପସଂହାର ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ଜିଲ୍ଲା ବିଜ୍ଞାନ ମେଳା ସଂଯୋଜକ ଚନ୍ଦ୍ରଶେଖର ସା, ଓରମାସର ସହକାରୀ କାର୍ଯ୍ୟ ନିର୍ବାହୀ ଅଧିକାରୀ କେଶବ ଝାଙ୍କ ସମେତ କର୍ମକର୍ତ୍ତା ନଟବର ସ୍ୱାଇଁ ଉପସ୍ଥିତ ଥିଲେ। ଜିଲ୍ଲା ଯୋଜନା କାର୍ଯ୍ୟାଳୟର କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଆରଏସ୍‌ପି ଦ୍ୱାରା ପାର୍ଶ୍ୱ ଅଞ୍ଚଳ ଗ୍ରାମରେ କାର୍ଯ୍ୟକ୍ରମ


ରାଉରକେଲା,୧୯।୧୦(ସମିସ): ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଅଖଣ୍ଡତା ଏବଂ ଦାୟିତ୍ୱପୂର୍ଣ୍ଣ ନାଗରିକତା ହେବା ଉପରେ ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ ସେଲ ରାଉରକେଲା ଇସ୍ପାତ କାରଖାନା (ଆର ଏସ ପି) ର ସତର୍କତା ବିଭାଗ ଦ୍ୱାରା ପାଶ୍ୱବର୍ତ୍ତୀ ଅଞ୍ଚଳର ବିଭିନ୍ନ ସ୍କୁଲରେ ସାହିତ୍ୟ ଏବଂ ସୃଜନଶୀଳ ପ୍ରତିଯୋଗିତାର ଏକ ଶୃଙ୍ଖଳା ଆୟୋଜନ କରୁଛି। ଖୁଣ୍ଟଗାଁ ସ୍ଥିତ ପିଏମ୍ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟି ଇଂରାଜୀ, ଓଡ଼ିଆ ଏବଂ ହିନ୍ଦୀ ଭାଷାରେ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଯେଉଁଠାରେ ୫୦ ଜଣ ଛାତ୍ରଛାତ୍ରୀ ସମାଜରେ ଦାୟିତ୍ୱପୂର୍ଣ୍ଣ ଆଚରଣ ଏବଂ ସଚେତନତା ଉପରେ ସେମାନଙ୍କ ଚିନ୍ତାଧାରା ପ୍ରକାଶ କରିଥିଲେ। ଜୁନିଅର ଶ୍ରେଣୀ ଏବଂ ସିନିୟର ଶ୍ରେଣୀ ବର୍ଗରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା। ଏଥିରେ ୫୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ରଙ୍ଗ ଏବଂ ସୃଜନଶୀଳତା ମାଧ୍ୟମରେ କୋମଳମତି ଶିଶୁମାନେ ସଚ୍ଚୋଟତା ଏବଂ ନୈତିକ ଦାୟିତ୍ୱର ବିଷୟକୁ ଦର୍ଶାଇ ଥିଲେ। ଦ୍ୱିତୀୟ ଦିନରେ ୩୮ ଜଣ ଛାତ୍ରଛାତ୍ରୀ ୩ଟି ଭାଷାରେ ଏକ ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସାଧୁତା ଏବଂ ଦାୟିତ୍ୱବୋଧତା ଉପରେ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଗୁଡ଼ିକ ଏକ କୁଇଜ୍ ପ୍ରତିଯୋଗିତା ସହିତ ଶେଷ ହୋଇଥିଲା। ଏଥିରେ ୧୮ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ସଚେତନତା ପ୍ରଦର୍ଶନ କରିଥିଲେ। ଏହି ପଦକ୍ଷେପ ଛାତ୍ରଛାତ୍ରୀଙ୍କଠାରୁ ସକାରାତ୍ମକ ପ୍ରତିକ୍ରିୟାକୁ ପ୍ରତିଫଳିତ କରିଥିଲା। ଯୁବ ମନ ମଧ୍ୟରେ ମୂଲ୍ୟବୋଧ ଭିତ୍ତିକ ଚିନ୍ତାଧାରା ପୋଷଣ କରିବାରେ ବିଦ୍ୟାଳୟଗୁଡ଼ିକର ଭୂମିକାକୁ ଆଲୋକପାତ କରିଥିଲା।

## ହବିଷ୍ୟାଳୀଙ୍କ ପାଇଁ ଉତ୍କଳ ସ୍ନେହୀ ମହିଳା ସମିତିର ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର

ରାଉରକେଲା, ୧୯।୧୦(ସମିସ): ପ୍ରତିବର୍ଷ ପରି ଚଳିତ ବର୍ଷ ସେକ୍ଟର -୩, ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ରହୁଥିବା ହବିଷିଆଳୀଙ୍କ ପାଇଁ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷଣ ସହ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ସବିତା ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉକ୍ତ ଶିବିରରେ ଡାକ୍ତର ଗୋକୁଳାନନ୍ଦ ସାହୁ, ଡାକ୍ତର ଶଶିଭୂଷଣ ନେପାକ ଏବଂ ଡାକ୍ତର ଶୈଳେନ୍ଦ୍ର ପ୍ରସାଦଙ୍କ ସହ ଟେକ୍ନିସିଆନ ନିରଞ୍ଜନ ଜେନା, ରାକେଶ ଦାସ ଏବଂ ଦିଲିପ କୁମାର ବାରିକ ବର୍ଷିୟାନ ହବିଷିଆଳୀମାନଙ୍କ ରକ୍ତ ଶର୍କରା, ରକ୍ତଚାପ ଏବଂ ୟୁରିକ ଏସିଡ୍ ପ୍ରଭୃତି ପରୀକ୍ଷା କରିଥିଲେ। ଉପଯୁକ୍ତ ପରାମର୍ଶ ସହ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମିତିର ସଦସ୍ୟା ସ୍ନିଗ୍ଧା ସାମନ୍ତରାୟ, ମଞ୍ଜୁ ମହାପାତ୍ର, ଗୀତାଞ୍ଜଳି ମିଶ୍ର, ସୁପ୍ରିୟା ମହାନ୍ତି, ସାବିତ୍ରୀ ଦାସ, ବିଜୟଲକ୍ଷ୍ମୀ ମିଶ୍ର, ଗୀତା ସେନାପତି ଏବଂ ଭାରତୀ କର ପ୍ରମୁଖ ସହାୟତା କରିଥିଲେ। ମନ୍ଦିରର ଟ୍ରଷ୍ଟି ଗିରିଜା ଶଙ୍କର ଦ୍ୱିବେଦୀ, ମୁଖ୍ୟ ପୂଜକ ତ୍ରିନାଥ ପାଢ଼ୀ, ସନ୍ତୋଷ ମିଶ୍ର, ତ୍ରିଲୋଚନ ମିଶ୍ର, ଅଜୟ ଦାସ, ଏସ୍.ଏସ୍. ପଣ୍ଡା, ଲକ୍ଷ୍ମଣ ନାଥ ଦାସ, ପ୍ରଦୀପ ପ୍ରଧାନ, ବସନ୍ତ ସେନାପତି, ଡ. ଶକ୍ତି ପ୍ରସାଦ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ତେଲିଙ୍ଗିବାଜା ପତ୍ରିକାର ରାଜ୍ୟସ୍ତରୀୟ କର୍ମଶାଳା


# ଶିଶୁ ସାହିତ୍ୟର ସମୃଦ୍ଧ ମୂଲ୍ୟବୋଧ ହେତୁ ଆଦର ବଢୁଛି



ରାଉରକେଲା, ୧୯।୧୦(ସମିସ): ଓଡ଼ିଆ ଶିଶୁ ସାହିତ୍ୟର ଉନ୍ନତ ଲିଖନଶୈଳୀ ଓ ସମୃଦ୍ଧ ମୂଲ୍ୟବୋଧ ଯୋଗୁଁ ପୂର୍ବାପେକ୍ଷା ଏହାର ଆଦୃତି ବୃଦ୍ଧି ପାଉଛି। ତ୍ରୟମାସିକ ଶିଶୁକିଶୋର ପତ୍ରିକା ତେଲିଙ୍ଗିବାଜା ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ସାହିତ୍ୟିକ କର୍ମଶାଳାରେ ବିଶିଷ୍ଟ ସାହିତ୍ୟିକମାନେ ମତ ପ୍ରକାଶ କରିଛନ୍ତି। ବେଦବ୍ୟାସସ୍ଥିତ ଗୁରୁକୁଳ ବୈଦିକ ଆଶ୍ରମ ପରିସରରେ ଅୟୋଜିତ ଦିନିକିଆ କର୍ମଶାଳାରେ ବରିଷ୍ଠ ବିଜ୍ଞାନ ଲେଖିକା ଓ ଶିକ୍ଷାବିତ୍ ଡ. ସରୋଜିନୀ ସାହୁ କହିଲେ ଯେ, ଶିଶୁସାହିତ୍ୟ ଏକ ପ୍ରାଚୀନ ସାହିତ୍ୟ ହୋଇଥିବାରୁ ଏହାକୁ ଅଧିକ ଶିଶୁ ମନଛୁଆଁ କରାଯିବା ଆବଶ୍ୟକ। ସରଳ, ତରଳ ଓ ରସାଳ ଶବ୍ଦ ଚୟନରେ ଏହାକୁ ସୁଖପାଠ୍ୟ କରିବାର ମାର୍ଗଦର୍ଶନ ନିମନ୍ତେ ଏଭଳି କର୍ମଶାଳାର ଉପାଦେୟତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ଅତିଥି ଭାବେ ପୁରୀ ଜିଲ୍ଲା ଗୋପ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ମାସିକ ବାନରସେନା ଶିଶୁ ସମ୍ବାଦପତ୍ରର ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟୋଇ ପ୍ରଦୀପ ପଜ୍ୱଳନ କରି କହିଲେ ଯେ, ଶିଶୁସାହିତ୍ୟ ସମ୍ପ୍ରତି ଏକ ଉଚ୍ଚତର ସୋପାନରେ ଉପନୀତ। ଏହାର ପାଠକ ବୃଦ୍ଧି ନିମନ୍ତେ ସାମୂହିକ ପ୍ରଚେଷ୍ଟା ଆବଶ୍ୟକ। ସମ୍ମାନିତ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଓ ସାହିତ୍ୟିକ ଦେବବ୍ରତ ପଟ୍ଟନାୟକ ଯୋଗ ଦେଇ କହିଲେ ଯେ, ଶିଶୁଙ୍କ ପ୍ରଥମ ଶିକ୍ଷକ ହେଉଛନ୍ତି ମାଆ। ଶିଶୁର ଚପଳତା, ମନସ୍ତତ୍ତ୍ୱ ଓ ଚାଲିଚଳନକୁ ମାଆ ହିଁ ବୁଝିପାରେ; ମାତ୍ର ଆଧୁନିକ ବିଜ୍ଞାନର ଜୟଯାତ୍ରା ଫଳରେ ପିଲାଟି ମୋବାଇଲ୍ ପ୍ରିୟ ହୋଇଯାଏ। ଏଣୁ ଶିଶୁକୁ ପୁସ୍ତକମନସ୍କ କରାଇବା ନିମନ୍ତେ ଶିଶୁ ସାହିତ୍ୟିକଙ୍କ ଲେଖନୀ ଗୁରୁତ୍ୱପୂର୍ଣ୍ଣ। ମୁଖ୍ୟବକ୍ତା ବରିଷ୍ଠ ଶିଶୁ ସାହିତ୍ୟିକ ତ୍ରିଲୋଚନ ମଥାନ କହିଲେ ଯେ, ଶବ୍ଦ ବ୍ରହ୍ମ ହୋଇ ଥିବାରୁ ପ୍ରତ୍ୟେକ ଶିଶୁର ହୃଦୟରେ ଏକ ଆବେଗପୂର୍ଣ୍ଣ ଅଭିଳାଷ ଥାଏ। ସେ ବୋଧଗମ୍ୟ ଭାଷାରେ ଲିଖିତ ଗପ, କବିତା, ଭ୍ରମଣ ଅନୁଭୂତି ଓ ବିଜ୍ଞାନ ପ୍ରବନ୍ଧକୁ ପସନ୍ଦ କରେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ବାନରସେନାର ପାର୍ବଣ ସଂଖ୍ୟା ଲୋକାର୍ପିତ ହୋଇଥିଲା। ପଣ୍ଡିତ ପରିତୋଷ ଦାସ ବନ୍ଦେ ମାତରମ୍ ଗାନ କରିଥିବା ବେଳେ ବିଶିଷ୍ଟ କବି ଓ ରାଜ୍ୟ ପୁରସ୍କୃତ ଶିକ୍ଷକ ପଣ୍ଡିତ ତ୍ରୈଲୋକ୍ୟ ନାଥ ମହାପାତ୍ର ମଞ୍ଚ ପରିଚାଳନା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ତେଲିଙ୍ଗିବାଜା ପତ୍ରିକାର ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ବାରିକ ସ୍ୱାଗତ ଭାଷଣ ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପିଲାମାନଙ୍କ ପାଇଁ ବିଜ୍ଞାନସାହିତ୍ୟରେ ମୌଳିକତା ଉପରେ ବିଶିଷ୍ଟ ବିଜ୍ଞାନ ଲେଖିକା ଓ ଶିକ୍ଷାବିତ୍ ରଶ୍ମିବାଳା ରାଉତରାୟ ଶିଶୁସାହିତ୍ୟରେ ବିଜ୍ଞାନ କାହିଁକି, ମଞ୍ଜୁଳା କୁମାରୀ ରଥ ବିଜ୍ଞାନକବିତାର ଭିତ୍ତି ଓ କୃତି, ସୁସ୍ମିତା ମହାପାତ୍ର ବିଜ୍ଞାନ ଗଳ୍ପର ଦିଗ ଓ ଦିଗନ୍ତ ଏବଂ ଡ. ସରୋଜିନୀ ସାହୁ ବିଜ୍ଞାନ ରଚନାର ବିବିଧ ବିଭାଗ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସେହିଭଳି କବିତାରେ ପାଠକୀୟତା ସମ୍ପର୍କରେ କବି ତ୍ରିଲୋଚନ ମଥାନ ଓ କବି ପ୍ରକାଶ ଚନ୍ଦ୍ର ଖଟୋଇ ସାରଗର୍ଭକ ଆଲୋଚନା କରିଥିଲେ। ଗଳ୍ପର ଚିତ୍ରକଳ୍ପ ଉପରେ ଜାତୀୟସ୍ତରରେ ପୁରସ୍କୃତ ଶିଶୁସାହିତ୍ୟିକ ଚିତ୍ତରଞ୍ଜନ ବ୍ରହ୍ମା, ବିଶିଷ୍ଟ ଆଲୋଚକ ନୃସିଂହ ଚରଣ ବିଶ୍ୱାଳ ଓ ପ୍ରତିଭାବାନ ଗାଳ୍ପିକା ସ୍ନିଗ୍ଧା ନାୟକ ଚମତ୍କାର ଢଙ୍ଗରେ ମାର୍ମିକ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ବିଶିଷ୍ଟ କବି ବିଜୟଲକ୍ଷ୍ମୀ ପଟ୍ଟନାୟକ ଓ ବରିଷ୍ଠ ଲେଖକ ସତ୍ୟବ୍ରତ ଦାସ ଭିତ୍ତି ପ୍ରବନ୍ଧ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ଖବରକାଗଜର କର୍ମନିଷ୍ଠ ପ୍ରତିନିଧିମାନଙ୍କୁ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। କବି ମନୋରଞ୍ଜନ କଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଅଧିବେଶନ ଆରମ୍ଭ ପୂର୍ବରୁ ଶିଶୁ ପୁସ୍ତକ ଓ ପତ୍ରିକା ପ୍ରଦର୍ଶନୀକୁ ଆଶ୍ରମର ସମ୍ପାଦକ ଅଶୋକ ଅଗ୍ରୱାଲ ଉଦ୍‌ଘାଟନ କରିଥିଲେ। ଅପରାହ୍ଣ ଅଧିବେଶନରେ ବରିଷ୍ଠ କବି ପୁଷ୍ପଲତା ପଟେଲଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ବିଶିଷ୍ଟ କବି ଓ ଚିକିତ୍ସକ ଡାକ୍ତର ଗୀତାଞ୍ଜଳି ପତ୍ରୀ, ମୁଖ୍ୟବକ୍ତା ରଶ୍ମିବାଳା ରାଉତରାୟ, ସମ୍ମାନିତ ବକ୍ତା ଚିତ୍ତରଞ୍ଜନ ବ୍ରହ୍ମା ଓ ନୃସିଂହ ଚରଣ ବିଶ୍ୱାଳ କର୍ମଶାଳାର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ସୁଶ୍ରୀ ରାଜଶ୍ରୀଙ୍କ ସଂଯୋଜନାରେ ୧୦ ଜଣ ଛାତ୍ରଛାତ୍ରୀ ସେମାନଙ୍କ ପ୍ରିୟ କବିଙ୍କ କବିତା ପାଠ କରିଥିଲେ। ଏହି ଅବସରରେ ଆଶୁ କବିତା ରଚନା ପ୍ରତିଯୋଗିତାରେ କୃତୀ କବିଙ୍କୁ ପୁରସ୍କୃତ କରାଯାଇଥିଲା। କବି ଅଶୋକ ପାତ୍ର ମଞ୍ଚ ସଂଚାଳନ ସହିତ ଅତିଥି ପରିଚୟ ଦେଇଥିବା ବେଳେ କବୀ କଳ୍ପନା ସାହୁ ଧନ୍ୟବାଦ ଦେଇଥିଲେ।

## ଓଭରଟେକ୍‌ରୁ ଦୁର୍ଘଟଣା; ବାଇକ୍ ଚାଳକ ଆହତ

ରାଉରକେଲା,୧୯।୧୦(ସମିସ): ପାନପୋଷ ବ୍ରାହ୍ମଣୀ ବ୍ରିଜରେ ଓଭରଟେକ କରିବା ସମୟରେ ଏକ ଦୁର୍ଘଟଣା ଘଟି ଜଣେ ବାଇକ୍ ଚାଳକ ଆହତ ହୋଇଥିବା ଜଣାପଡିଛି। ସୂଚନା ମୁତାବକ, ବେଦବ୍ୟାସ ପଟୁ ବାଇକ୍ ପାନପୋଷ ଆଡ଼କୁ ଆସୁଥିବା ବେଳେ ପାନପୋଷ ପଟୁ ବେଦବ୍ୟାସ ଆଡ଼କୁ ବୋଲେରୋ ଯାଉଥିଲା। ବ୍ରିଜ ଉପରେ ବାଇକ୍ ଚାଳକ ବୋଲେରୋକୁ ଓଭରଟେକ୍ କରିବା ସମୟରେ ଦୁର୍ଘଟଣା ଘଟିଥିଲା। ଫଳରେ ବାଇକ୍ ଚାଳକ ରାସ୍ତାରେ ପଡ଼ି ଆହତ ହୋଇଥିଲେ।



# କାରରୁ ଗଞ୍ଜେଇ ଜବତ, ଜଣେ ଗିରଫ

**ଶଗଡ଼ା, ୧୯ ।୧୦(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଏକ କାରରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ଜଣେ ମାଫିଆକୁ ଗିରଫ କରିଛି। ଗିରଫ ମାଫିଆ ଜଣକ ହେଲେ କନ୍ଧମାଳ ଜିଲ୍ଲା ଗୋଛାପଡ଼ା ଥାନା ବାଲାନ୍ଦାପଡ଼ା ଗ୍ରାମର ସଞ୍ଜୟ ଦିଗାଲ (୪୨)। ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ଅଧିକାରୀ ସତ୍ୟନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଉଦେପୁର ଛକ ନିକଟରେ ଏକ କାର (ଓ ଆର ୦୨ ବିଏଲ ୮୧୧୬)କୁ ଅଟକାଇ



ଯାଞ୍ଚ କରିଥିଲା। ଯାଞ୍ଚ ପରେ କାରରୁ ଗଞ୍ଜେଇ ବାହାରି ଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କଲା ପରେ ୧୦ କେଜି ହୋଇଥିଲା। ଅବକାରୀ ଟିମ୍ ଗାଡି, ଗଞ୍ଜେଇ ସହ ଜଣେ ମାଫିଆକୁ ଗିରଫ କରିଛି। ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ପକ୍ଷରୁ ୧୦୫/୨୫ରେ ଏକ ମାମଲା ରୁଜୁ କରି ସଞ୍ଜୟକୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଅଧିକାରୀ ସତ୍ୟନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି।

# ବିନା ଅନୁମତିରେ ବାଣ ବିକିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

**କେସିଙ୍ଗା, ୧୯ ।୧୦(ସମିସ)**

ଦୀପାବଳି ପାଇଁ ଗାଁ ଠାରୁ ସହର ସବୁଠି ବିଭିନ୍ନ ଦୋକାନରେ ସମ୍ମୁଖରେ ଭିଡ ଦେଖିବାକୁ ମିଳୁଛି। ଆଜି ପର୍ଯ୍ୟନ୍ତ ଗୋଟିଏ ବି ବାଣ ଦୋକାନ ଖୋଲିନାହିଁ। ଅନ୍ୟ ବର୍ଷମାନଙ୍କରେ ଦୀପାବଳୀର ୧୫ ଦିନ ଆଗରୁ ବାଣ ଦୋକାନ ଖୋଲି ଯାଇଥାଏ। କିନ୍ତୁ ଚଳିତ ବର୍ଷ ପ୍ରଶାସନର ଚଢ଼ାଉ ପାଇଁ ବେପାରିମାନେ ବ୍ୟବସାୟ ଆରମ୍ଭ କରି ନାହାନ୍ତି।ବିଗତ ଦିନରେ ବୌଦ୍ଧ ଜିଲ୍ଲାରେ ହୋଇଥିବା ବାଣ ବିସ୍ଫୋରଣ ଯୋଗୁଁ ହୋଇଥିବା କ୍ଷୟକ୍ଷତିକୁ ଆଖି ଆଗରେ ରଖି ରାଜ୍ୟ ସରକାର ଆଗୁଆ ସତର୍କ ଅବଲମ୍ବନ କରୁଛନ୍ତି।ତେଣୁ କିଛିଦିନ ତଳେ ସାରା ଜିଲ୍ଲାରେ ଥିବା ବାଣ ବ୍ୟବସାୟୀଙ୍କ ଘରେ ପୁଲିସ ପକ୍ଷରୁ ରେଡ କରାଯାଇ ବିପୁଳ ପରିମାଣର ବାଣ ଜବତ ହୋଇଛି। ଗୁରୁବାର ନର୍ଲାରେ ମଧ ଲକ୍ଷାଧିକ ଟଙ୍କାର ବାଣ ଜବତ ହୋଇଛି।କଳାହାଣ୍ଡି ଜିଲ୍ଲା କେସିଙ୍ଗାରେ ମଧ ୧୫ ଦିନ ତଳେ ପୁଲିସ ପକ୍ଷରୁ ବିଭିନ୍ନ ଦୋକାନରେ ଚଢ଼ାଉ କରି ବିପୁଳ ପରିମାଣର ବାଣ ଜବତ କରିଥିଲା।ଅନ୍ୟପଟେ ଶବ୍ଦ ପ୍ରଦୂଷଣ ଓ ବାୟୁ ପ୍ରଦୂଷଣକୁ ରୋକିବା ପାଇଁ ମାନ୍ୟବର ଅଦାଲତ ମଧ ଦୀପାବଳୀ ଦିନ ମାତ୍ର ୨ ଘଣ୍ଟା ସନ୍ଧ୍ୟା ୭ରୁ ରାତ୍ର ୯ ପର୍ଯ୍ୟନ୍ତ ବାଣ ଫୁଟାଇବା ପାଇଁ ଅନୁମତି ପ୍ରଦାନ କରିଥିବା ବେଳେ ବିନା ପ୍ରଦୂଷିତ ଫଟକରା ଫୁଟାଇବା ଉପରେ ରୋକ ଲଗାଇ ନାହାନ୍ତି। ହେଲେ ବଡ଼ ବଡ଼ ବାଣ



ବ୍ୟବସାୟୀଙ୍କ ଠାରୁ ଛୋଟ ଛୋଟ ବ୍ୟବସାୟୀ ମାନେ ଦୀପାବଳୀରେ କିପରି ବିକିବେ ଚିନ୍ତାରେ ପଡ଼ିଯାଇଛନ୍ତି। ଏ ବିଷୟ ଉପରେ କେସିଙ୍ଗା ଥାନା ଅଧିକାରୀ ଜୀତେନ୍ଦ୍ର ବିଶ୍ୱାଳଙ୍କ ସହିତ ଆଲୋଚନା କରିବାରୁ ଆଜି ପର୍ଯ୍ୟନ୍ତ କେସିଙ୍ଗାରେ କେତେ ଜଣ ବ୍ୟବସାୟୀ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଅନୁମତି ପାଇଛନ୍ତି ଆମ ପାଖରେ ଖବର ନାହିଁ।କିନ୍ତୁ ବିନା ଅନୁମତିରେ ଯେ କୌଣସି ବ୍ୟବସାୟୀ ଦୋକାନରେ ବାଣ ବିକ୍ରୟ କରେ ଧରାପଡ଼ିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ସଫେଇ କର୍ମଚାରୀ ଚାକିରି ନାଁରେ ଠକେଇ

**ବୀରମହାରାଜପୁର, ୧୯ ।୧୦ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ଥାନା ଅଞ୍ଚଳରେ ସଫେଇ କର୍ମଚାରୀ ଅଭିଯାନରେ ଚାକିରି କରାଇଦେବା ନାଁରେ ଏକ ବଡ଼ ଠକ ରାକେଟ ସକ୍ରିୟ ହୋଇଛି। ରାକେଟରେ ସମ୍ପୃକ୍ତ ବ୍ୟକ୍ତିମାନେ ବିଭିନ୍ନ ଗ୍ରାମରେ ପ୍ରଥମେ ଏଜେଣ୍ଟ ନିଯୁକ୍ତ କରୁଛନ୍ତି। ଏହାପରେ ଏଜେଣ୍ଟମାନେ ଆଶାୟୀ ସଫେଇ କର୍ମଚାରୀଙ୍କଠାରୁ ଜଣପିଛା ୧୨ହାଜର ଟଙ୍କା ଅସୁଲ କରୁଛନ୍ତି। ଯିଏ ୧୩ ହାଜର ଦେବେ ତାଙ୍କୁ ସଫେଇ ଅଭିଯାନରେ କର୍ମଚାରୀ ନିଯୁକ୍ତି ମିଳିବ। ଦୈନିକ ୪୦୦ଟଙ୍କା ଆଧାରରେ ମାସିକ ୧୨ହଜାର ଟଙ୍କା ଦରମା ଦିଆଯିବ ବୋଲି ଆଶାୟୀଙ୍କୁ କଥା ଦେଇ ଏଜେଣ୍ଟମାନେ ଠକେଇ କରୁଛନ୍ତି। ଯେଉଁମାନେ ଚାକିରି ଲୋଭରେ ପଡ଼ି ଟଙ୍କା ଦେଉଛନ୍ତି ତାଙ୍କୁ ସ୍ଥାନୀୟ ଏଜେଣ୍ଟ ରାତି ୩ଟାରୁ ୪ଟା ପର୍ଯ୍ୟନ୍ତ ଏକ ଗାଡ଼ି ଭଡା କରି ଆଣି ମୁଖ୍ୟ ରାସ୍ତାରେ ଛିଡ଼ାକରି ଏକ ଫଟୋ ଉଠାଉଛନ୍ତି। ପରେ ତାଙ୍କୁ କାମ ସରିଗଲା ବୋଲି କହି ପୁଣି ଗାଡ଼ିରେ ନେଇ ଘରେ ଦେଉଛନ୍ତି। ଏଥିରେ ଶହ ଶହ ଆଶାୟୀ ଯୁବକ ଠକାମିର ଶିକାର ହେଉଛନ୍ତି। ଏହି ଠକ ରାକେଟ ଉଲୁଣ୍ଡା ଓ ଆଖପାଖ ଅଞ୍ଚଳରୁ ପ୍ରାୟ ୫୦ ଲକ୍ଷରୁ ଅଧିକ ଆଦାୟ କଲେଣି। ତେବେ ଏ ନେଇ ଥାନା ଅଧିକାରୀ ଲିଙ୍ଗରାଜ ସେଠୀଙ୍କୁ ପଚାରିବାରୁ ପୁଲିସରେ ସେଭଳି କିଛି ଅଭିଯୋଗ ହୋଇନାହିଁ। ଅଭିଯୋଗ ଆସିଲେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

# କଣ୍ଟାମାଳ ପୁଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା

**ଶଗଡ଼ା, ୧୯ ।୧୦ (ସମିସ):** କଣ୍ଟାମାଳ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ କଣ୍ଟାମାଳ ପୁଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଣ୍ଟାମାଳ ଥାନା ଅଧିକାରୀ ରଞ୍ଜିତ ମୁନି ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ସହ ସାଇବର ସୁରକ୍ଷା ସଚେତନତା ଉପରେ ଆଲୋଚନା କରିଥିଲେ। କେମିତି ସାଇବର ଠକେଇରୁ ଦୂରେଇ ରହିବେ ସେ ଉପରେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଏହି ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ମାସେ ଧରି ସାରା ରାଜ୍ୟରେ ସାଇବର ସୁରକ୍ଷା ନେଇ ଜନ ସାଧାରଣଙ୍କୁ ସଚେତନ କରାଯିବ। ସୁରକ୍ଷିତ ଓଡ଼ିଶା ଗଠନ ପାଇଁ ଅନ ଲାଇନ ଠକେଇ ପ୍ରତି ସାବଧାନ ରହିବା ପାଇଁ ଲୋକଙ୍କୁ ସତର୍କ କରାଯିବ। ସାଇବର ସୁରକ୍ଷା କ୍ୟାମ୍ପେନ ମାଧ୍ୟମରେ ସାଇବର ଅପରାଧକୁ ରୋକାଯାଇ ପାରିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ୩ ପଞ୍ଚାୟତ ଭବନର ଭିତ୍ତିପ୍ରସ୍ତର ସ୍ଥାପନ

**ଶଗଡ଼ା, ୧୯ ।୧୦(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ସମେତ ବ୍ଲକର ୩ଟି ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତ ଭବନର ଭିତ୍ତି ପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଏହି ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। କଣ୍ଟାମାଳରେ ବିଡ଼ିଓ ସାମି ରେଡି ଜୟଶ୍ରୀ, ସରପଞ୍ଚ ଦୀପାଞ୍ଜଳି ଖଟୁଆ, ପଞ୍ଚାୟତ ନିର୍ବାହୀ ଅଧିକାରୀ ମଧୁସ୍ମିତା ମହାକୁଲ, ନାରାୟଣ ପ୍ରସାଦରେ ସରପଞ୍ଚ ରୀତାକାନ୍ତୀ ମାଝୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଭୁଲେଶ୍ୱର ନାଗ ଓ ବିଳାସପୁରରେ ସରପଞ୍ଚ ଅମ୍ବିକା ସୁନା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଜ୍ଞାନରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କଣ୍ଟାମାଳ ବ୍ଲକର ଏହି ୩ଟି ପଞ୍ଚାୟତରେ ୩୫ ଲକ୍ଷ ଟଙ୍କା ବ୍ୟୟରେ ନୂତନ ପଞ୍ଚାୟତ ଭବନ ନିର୍ମାଣ କରାଯିବ।

# ହରିଣ ମାଂସ ଜବତ; ଶିକାରୀ ଗିରଫ



**ବୀରମହାରାଜପୁର, ୧୯।୧୦ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ରେଞ୍ଜ ଅନ୍ତର୍ଗତ ଖରାପୁରା ଶୁଲିଆ ରାସ୍ତାରେ ବନବିଭାଗ ଚଢ଼ଉକରି ହରିଣମାଂସ ଜବତ କରିବା ସହ ଜଣେ ଶିକାରୀକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା ଧମା ଥାନା ଅନ୍ତର୍ଗତ ତବଲେଇର ଅରୁଣ ଭୁଏ। ଅଭିଯୁକ୍ତ ଶିକାରୀ ଜଣକ ଏକ ସାଇକଲରେ ହରିଣ ମାଂସ ଧରି ସାଗଜୁରି ଅଞ୍ଚଳକୁ ଯାଉଥିବାବେଳେ ଫରେଷ୍ଟର ବିନୋଦ ସାହୁ, ଉଲୁଣ୍ଡା ଫରେଷ୍ଟର ଦୀନେଶ ମାଝୀ, ଗାର୍ଡ ଆଶୁତୋଷ ହୋତାଙ୍କ ସମେତ ସ୍କ୍ୱାଡ୍ ଟିମ୍ ରାସ୍ତାରେ ଚଢ଼ଉ କରିଥିଲେ। ଫଳରେ ସାଇକଲ ସହ ୨ କେଜି ହରିଣ ମାଂସ ଜବତ କରିଥିଲେ। ଏଥିସହ ଅଭିଯୁକ୍ତ ଅରୁଣଙ୍କୁ ଗିରଫ କରିଥିଲେ। ଏ ନେଇ ବନ ବିଭାଗ ଏକ ମାମାଲା ରୁଜୁକରି ଅଭିଯୁକ୍ତ ଶିକାରୀ ଅରୁଣ ଭୁଏକୁ କୋର୍ଟ ଚାଲାଣ କରିଥିବା ଜଣାଯାଇଛି।

# ମଦ କାରବାରରେ ୨ ଗିରଫ

**ଡୁଙ୍ଗୁରିପାଲି, ୧୯ ।୧୦ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ରାମପୁର ଥାନା ପକ୍ଷରୁ ପୃଥକ୍ ପୃଥକ୍ ଦୁଇ ଦିନର ଚଢ଼ଉରେ





୫୦ ଲିଟର ଦେଶୀ ମଦ ଜବତ କରିବା ସହ ୨ଜଣକୁ ଗିରଫ୍ କରି କୋଟ ଚାଲାଣ କରିଛି। ରାମପୁର ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ପଣ୍ଡକିଟାଲ ଛକରେ ଏକ ଗାଡ଼ିରୁ ୩୦ ଲିଟର ଦେଶୀ ମଦ ଜବତ କରିଛି। ବରଗଡ଼ ଜିଲ୍ଲା ବରପାଲି ଥାନା ରକଶା ଗ୍ରାମର କୁବେର ନାଏକକୁ ଗିରଫ କରିଛି। ସେହିଭଳି ବାଙ୍କିପାଲି ଛକରୁ ୨୦ ଲିଟର ଦେଶୀ ମଦ ଜବତ କରିବା ସହ ବଡ଼ଭାଲୁପାଲି ଗ୍ରାମର ରବୀନ୍ଦ୍ର ମାଝୀକୁ ଗିରଫ କରିଛି। ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପଦ୍ମାସିନୀ ମେହେର ସୂଚନା ଦେଇଛନ୍ତି।

# ଗଞ୍ଜେଇ କାରବାରରେ ଦମ୍ପତି ଗିରଫ

**ଡୁଙ୍ଗୁରିପାଲି, ୧୯ ।୧୦(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ପୁଲିସ ୨୧କେଜି ୫୮୧ ଗ୍ରାମ ଗଞ୍ଜେଇ ଜବତ କରି ଦୁଇ ଜଣକୁ ଗିରଫ କରିଛି। ଏମାନେ ହେଲେ ମଧ୍ୟପ୍ରଦେଶ ରାଧାକ୍ରିଷ୍ଣ ଜବଲପୁରର ହିମାଂଶୁ ବଡେଲ (୨୦) ଓ ତାଙ୍କ ପତ୍ନୀ ଆସିକା ବଡେଲ। ଶନିବାର ସନ୍ଧ୍ୟାରେ ୨୬ ନମ୍ବର ଜାତୀୟ ରାଜପଥ ଖୁଣ୍ଟପାଲି ଷ୍ଟେସନ ରୋଡ୍‌ରେ ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ସ୍ୱାମୀ, ସ୍ତ୍ରୀକୁ ସନ୍ଦେହ କରିଥିଲା। ସେମାନେ ଧରିଥିବ ବ୍ୟାଗ ଯାଞ୍ଚ କରିବାରୁ ଗଞ୍ଜେଇ ମିଳିଥିଲା। ଜବତ ଗଞ୍ଜେଇର ମୂଲ୍ୟ ୨, ୧୫, ୮୨୦ ଟଙ୍କା ହେବ। ଏହାସହ ସେମାନଙ୍କ ପାଖରୁ ୨ଟି ମୋବାଇଲ, ଗୋଟିଏ ଆଇଫୋନ୍-୭ ଓ ୪୦୦ ଟଙ୍କା ଜବତ କରାଯାଇଛି। ଏହା ବାହାର ରାଜ୍ୟକୁକୁ ଚାଲାଣ ହେଉଥିଲା। ଏ ନେଇ ଡୁଙ୍ଗୁରିପାଲି ପୁଲିସ ମାମଲା ରୁଜୁ କରି ସେମାନଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ରୋଜାଲିନ ପଟେଲ ସୂଚନା ଦେଇଛନ୍ତି।



# ଲାଞ୍ଜିଗଡ଼ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନମେଳା

**ଲାଞ୍ଜିଗଡ଼, ୧୯ ।୧୦(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ସାମାଜିକ ବିଜ୍ଞାନ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜମ୍ବେଶ୍ୱର ମାଝୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଜାତୀୟସ୍ତରରେ ପୁରସ୍କାରପ୍ରାପ୍ତ ଶିକ୍ଷକ ସନ୍ତୋଷ କର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଜିଲ୍ଲା ଶିକ୍ଷା ବିଭାଗର ଯୁକ୍ତ-୨ କଡିନେଟର ବିରେନ୍ଦ୍ର ଆଚାର୍ଯ୍ୟ ଓ ପଞ୍ଚସଖା ଶିକ୍ଷା ସେତୁର ଜିଲ୍ଲା ସଂଯୋଜକ ପ୍ରଶାନ୍ତ ନନ୍ଦ, ଲାଞ୍ଜିଗଡ଼ ବ୍ଲକ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଭରତ ଭୂଷଣ ସାହୁ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।ଇତିହାସ ଓ ଭୂଗୋଳ ବିଷୟ ପ୍ରତି ପିଲାଙ୍କ ଆଗ୍ରହ ନିମନ୍ତେ ବିଦ୍ୟାଳୟର ସାମାଜିକ ବିଜ୍ଞାନ ଶିକ୍ଷକ ବିନୋଦ ବାତ୍ରାଙ୍କ ସହାୟତାରେ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଇତିହାସ ଓ ଭୂଗୋଳ ବିଷୟର ୫୦ରୁ ଉର୍ଦ୍ଧ୍ୱ ମଡେଲ ପ୍ରସ୍ତୁତ କରି ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ରଞ୍ଜିତା ଆଚରି, ଦ୍ୱିତୀୟ ସ୍ଥାନ ପୁନମ ଗହିର ଓ ତୃତୀୟ ସ୍ଥାନ ସ୍ମୃତି ସେଠୀ ଅଧିକାର କରିଥିବା ପୁରସ୍କୃତ କରିବା ସହ




ଶ୍ରେଷ୍ଠ ୧୦ ଜଣଙ୍କୁ ମାନପତ୍ର ଓ ପୁରସ୍କାର ସହ ସମ୍ମାନିତ କରିବା ସହ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ବିଷ୍ଣୁ ପ୍ରସାଦ ରାଉତ, ସୁନିଲ କୁମାର ପାଠକ, କାହ୍ନୁ ଚରଣ ଡାକୁଆ, ସିରିପୁରମ ମୋହନା ରାଓ, ରୋଜାଲିନ ପାଢ଼ୀ, ଅମିତା ସ୍ୱାଇଁ, ବନିତା ଧଙ୍ଗଡ଼ାମାଝୀ ପ୍ରମୁଖ ସହଯୋଗ କରିଥିଲେ।ଶେଷରେ ଶିକ୍ଷକ ନାଗେଶ୍ୱର ସା ଧନ୍ୟବାଦ ଅର୍ପଣ କରିଥିଲେ।

# କେପାସିଟି ବିଲ୍ଡିଂ ଫର୍ ୟୁଥ୍ ଅନ୍ ଇକୋ-କ୍ଲାସ୍ କର୍ମଶାଳା



**ଭବାନୀପାଟଣା, ୧୯ ।୧୦(ସମିସ):** କଳାହାଣ୍ଡି ଚାରୁକଳା ଓ ଗବେଷଣା ମହାବିଦ୍ୟାଳୟରେ ସେଣ୍ଟର ଅଫ୍ ଏନ୍‌ଭାର୍‌ମେଣ୍ଟ ଷ୍ଟଡିସ ଫରେଷ୍ଟ ଏନ୍‌ଭାର୍‌ମେଣ୍ଟ ଏଣ୍ଡ କ୍ଲାଇମେଟ୍ ଚେଞ୍ଜ ଡିପାର୍ଟମେଣ୍ଟ ତରଫରୁ କେପାସିଟି ବିଲ୍ଡିଂ ଫର୍ ୟୁଥ୍ ଅନ୍ ଇକୋ-କ୍ଲାସ୍ କର୍ମଶାଳା ଆୟୋଜନ କରାଯାଇଥିଲା। ଉକ୍ତ କର୍ମଶାଳାରେ ବିଶିଷ୍ଟ କଳାକାର ସ୍ଥାପତ୍ୟ ଜୟନ୍ତ ଦାସ, ଭୁବନେଶ୍ୱର, ପ୍ରାକ୍ତନ ଅଧକ୍ଷ ଖଲିକୋଟ, ମୁଖ୍ୟ ଅତିଥି ଭାବେ, ଡ. ଉମେଶ ଚନ୍ଦ୍ର ଶତପଥି (ଶିକ୍ଷାବିତ୍), ଶିକ୍ଷକ, ସର୍ବେଶ୍ୱର ଭୋଇ ଏବଂ ଚିଣ୍ଟୁ ପ୍ରସାଦ ନାଏକ(ଅଧକ୍ଷ, କେସିଏଆର୍) ବିଶିଷ୍ଟ ଲୋକ ଓ ସ୍ଥାପତ୍ୟ କଳାକାର ସଭାପତିତ୍ୱ କରିଥିଲେ ଓ ଉକ୍ତ କର୍ମଶାଳାରେ ଜଗଦିସ୍ ପାଣିଗ୍ରାହି ଓ ଡ.ବିପ୍ର ଚରଣ ନାଏକ କଣ୍ଢେଇ କଳାକାର, ଗଞ୍ଜାମ, କୌବଲ୍ୟ ରଣା, ଭଙ୍ଗାବାରି (ଟେରାକୋଟା କଳାକାର), ରାଜେଶ ମହାରଣା (କାମଠଣା) ଉଡ୍ କାରଭିଂଗ୍ ଭବାନୀପାଟଣା, ଘାସିରାମ ନାଗ, ବାଉଁଶ କାମ, ଐଶ୍ୱରୟା ପାଢି ପେପର୍ କ୍ରାଫ୍ଟ, ପରି ସାହୁ, ପେପର୍ କ୍ରାଫ୍ଟ, ରିସର୍ଚ୍ଚ ପର୍ସନ୍ ଥିଲେ ଥବୁର ପ୍ରସାଦ ଯାଦବ, ମନୋଜ ରାଉତ, ସସ୍ମିତା ପଟେଲ ସହଯୋଗ କରିଥିଲେ। ଶେଷରେ କେସିଏଆର୍‌ର ସମ୍ପାଦକ କମଳ କିଶୋର ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ।








# ନୂଆଁ ବ୍ଲକ୍ ଗଠନ ପାଇଁ ଅଙ୍କକଷା

**ସିନାପାଲି, ୧୯ ।୧୦(ସମିସ)**

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକର ବିଭିନ୍ନ ପଞ୍ଚାୟତଗୁଡ଼ିକ ନୂତନ ବ୍ଲକ ଗଠନ ନେଇ ଅଙ୍କକଷା ଆରମ୍ଭ କରିଛନ୍ତି। କେଉଁଠାରେ ହେଲେ ଲୋକେ ଉପକୃତ ହେବେ ତାକୁ ନେଇ ପରସ୍ପର ପଞ୍ଚାୟତ ମଧ୍ୟରେ ଲାଗି ରହିଛି ଚର୍ଚ୍ଚା ଚାଲିଛି। ତେବେ ଏହି ନୂତନ ବ୍ଲକ ଗଠନ ଦାବି ପ୍ରକ୍ରିୟାରେ କେତେଦୂର ସଫଳ ହେଉଛନ୍ତି ଓ ନୂତନ ବ୍ଲକ ଗଠନ କେଉଁ ଠାରେ ହେଉଛି ତାକୁ ନେଇ ଅଞ୍ଚଳର ଜନସାଧାରଣ ଅପେକ୍ଷା କରି ରହିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ସିନାପାଲି ବ୍ଲକର ସର୍ବପୁରାତନ ପଞ୍ଚାୟତ କେନ୍ଦୁମୁଣ୍ଡାରେ ନୂତନ ବ୍ଲକ ଗଠନ ନେଇ ଅଙ୍କ କଷା ଆରମ୍ଭ ହୋଇଛି। କେନ୍ଦୁମୁଣ୍ଡା ଗ୍ରାମର ଜନସାଧାରଣ ତଥା ବୁଦ୍ଧିଜୀବୀ କହିବା ଅନୁସାରେ ପଞ୍ଚାୟତରେ ବ୍ଲକ ହେବା ନେଇ ୨୦୦୮ ରୁ ଦାବି ଜଣାଇ ଆସୁଥିବା ବେଳେ ବର୍ତ୍ତମାନ ୨୦୨୪ ପର୍ଯ୍ୟନ୍ତ ଅନେକଥର ସରକାରଙ୍କ ନିକଟରେ ଦାବି ଜଣାଇ ସାରିଛି। ଏପରିକି ଏହି ସ୍ଥାନରେ ବ୍ୟାଙ୍କ, ରାଜସ୍ୱ କାର୍ଯ୍ୟାଳୟ, ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଆୟୁର୍ବେଦ, ସ୍ୱାସ୍ଥ୍ୟକେନ୍ଦ୍ର, ଉଚ୍ଚ ବିଦ୍ୟାଳୟ ସମେତ ଅନେକ କାର୍ଯ୍ୟାଳୟ ରହିଛି। ତେଣୁ କେନ୍ଦୁମୁଣ୍ଡା ପଞ୍ଚାୟତ ସମେତ ନଙ୍ଗଲବୋର୍ଡ, ଘାଟମାଳ, ନୁଆମାଳପଡ଼ା, ଖଇରପଦର, କଇଁଟପଦର, କରଣ ବାହାଲି, ଝାରବନ୍ଧକୁ ମିଶାଇ ନୂତନ ବ୍ଲକ ଗଠନର ଯଥାର୍ଥ ରହିଛି ବୋଲି କେଶରି ମାଝୀ, କୈଳାଶ ବାଗ, ସ୍ଥାନୀୟ ସରପଞ୍ଚ ମଦନ ଦଣ୍ଡସେନା, ଡିଙ୍ଗର ନାଏକ, ଖଗେଶ୍ୱର ମାଝୀଙ୍କ ସମେତ ଅନେକ ବୁଦ୍ଧିଜୀବୀ ପ୍ରକାଶ କରିଥିବା ବେଳେ କେନ୍ଦୁମୁଣ୍ଡା ଗୋଟିଏ ପଞ୍ଚାୟତରେ ଏହି ଅଞ୍ଚଳ ରହିଥିଲା ପରବର୍ତ୍ତୀ ସମୟରେ ବିଭାଜନ ହୋଇ ନୂତନ ପଞ୍ଚାୟତ ହୋଇଛି ତେଣୁ ଏହି ସ୍ଥାନ ଉପଯୁକ୍ତ ବୋଲି କହିଛନ୍ତି। ସେହିପରି ଖଇରପଦର ଠାରେ ଉପରୋକ୍ତ ପଞ୍ଚାୟତକୁ ନେଇ ଦାବିନେଇ ଗତ କିଛି ଦିନ ତଳେ ବୈଠକ ଆୟୋଜନ କରି ନୂତନ ବ୍ଲକ ଗଠନ କମିଟି ଓ କ୍ରୀୟାନ୍ୱୟନ୍ କମିଟି ଗଠନ କରି ସରକାର ତଥା ପ୍ରଶାସନ ନିକଟରେ ଦାବି ଜଣାଇବା ପାଇଁ ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ଗିରିରାଜ ମାଝୀ, ଜୟପାଲ ନାଗ, ସୁରେନ୍ଦ୍ର ସୁନାନୀ ସମେତ ଅନେକ ମତ ପୋଷଣ କରିଛନ୍ତି। ସେହିପରି ସିନାପାଲି ବ୍ଲକର ସୀମାନ୍ତ ଖଡିଆଳ ବ୍ଲକର କିରିକିଟା ପଞ୍ଚାୟତ ଠାରେ ନୂତନ ବ୍ଲକ ଗଠନ ନେଇ ଦୀର୍ଘ ବର୍ଷ ଧରି ଦାବି କରି ଆସୁଥିବା ବେଳେ କିରିକିଟା ପଞ୍ଚାୟତ, ସୁନାରି ସିକୁଆଁ, ରାଣୀମୁଣ୍ଡା (କୋଟାମାଳ), ଖୁଦପେଜ, ଡୁଆଝର ରହିଥିବା ବେଳେ ସିନାପାଲି ବ୍ଲକର ଗଣ୍ଡାବହାଲି, ମଖାପଦର, ବରଗାଁ ଓ ବୋଡ଼େନ ବ୍ଲକର ଲର୍କା, ରୋକାଲ ପ୍ରମୁଖ ୩ଟି ବ୍ଲକର ମିଶ୍ରଣ ପଞ୍ଚାୟତକୁ ନେଇ ଦାବି କରାଯାଉଛି। ସେହିପରି ସିଙ୍ଗଝର ଠାରେ ନୂତନ ବ୍ଲକ ଗଠନ ନେଇ ସରକାରଙ୍କ ନିକଟରେ ଦାବି ଜଣାଇଥିବା ବେଳେ ସିଙ୍ଗଝର ସମେତ ଭରୁଆମୁଣ୍ଡା, ନୂଆପଡ଼ା, କୁସୁମଯୋର, ଝାରବନ୍ଧ, ଗୋଡାଲକୁ ନେଇ ନୂତନ ବ୍ଲକ ଦାବି ରଖୁଛି। ଏପରିକି ଏଠାରେ ଷ୍ଟେଟ ବ୍ୟାଙ୍କ, ପ୍ରାଣୀ ଚିକିତ୍ସା କେନ୍ଦ୍ର, ରାଜସ୍ୱ କାର୍ଯ୍ୟାଳୟ, ଓ ଉଚ୍ଚ ଇଂରାଜୀ ବିଦ୍ୟାଳୟ ରହିଛି। ତେଣୁ ଏହା ଉପଯୁକ୍ତ ସ୍ଥାନ ବୋଲି ଦାବି ଉପସ୍ଥାପନ କରିଛନ୍ତି। ସେହିପରି ବୋଡ଼େନ ବ୍ଲକ ର କରଙ୍ଗାମାଲ ଠାରେ ମଧ ନୂତନ ବ୍ଲକ ନେଇ ବାବେବିର, ଲର୍କା, ରୋକାଲ, ଲିଟିସର୍ଗି, ରାଣୀମୁଣ୍ଡା, ଟିମନପୁର ପଞ୍ଚାୟତ ସମେତ ଆଉ କିଛି ପଞ୍ଚାୟତକୁ ନେଇ ଦାବି ହେଉଛି। ତେବେ ନୂତନ ବ୍ଲକ ଗଠନ କେବେ ହେବ ଓ କାର୍ଯ୍ୟକାରୀ ହେବ ତାହା ସମୟକୁ ନେଇ ଅପେକ୍ଷା ରହିଥିବା ବେଳେ ପରସ୍ପର ପଞ୍ଚାୟତ ଦାବି ଉଠାଇଛନ୍ତି ଆଗାମୀ ଦିନରେ କେଉଁ ସ୍ଥାନ ବିବେଚିତ ହେବ ତାକୁ ନେଇ ଅପେକ୍ଷା କରିଛନ୍ତି ଅଞ୍ଚଳର ଜନସାଧାରଣ ଓ ବୁଦ୍ଧିଜୀବି। ସିନାପାଲି ବ୍ଲକ ୨୭ଟି ପଞ୍ଚାୟତକୁ ନେଇ ଗଠିତ ହୋଇ ଥିବା ବେଳେ ବୋଡ଼େନ ବ୍ଲକ ୧୫ ପଞ୍ଚାୟତ ଓ ଖଡିଆଳ ବ୍ଲକ ୧୮ଟି ପଞ୍ଚାୟତକୁ ନେଇ ଗଠିତ। ହେଲେ ସିନାପାଲି ବ୍ଲକ ଅଞ୍ଚଳ ୨୭ଟି ପଞ୍ଚାୟତ ଥିବରୁ ଅନେକ ସମୟରେ ବିକାଶମୂଳକ କାର୍ଯ୍ୟରେ ଆବଶ୍ୟକ ସରକାରୀ ଅନୁଦାନ ପ୍ରଦାନରେ ଅବ୍ୟବସ୍ଥା ଲାଗି ରହିଥିବା ବେଳେ ସେଭଳି ବିକାଶ ହୋଇ ପାରୁନାହିଁ। ଛୋଟ ଭାବରେ ନୂତନ ବ୍ଲକ ଗଠନ ହେବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

ସକାଳ
THE SAKALA

# ସମ୍ପାଦକୀୟ



ବୈଜ୍ଞାନିକ ନିର୍ଯାସର ଆଧାର ସ୍ୱାଧୀନ ଚିନ୍ତନ ଓ କଠିନ ପରିଶ୍ରମ; ବ୍ୟୟବହୁଳ ଉପକରଣ ନୁହେଁ।
- ସି ଭି ରମଣ

## ଆତସ ଆତଙ୍କ

ଆମର ଏହି ଅଗ୍ରଲେଖ ପାଠ କରିବା ବେଳକୁ ପାଠକମାନେ ଦୀପାବଳୀ ପାଳନର ପ୍ରସ୍ତୁତି ଚୂଡ଼ାନ୍ତ କରିସାରିଥିବେ ଏବଂ ପସନ୍ଦ ମୁତାବକ ବାଣ କିଣିସାରିଥିବେ। ତଥାପି ସଚେତନଧର୍ମୀ ଗଣମାଧ୍ୟମର ଦାୟିତ୍ୱ ଭାବେ ଆମେ ସେ ବିଷୟରେ କିଛି ଉଲ୍ଲେଖ କରିବାକୁ ଉଚିତ ମନେ କରୁଛୁ। ବାଣ(ଆତସବାଜି)ର ପରିବେଶ ଓ ଜନସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ବିଷୟରେ ଆଉ ଲୋକମାନଙ୍କର ଅଜ୍ଞତା ବିଶେଷ ନାହିଁ। ତଥାପି କେବଳ ବାଣ ଫୁଟାଇବାର ପ୍ରତିଯୋଗୀ-ମାନସିକତା ଯୋଗୁଁ ଦେଶରେ ବର୍ଷକୁ ବର୍ଷ ବାଣ ଉତ୍ପାଦନ, ବିକ୍ରିବଟା ଓ ବ୍ୟବହାର ବଢ଼ିବାରେ ଲାଗିଛି। ତତ୍କାଳ ପ୍ରଭାବରେ ବାୟୁମଣ୍ଡଳ ବିଷାକ୍ତ ଧୂଆଁ ଓ ଶବ୍ଦରେ ପରିପୂର୍ଣ୍ଣ ହୋଇପଡୁଛି। ବିଶେଷକରି ରାଜଧାନୀ ଦିଲ୍ଲୀ ଅଞ୍ଚଳରେ ବାୟୁର ମାନ ଅତି ଉତ୍କଟ ସ୍ତରକୁ ଚାଲିଯାଉଛି। ଲୋକଙ୍କୁ ଏହି ବିଷମୟ ଆନନ୍ଦ ଉପଲବ୍ଧିରୁ ନିବୃତ କରିବା ପାଇଁ ବ୍ୟାପକ ସଚେତନ କରାଯାଉଥିଲେ ହେଁ ଫଳପ୍ରଦ ହେଉନାହିଁ। ଶେଷରେ ଦେଶର ସର୍ବୋଚ୍ଚ ଅଦାଲତ ଏଥିରେ ହସ୍ତକ୍ଷେପ କରି ଦିଲ୍ଲୀ ଅଞ୍ଚଳରେ ବାଣ ବିକ୍ରି ଓ ବ୍ୟବହାର ଉପରେ କଟକଣା ଜାରି କରିଥିଲେ ଏବଂ ଚଳିତ ବର୍ଷ ଦେଶର ସବୁ ଅଞ୍ଚଳରେ ଲାଗୁ କରାଯିବା ପାଇଁ ସରକାରଙ୍କୁ ପରାମର୍ଶ ଦେଇଥିଲେ। କିନ୍ତୁ ଲୋକଙ୍କ ବାଣ ଫୁଟା ଜିଦ୍ ଆଗରେ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ନିରୂପାୟ ଓ ଅସହାୟ ହୋଇପଡ଼ିଥିବା ଦେଖାଯାଇଛି। ତେଣୁ ଦିଲ୍ଲୀ ଓ ଆଖପାଖ ଅଞ୍ଚଳରେ ଗ୍ରୀନ୍ କ୍ରାକର ବା ସବୁଜ ବାଣର ନିର୍ଦ୍ଦିଷ୍ଟ ଦିନ, ନିର୍ଦ୍ଦିଷ୍ଟ ଅଞ୍ଚଳରେ ମାତ୍ର କିଛି ଘଣ୍ଟା ପାଇଁ ବିକ୍ରି କରିବାକୁ ସର୍ବୋଚ୍ଚ ଅଦାଲତ ଅନୁମତି ଦେଇଛନ୍ତି।

ସବୁଜ ବାଣ ନାମରେ ବିକ୍ରି ହେଉଥିବା ଆତସ କେତେ ସବୁଜ ବା ପରିବେଶ ଅନୁକୂଳ ତାହା ପ୍ରମାଣ କରିବାର ଉପାୟ ନାହିଁ। କାରଣ ଆମ ମାନବ ସମ୍ବଳ ଏତେ କମ୍ ଏବଂ ବ୍ୟବସ୍ଥା ଏତେ ଦୁର୍ବଳ ଯେ ଖୋଲା ବଜାରରେ ବିକ୍ରି ହେଉଥିବା ସବୁଜ ବାଣ ର ଖୋଳପା ଭିତରେ ପାରମ୍ପରିକ ବାଣ ବିକ୍ରି ହେଉଥିବା ମଧ୍ୟ ଅସମ୍ଭବ ନୁହେଁ। ଏହାଛଡ଼ା ଖାଣ୍ଟି ସବୁଜ ବାଣ ଯେ ସମ୍ପୂର୍ଣ୍ଣ ପରିବେଶ ଅନୁକୂଳ ତାହା ମଧ୍ୟ ନିଶ୍ଚିତ ନୁହେଁ। ନିକଟରେ ଆପୋଲୋ ହସ୍‌ପିଟାଲ୍‌ର ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସଚେତନଧର୍ମୀ ବାର୍ତ୍ତାଟିଏ ଦେଇ କହିଛନ୍ତି ଯେ ସବୁଜ ବାଣ ସମ୍ପୂର୍ଣ୍ଣ ପରିବେଶ ଅନୁକୂଳ କିମ୍ବା ପ୍ରଦୂଷଣମୁକ୍ତ ନୁହେଁ। ପାରମ୍ପରିକ ବାଣଠାରୁ ଏହା କେବଳ ୩୦% ପ୍ରଦୂଷଣ ହ୍ରାସ କରିପାରେ। ତେଣୁ ସବୁଜ ବାଣ ମଧ୍ୟ ସ୍ୱାସ୍ଥ୍ୟ ଉପଯୋଗୀ ନୁହେଁ।

ଏଠାରେ ପ୍ରଶ୍ନ ଉଠୁଛି ପରିବେଶକୁ ନିଜ ହାତରେ ଜାଣିଶୁଣି ବିଷାକ୍ତ କରି ଉତ୍ସବ ପାଳନ କ'ଣ ନିହାତି ଜରୁରୀ। ମାତ୍ର ଦୁଇ/ତିନି ଦଶନ୍ଧି ଭିତରେ ଦେଶର ସାମାଜିକ-ଅର୍ଥନୈତିକ ଚିତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି। ପୂର୍ବାପେକ୍ଷା ଯାନବାହନ ଓ ଜୀବାଶ୍ମ ଇନ୍ଧନ ଦହନ ମାତ୍ରା ଏତେ ବଢ଼ିଯାଇଛି ଯେ ବାୟୁର ସ୍ୱାଭାବିକ ମାନ ଉଦ୍‌ବେଗଜନକ ଭାବେ ହ୍ରାସ ପାଇଛି। ଏବେ ସମୟ ଆସିଛି ପ୍ରଦୂଷଣ ସୃଷ୍ଟିକାରୀ ତତ୍ତ୍ୱଗୁଡ଼ିକୁ ଯଥାସମ୍ଭବ ହ୍ରାସ କରିବାର। କିନ୍ତୁ ଆମେ ତା'ର ବିପରୀତ ଆଚରଣ କରୁଛୁ। ପରମ୍ପରା ଓ ପର୍ବ ନାମରେ ପାଳନ ହୋଇଆସୁଥିବା ବାଣଫୁଟା ଅଭ୍ୟାସକୁ ଯଥାଶୀଘ୍ର ତ୍ୟାଗ ନ କଲେ ଆଗକୁ ପରିସ୍ଥିତି ଭୟାବହ ହୋଇପାରେ। ଏ ଦିଗରେ ସରକାରୀ ତତ୍ପରତା ସହିତ ଲୋକ ସଚେତନତା ମଧ୍ୟ ଅନେକ ମହତ୍ତ୍ୱ ରଖେ।



ପ୍ରଥମ କଥା ହେଲା ନିର୍ଦ୍ଦେଶନାମା ଆସିବାର ଯଥେଷ୍ଟ ଆଗରୁ ବିଭିନ୍ନ ପ୍ରଦୂଷଣସୃଷ୍ଟିକାରୀ ବାଣ ସବୁ ବଜାରକୁ କିମ୍ବା ଗ୍ରାହକଙ୍କ ହାତକୁ ଯଥେଷ୍ଟ ଆଗରୁ ଏଥର ଚାଲିଯାଉଛି। ଦ୍ୱିତୀୟ କଥା ହେଲା ବାଣ ଫୁଟାକୁ ନିୟନ୍ତ୍ରଣ କରିବା ଏବଂ ସବୁଜ ଓ ପ୍ରଦୂଷିତ ଆତସବାଜି ମଧ୍ୟରେ ଥିବା ପାର୍ଥକ୍ୟ ଦେଖିବାକୁ ସରକାର କିମ୍ବା ପୁଲିସ ପ୍ରଶାସନ ପାଖରେ ଯଥେଷ୍ଟ ଲୋକଶକ୍ତି ତଥା ସାଧନ ନାହିଁ। ତେଣୁ ଅଦାଲତ ଅଥବା ସରକାରୀ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାର ବ୍ୟବସ୍ଥାଟି ଅତ୍ୟନ୍ତ ଦୁର୍ବଳ ହୋଇ ପଡ଼ିଛି। ତେଣୁ ବାଣ ଯେପରି ଫୁଟୁଥିଲା, ତା'ଠାରୁ ଅଧିକ ଫୁଟୁଛି ଏବଂ ତତ୍‌ଜନିତ ପ୍ରଦୂଷଣ ବଢ଼ିବାରେ ଲାଗିଛି। ବାଣଫୁଟାକୁ ନିୟନ୍ତ୍ରଣ କରିବାକୁ ହେଲେ ପ୍ରଥମେ ଉତ୍ପାଦନର ଉତ୍ସକୁ ଜଗିବାକୁ ପଡ଼ିବ। ବାଣ ପ୍ରସ୍ତୁତି, ଚାଲାଣ ଓ ବିକ୍ରିବଟା ଉପରେ ସରକାରୀ କଟକଣା ବା ନିଷେଧାଦେଶ ଆଗୁଆ ରହିଲେ ବାଣ ବ୍ୟବହାର କମି ପାରନ୍ତା। କିନ୍ତୁ ସଚେତନ ଓ କଟକଣା ଦାୟିତ୍ୱରେ ଥିବା ପକ୍ଷ ଯଦି ବାଣ କିଣା ଓ ବାଣ ଫୁଟାକୁ ଆନନ୍ଦ ନାମରେ ଅଗ୍ରାଧିକାର ଦେବ ତେବେ ବାଣଫୁଟା କମିବ କେମିତି?

ଏକଦା ଆନନ୍ଦର ଉତ୍ସ ଆତସ ଏବେ ଆତଙ୍କର ରୂପ ନେବାରେ ଲାଗିଛି। ବେଳ ହୁଁ ସଚେତନ ନ ହେଲେ ଏହି ଅଦୃଶ୍ୟ ଆତଙ୍କ ଆମ ପରିବେଶ ସହିତ ଉତ୍ତରପିଢ଼ିଙ୍କୁ ପଙ୍ଗୁ କରିଦେବା ଅସମ୍ଭବ ନୁହେଁ। 'ରୋଗୀଣା ଭାରତ'ର ଅପବାଦ ଅର୍ଜନ କରିବା ପୂର୍ବରୁ ଏବେଠାରୁ ପ୍ରତିକାର ଓ ପ୍ରତିରୋଧ ଆରମ୍ଭ ହେବା ଆବଶ୍ୟକ। ନ ହେଲେ ଉତ୍ତରପିଢ଼ି ଆମକୁ କ୍ଷମା ଦେବ ନାହିଁ। ଏ ଦାୟିତ୍ୱ ଏବେ ଅଭିଭାବକଙ୍କର।

## ଗଣତନ୍ତ୍ରର ବିବର୍ତ୍ତନଧାରା

ଡ. ବିମଳ ଷଡ଼ଙ୍ଗୀ

ଭେନେଜୁଏଲାର ବିରୋଧୀଦଳ ନେତ୍ରୀ ତଥା ଗଣତାନ୍ତ୍ରିକ ଦଳ 'ଭେଣ୍ଟ ଭେନେଜୁଏଲା'ର ପ୍ରତିଷ୍ଠାତା ନେତ୍ରୀ ମାରିଆ କୋରିନା ମାଚାଡୋ ୨୦୨୫ମସିହାର ଶାନ୍ତି ନୋବେଲ ପୁରସ୍କାର ପାଇଁ ମନୋନୀତ ହେବା ଅତ୍ୟନ୍ତ ଖୁସିର ଖବର। ମାତ୍ର ଭେନେଜୁଏଲାରେ ପୂର୍ବ ପ୍ରଚଳିତ ଗଣତନ୍ତ୍ରର ବିଲୟ ପ୍ରକ୍ରିୟା ମଧ୍ୟ ପ୍ରଣିଧାନଯୋଗ୍ୟ। ଭେନେଜୁଏଲା ଏକଦା ଲାଟିନ୍ ଆମେରିକାର ସବୁଠାରୁ ସ୍ଥିର ଗଣତାନ୍ତ୍ରିକ ରାଷ୍ଟ୍ର ମଧ୍ୟରୁ ଗୋଟିଏ ଥିଲା, ଯାହାର ଶାସନ ବ୍ୟବସ୍ଥା ଗଣତନ୍ତ୍ରରୁ ଏକଛତ୍ରବାଦୀକୁ ପରିବର୍ତ୍ତନ ଅପ୍ରତ୍ୟାଶିତ ନଥିଲା। ଏହା ଏକ ଧୀର ଲୁକ୍କାୟିତ ପ୍ରକ୍ରିୟା ମାଧ୍ୟମରେ ଗଣତନ୍ତ୍ରର ତଥାକଥିତ ନେତାମାନଙ୍କ ଦ୍ୱାରା ରଚିତ ହୋଇଥିଲା। ଅର୍ଥାତ ନେତାମାନେ ଯେତେବେଳେ କୌଣସି ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଭିତରୁ ଫାମ୍ପା କରି ସ୍ୱେଚ୍ଛାଚାରୀ ପଦକ୍ଷେପକୁ ଯଥାର୍ଥ ଦର୍ଶାନ୍ତି, ପ୍ରତାରଣା ପୂର୍ଣ୍ଣ ଭାଷଣବାଜି ଓ ନୀଚକାର୍ଯ୍ୟ ସାହାରାରେ ନିଜ ସପକ୍ଷରେ ଜନସମର୍ଥନର ଫଳାଫଳକୁ ଅକ୍ତିଆର କରନ୍ତି ଏବଂ ଆଇନକୁ ରାଜନୀତିକରଣ, ଭିନ୍ନମତକୁ ଦମନ, ସଂସ୍ଥାଗତ ବ୍ୟବସ୍ଥାକୁ ଭାଙ୍ଗିବା ଆଦି କାର୍ଯ୍ୟରେ ଲିପ୍ତ ହୁଅନ୍ତି, ସେତେବେଳେ ଗଣତନ୍ତ୍ର ବିପଦରେ ପଡ଼ିଥାଏ।

ପ୍ରତ୍ୟେକ ଦେଶର ସମ୍ବିଧାନର ନିୟମ ଅନୁସାରେ କିଛି ରାଜନୈତିକ ଦଳ ସଂଖ୍ୟାଗରିଷ୍ଠ ଜନତାଙ୍କ ଭୋଟ ଆଧାରରେ ଶାସନ କ୍ଷମତାକୁ ଆସି ଜନତାଙ୍କ ପାଖରେ ଉତ୍ତରଦାୟୀ ରହି ଜନତାଙ୍କ ସୁଖ, ଶାନ୍ତି, ସମୃଦ୍ଧି, ବିକାଶ ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି ସମସ୍ୟାକୁ ସମାଧାନ କରିବାର ସଂକଳ୍ପ ନେଇଥା'ନ୍ତି। ମାତ୍ର ଗଣତନ୍ତ୍ରର ଯାତ୍ରା ଦାର୍ଶନିକ ବିତର୍କ, ରାଜନୈତିକ ସଂଘର୍ଷ, ଭ୍ରଷ୍ଟାଚାର, ଆତ୍ମକୈନ୍ଦ୍ରିକ ଆଚାର, ହିଂସା, ପରଶ୍ରୀକାତରତା, କ୍ଷମତାର ଅପବ୍ୟବହାର ଆଦି ସାମାଜିକ ପରିବର୍ତ୍ତନରେ ପରିପୂର୍ଣ୍ଣ ହୋଇଚାଲେ। ଗଣତନ୍ତ୍ର ବାସ୍ତବତାରୁ ବହୁଦୂରକୁ ଚାଲିଯାଏ। ଗଣତନ୍ତ୍ରକୁ ଅପବ୍ୟବହାର କରି ବିଜୟୀ ଦଳର ଏକଛତ୍ରବାଦୀ କାର୍ଯ୍ୟକଳାପ ନୂତନ ପିଢ଼ିର ସ୍ଥାୟିତ୍ୱ ପାଇଁ ବିପଦ ଆଣେ।

ଖ୍ରୀଷ୍ଟପୂର୍ବ ପଞ୍ଚମ ଶତାବ୍ଦୀରୁ ଗଣତନ୍ତ୍ର ତା'ର ଜନ୍ମସ୍ଥାନ ଏଥେନ୍ସରୁ ଯାତ୍ରା ଆରମ୍ଭ କରିଥଲା। ୧୭୮୯ ମସିହାର ଫରାସୀ ରାଷ୍ଟ୍ର ବିପ୍ଳବ ଏବଂ ବିଂଶ ଶତାବ୍ଦୀରେ ବିଶ୍ୱଯୁଦ୍ଧ ଓ ଉପନିବେଶୀକରଣ ଆନ୍ଦୋଳନ ପରେ ୟୁରୋପ, ଏସିଆ ଓ ଆଫ୍ରିକାରେ ଅନେକ ନୂତନ ଗଣତାନ୍ତ୍ରିକ ରାଷ୍ଟ୍ର ଗଠନ ହୋଇଥିଲା। ଆମେରିକାରେ ନାଗରିକ ଅଧିକାର ଆନ୍ଦୋଳନ, ମହିଳା ମତଦାନ, ବର୍ଣ୍ଣବୈଷମ୍ୟ ବିରୋଧୀ ଆନ୍ଦୋଳନ, ୧୯୪୭ ରୁ ୧୯୯୧ ମସିହା ମଧ୍ୟରେ ଗଣତାନ୍ତ୍ରିକ ପୁଞ୍ଜିବାଦୀ ବ୍ୟବସ୍ଥା ଏବଂ ସାମ୍ୟବାଦୀ ଶାସନ ମଧ୍ୟରେ ଏକ ବିଶ୍ୱ ଏକ ଆଦର୍ଶଗତ ଯୁଦ୍ଧ ଦେଖିଥିଲା। ବିଂଶ ଶତାବ୍ଦୀରେ ଭାରତ ପରି ବୃହତ ଗଣତାନ୍ତ୍ରିକ ରାଷ୍ଟ୍ରର ଜନ୍ମପରେ ସାରା ବିଶ୍ୱରେ ଗଣତନ୍ତ୍ର ପ୍ରତି ଆଗ୍ରହ ବୃଦ୍ଧି ପାଇଥିଲା। ମାତ୍ର ନିକଟରେ ବାଂଲାଦେଶ, ଶ୍ରୀଲଙ୍କା, ନେପାଳ, ବୁର୍କିନା ଫାସୋ ଆଦି ଦେଶଗୁଡ଼ିକରେ ଗଣତାନ୍ତ୍ରିକ ବ୍ୟବସ୍ଥାର ଅପ୍ରାସଙ୍ଗିକ ରୂପକୁ ନୂଆ ଢଙ୍ଗରେ ଉପସ୍ଥାପନ କରିବାର ପ୍ରୟାସ ଆଜି ଗଣତନ୍ତ୍ରର ସଂଜ୍ଞା ପରିବର୍ତ୍ତନ କରିଦେଇଛି।

ପ୍ରଚଳିତ ଗଣତାନ୍ତ୍ରିକ ବ୍ୟବସ୍ଥାର ବିକୃତ ରୂପ ପାଇଁ ୨୦୨୫ମସିହା ସେପ୍ଟେମ୍ବର ମାସ ପ୍ରାରମ୍ଭରେ ନେପାଳରେ ଏକ ବିସ୍ଫୋରଣ ସୃଷ୍ଟି କରିଥିଲା। ନେପାଳର ସମ୍ବିଧାନ ମତାମତ ଏବଂ ବିଭିନ୍ନ ସଭାର ସ୍ୱାଧୀନତା ଶାନ୍ତିପୂର୍ଣ୍ଣ ପ୍ରତିବାଦକୁ ଏକ ମୌଳିକ ଗଣତାନ୍ତ୍ରିକ ଅଧିକାର ଦେଇଥାଏ। ଜାତିଗତ, ଆଞ୍ଚଳିକ ଓ ପରିଚୟଭିତ୍ତିକ ଆନ୍ଦୋଳନ ଗଣତାନ୍ତ୍ରିକ ଭାବରେ ଉପେକ୍ଷିତ ଗୋଷ୍ଠୀ ଯଥା ମାଧେସୀ, ଥରୁ, ଜନଜାତି, ଦଳିତ ଉପରେ ହେଉଥିବା ଅଶାନ୍ତିର ପ୍ରତିବାଦ ସ୍ୱରୂପ ଆରମ୍ଭ ହୋଇଥିଲା ଏବଂ ତାହା ଶାନ୍ତିପୂର୍ଣ୍ଣ ପ୍ରତିବାଦ ଥିଲା। ମାତ୍ର ଶାସକ ଦଳର ହିଂସାତ୍ମକ କାର୍ଯ୍ୟାନୁଷ୍ଠାନ, ଅତ୍ୟଧିକ ବଳ ପ୍ରୟୋଗ କିମ୍ବା ମନମୁଖି ଗିରଫଦାରୀ ଅଗଣତାନ୍ତ୍ରିକ ଥିଲା। ଏକ ଗଣତାନ୍ତ୍ରିକ ରାଷ୍ଟ୍ର ଦମନ ନୁହେଁ, ବରଂ ଆଲୋଚନା ଏବଂ ଆଇନଗତ ପ୍ରତିକାର ସହିତ ପ୍ରତିକ୍ରିୟା ଦେବା ଉଚିତ। ପ୍ରତିବାଦ ଉପରେ କଟକଣା, ରାଜନୈତିକ ଅଚଳାବସ୍ଥା ସମୟରେ ନାଗରିକ ସମାଜ ପ୍ରତିବାଦ ବିରୁଦ୍ଧରେ ପୁଲିସ କାର୍ଯ୍ୟାନୁଷ୍ଠାନ, ନ୍ୟାୟିକ ସ୍ୱାଧୀନତା ଏବଂ ଆଇନର ଶାସନ ଉପରେ ବିବାଦ ସହିତ ଜଡ଼ିତ ଅଶାନ୍ତି, ସାମ୍ବିଧାନିକ ବିଳୟ, ଦୁର୍ନୀତି ମାମଲା, ଗଣତାନ୍ତ୍ରିକ ପ୍ରତିଷ୍ଠାନର ଭଙ୍ଗୁରତାକୁ ସୂଚାଉଥିଲା। ଯେତେବେଳେ ନେତାମାନେ ଜନକଲ୍ୟାଣ ଅପେକ୍ଷା ଦଳୀୟ ଓ ନିଜର ସ୍ୱାର୍ଥକୁ ଅଗ୍ରାଧିକାର ଦିଅନ୍ତି ସେତେବେଳେ ଜନଅସନ୍ତୋଷ ଦେଖାଯାଏ।

ଶ୍ରୀଲଙ୍କାରେ ପୂର୍ବତନ ରାଷ୍ଟ୍ରପତି ରାଜପକ୍ଷେ ପରିବାରର ପ୍ରାଧାନ୍ୟ, ମିଥ୍ୟା ଲୋକବାଦୀ ଭାଷଣବାଜି ମାଧ୍ୟମରେ କ୍ଷମତାର କେନ୍ଦ୍ରୀକରଣ, ରାଷ୍ଟ୍ର ସମ୍ବଳର ଅପବ୍ୟବହାର ଯୋଗୁଁ ଗଣତାନ୍ତ୍ରିକ ସନ୍ତୁଳନର କ୍ଷୟ ହୋଇଥିଲା। ତେଣୁ ଆର୍ଥିକ ଅସ୍ଥିରତା ଏବଂ ଅସମାନତା, ଉଚ୍ଚ ଦାରିଦ୍ର୍ୟ, ବେକାରୀ ଓ ମୁଦ୍ରାସ୍ଫୀତି ଗଣତାନ୍ତ୍ରିକ ସରକାର ଉପରେ ବିଶ୍ୱାସକୁ ହ୍ରାସ କରିଥିଲା। ଫଳରେ ୨୦୨୨ମସିହାରେ ଶ୍ରୀଲଙ୍କାର ଅର୍ଥନୈତିକ ପତନ ଜନବିରୋଧ ସୃଷ୍ଟି କରିଥିଲା, ଯାହା ରାଷ୍ଟ୍ରପତିଙ୍କ ଇସ୍ତଫାର କାରଣ ହୋଇଥିଲା। ଏହା ଗଣତାନ୍ତ୍ରିକ ଅବକ୍ଷୟର ଏକ ସଙ୍କେତ ଭାବରେ ଗଭୀର ବ୍ୟବସ୍ଥାଗତ ବିଫଳତାକୁ ସୂଚିତ କରିଥିଲା।

ବାଂଲାଦେଶରେ ଧର୍ମନିରପେକ୍ଷ ଓ ଇସଲାମିକ ଶକ୍ତି ମଧ୍ୟରେ ଉତ୍ତେଜନା ରାଜନୈତିକ ଅସ୍ଥିରତା ଏବଂ ସଂଖ୍ୟାଲଘୁ ଅଧିକାର ପ୍ରତି ବିପଦ ସୃଷ୍ଟି କରିଛି। ବାହ୍ୟ ପ୍ରଭାବ ଭାବରେ କିଛି ଶକ୍ତିଶାଳୀ ଦେଶ, ଆଞ୍ଚଳିକ ପ୍ରତିଦ୍ୱନ୍ଦ୍ୱୀ କେତେକ ସମୟରେ ଘରୋଇ ରାଜନୀତିରେ ହସ୍ତକ୍ଷେପ କରିପାରନ୍ତି ବା ଶାସନକୁ ସମର୍ଥନ କରିପାରନ୍ତି କିମ୍ବା ନିଜ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ଗଣତନ୍ତ୍ରକୁ ଦୁର୍ବଳ କରିପାରନ୍ତି। ତେଣୁ ଶାସନରେ ରହିବାକୁ ହେଲେ ଦେଶ ଭିତର ସମସ୍ୟା ସହିତ ବାହ୍ୟଶତ୍ରୁଙ୍କ କାର୍ଯ୍ୟକଳାପକୁ ସବୁସମୟରେ ନଜର ରଖିବାକୁ ପଡ଼ିଥାଏ। ସେହିପରି ୧୯୮୪ ମସିହାରେ ସ୍ୱାଧୀନ ରାଷ୍ଟ୍ର ବୁର୍କିନା ଫାସୋ ଏକ ବିକାଶଶୀଳ ଦେଶ ରୂପେ ଆତ୍ମପ୍ରକାଶ କରିଥିଲେ ହେଁ ଦୁର୍ନୀତି, ଅନ୍ୟାୟ, ପ୍ରିୟାପ୍ରୀତି ତୋଷଣ, ବେକାରି, ଖାଦ୍ୟାଭାବ ଆଦି ପ୍ରମୁଖ କାରଣ ସହିତ ମାଲି, ନିଜେର୍, ଗିନି ଭଳି ପଡ଼ୋଶୀ ଦେଶଗୁଡ଼ିକର ସାମରିକ ବିପ୍ଳବ ସେମାନଙ୍କୁ ସାମରିକ ଶାସନ ପ୍ରତି ଆକୃଷ୍ଟ କରିଥିଲା।

ଏସବୁକୁ ଅନୁଧ୍ୟାନ କଲେ ଆମେ ଦେଖିବା ଯେ ଆଧୁନିକ ଯୁଗରେ ଗଣତନ୍ତ୍ରର ପରିଭାଷାକୁ ପୁନଃ ବ୍ୟାଖ୍ୟା କରାଯିବାର ସମୟ ଆସିଯାଇଛି। ଡିଜିଟାଲ ଯୁଗରେ ପୁରୁଣା ଗଣତନ୍ତ୍ର ପଦ୍ଧତିକୁ ନୂଆ ରୂପରେ କିଛି ଉଦାହରଣ ସହିତ ବିକଶିତ କରାଯାଇପାରେ ଏବଂ ଏକ ମୌଳିକ ଉପାଦାନ ଭାବରେ ଡିଜିଟାଲ ଅଂଶଗ୍ରହଣକୁ ଅନ୍ତର୍ଭୁକ୍ତ କରି ଗଣତନ୍ତ୍ରକୁ ବିକଶିତ କରାଯାଇପାରେ। ଏଷ୍ଟୋନିଆ, ବ୍ରାଜିଲ ନ୍ୟୁୟର୍କ, କାଲିଫର୍ଣ୍ଣିଆ, ନ୍ୟୁଜିଲ୍ୟାଣ୍ଡର 'ନାଗରିକ ସଭା', ଫିନଲ୍ୟାଣ୍ଡର ଗଣତାନ୍ତ୍ରିକ ଶିକ୍ଷା ବ୍ୟବସ୍ଥା ଓ ସମାଲୋଚନାତ୍ମକ ଚିନ୍ତାଧାରା ସହିତ 'ଡିଜିଟାଲ୍ ଗଣତନ୍ତ୍ର' ଆଡ଼କୁ ଅଗ୍ରସର ହେଉଛନ୍ତି, ଯାହା ନାଗରିକମାନଙ୍କୁ ଅନଲାଇନରେ ଭୋଟ ଦେବା ଏବଂ ଇ-ସରକାରୀ ସେବାରେ ଅଂଶଗ୍ରହଣ କରିବାର ଅନୁମତି ଦେଇଛି। କେବଳ ନୀତି ଉପରେ ଭୋଟ ଦେବା ପରିବର୍ତ୍ତେ, ନାଗରିକମାନେ ଅର୍ଥପୂର୍ଣ୍ଣ ଆଲୋଚନା, ବିତର୍କ ଏବଂ ନିଷ୍ପତ୍ତି ଗ୍ରହଣରେ ସାମିଲ ହୋଇପାରୁଛନ୍ତି। ଭବିଷ୍ୟତ ପାଇଁ ଏକ ଶିକ୍ଷିତ ଭୋଟର ଭାବରେ ନିଜର ଅଧିକାର ସର୍ବତ୍ର ସାବ୍ୟସ୍ତ କରିପାରୁଛନ୍ତି। ହାନ ନା ଆରେଣ୍ଟ କହିଥିଲେ ଯେ ଏକ ଗୋଷ୍ଠୀତାନ୍ତ୍ରିକ ଶାସନ ମଣିଷର ବ୍ୟକ୍ତିଗତ ଭାବନା, ମତ ଓ ଶ୍ରଦ୍ଧାକୁ ଧ୍ୱଂସ କରେ। ସେ ବିଶ୍ୱାସ କରୁଥିଲେ ଯେ ମଣିଷ ମଧ୍ୟରେ ବିଭିନ୍ନତା ଅତ୍ୟନ୍ତ ସ୍ୱାଭାବିକ, ଯାହା ଆବଶ୍ୟକ। ଅର୍ଥାତ ଦୁଇଜଣ ଲୋକ କେବେ ବି ସମାନ ହୋଇପାରିବେ ନାହିଁ। ତାଙ୍କ ମତରେ ଏହି ବିଭିନ୍ନତା ମଧ୍ୟରେ ମତ ଭିନ୍ନତା, ସଂଘର୍ଷ ଓ ଆଲୋଚନା ଦ୍ୱାରା ଲୋକତନ୍ତ୍ର ଶକ୍ତିଶାଳୀ ହୁଏ।

ଗାଲଟୁଙ୍ଗ୍ କହିଥିଲେ ଯେ ହିଂସା କେବଳ ଶାରୀରିକ ନୁହେଁ। ସମାଜ ଓ ରାଜନୈତିକ ପ୍ରଣାଳୀ ମଧ୍ୟରେ ଥିବା ଅନ୍ୟାୟ ବ୍ୟବସ୍ଥା ମଧ୍ୟ ହିଂସା ରୂପ। ଦାରିଦ୍ର୍ୟ, ଶିକ୍ଷାର ଅଭାବ, ଜାତିବାଦ, ଲିଙ୍ଗ ବେଦଭାବ, ଏମାନେ ଗୁପ୍ତ ହିଂସାର ଆକାର। ବିବିଧତା ହେଉଛି ପାର୍ଥକ୍ୟତାର ଏକ ଉତ୍ସବ ଏବଂ ପାର୍ଥକ୍ୟ ହେଉଛି ଗଣତନ୍ତ୍ରର ଏନଜାଇମ୍। ଗଣତନ୍ତ୍ରକୁ ବହୁସଂଖ୍ୟକବାଦର ଆବଶ୍ୟକତା ନାହିଁ। ଏହାକୁ ବହୁସଂଖ୍ୟକବାଦର ଆବଶ୍ୟକତା ଅଛି। ଗଣତନ୍ତ୍ର କେବଳ ଅଧିକାଂଶ ଲୋକଙ୍କ ସ୍ୱାର୍ଥ ପାଇଁ ନୁହେଁ, ବରଂ ସବୁଲୋକଙ୍କ ସ୍ୱାର୍ଥ ପାଇଁ ଆବଶ୍ୟକ। ଯେଉଁ ଦେଶରେ ଇଣ୍ଟରନେଟର ସୁବିଧାକୁ ରାଜନୀତିକରଣ କରାଯାଇଛି କିମ୍ବା ଦୁର୍ବଳ କରାଯାଇଛି ସେଠାରେ ନେତାମାନେ କ୍ଷମତାକୁ ଅପବ୍ୟବହାର କରିପାରିବେ ଏବଂ ବିରୋଧୀଙ୍କୁ ନିରବ କରିପାରିବେ, ସଂଖ୍ୟାଲଘୁଙ୍କୁ ଆକ୍ରମଣ କରିପାରିବେ, ଧର୍ମ ନାମରେ ବିଭେଦ ସୃଷ୍ଟିକରିପାରିବେ, ଦେଶକୁ ଋଣଗ୍ରସ୍ତକରି ନିଜର ବା ନିଜ ଦଳର ପାଣ୍ଠି ବୃଦ୍ଧି କରିପାରିବେ, ନିଜର ପରିବାରକୁ ଅଧିକ ବିତ୍ତଶାଳୀ, କ୍ଷମତାଶାଳୀ କରି ନିଜର ପ୍ରକୃତ ଦାୟିତ୍ୱ ଏଡ଼ାଇ ପାରିବେ। ଯେତେବେଳେ ରାଜନୈତିକ ନେତାମାନେ କ୍ଷମତା ହାସଲ ପାଇଁ ଗଣତନ୍ତ୍ରକୁ କେବଳ ଏକ ଉପକରଣ ଭାବରେ ବ୍ୟବହାର କରନ୍ତି ଏବଂ ଗଣତାନ୍ତ୍ରିକ ମାନଦଣ୍ଡକୁ ଦୁର୍ବଳ କରନ୍ତି, ସେତେବେଳେ ଗଣତନ୍ତ୍ର ନିଜର ସତ୍ତା ହରାଏ। ଭବିଷ୍ୟତ ଗଣତନ୍ତ୍ରକୁ ନୈତିକତାର ଏକ ନୂତନ ଭାବନା ଏବଂ ବିଜ୍ଞାନ ଅପେକ୍ଷା ଅଧିକ ଉଦ୍ଭାବନଶୀଳ ହେବା ଆବଶ୍ୟକ। ଗଣତନ୍ତ୍ରକୁ ସମୃଦ୍ଧ, ସୁରକ୍ଷିତ ଓ ଶକ୍ତିଶାଳ କରିବା ପାଇଁ ବିଶେଷଜ୍ଞମାନଙ୍କ ଅପେକ୍ଷା ସମସ୍ତ ନାଗରିକ ନୀତି ନିର୍ଦ୍ଧାରଣର ଏକ ଅଂଶ ହେବା ଜରୁରୀ।

ଭୁବନେଶ୍ୱର, ମୋ: ୯୪୩୭୧୨୩୮୯୨

## ବୁଭୁକ୍ଷୁର ମାନସିକତା

ପ୍ରଶାନ୍ତ ମିଶ୍ର

ଭୋକ କାହାକୁ ଛାଡ଼େ ନାହିଁ। ଜିତେନ୍ଦ୍ରିୟ ମୁନିଋଷିଙ୍କଠାରୁ ଆରମ୍ଭ କରି ସାଧାରଣ ମଣିଷ, ପଶୁ, ପକ୍ଷୀ, କୀଟ, ପତଙ୍ଗ ସମସ୍ତଙ୍କୁ ଗ୍ରାସ କରେ। ଏପରି କି ଅମୃତ ପିଇଥିବା ଅମରମାନେ ବି ଭୋକର କବଳରୁ ନିଜକୁ ବଞ୍ଚାଇ ପାରନ୍ତି ନାହିଁ। ନଡ଼ିଆ କଦଳୀଠାରୁ ଆରମ୍ଭ କରି ପଶୁପକ୍ଷୀଙ୍କ ରକ୍ତ ପର୍ଯ୍ୟନ୍ତ ବହୁଜିନିଷ ଭୋଗ ଲଗାଇ ଭକ୍ତଙ୍କୁ ତେଣୁ ସେମାନଙ୍କ କ୍ଷୁଧା ମେଣ୍ଟାଇବା ପାଇଁ ପଡ଼େ। ଏହାଛଡ଼ା ଭୋକିଲା ପ୍ରାଣୀ ଆଗରେ ପାରମ୍ପରିକ ରୀତିସମ୍ମତ ଖାଦ୍ୟର କୌଣସି ମହତ୍ତ୍ୱ ରହେ ନାହିଁ। ଯାହା ତା' ଆଖିରେ ପଡ଼େ ସେ ଖାଇଯାଏ। ଭାବେ ତା'କୁ ମିଳିଥିବା ଜିନିଷ ହିଁ ତା'ର ଖାଦ୍ୟ ଏବଂ ସେ ଖାଦ୍ୟ ଉପରେ ତା'ର ପ୍ରଥମ ଅଧିକାର। ସେଇଥିପାଇଁ ବୋଧେ କବି ସଚ୍ଚି ରାଉତରାୟ ଲେଖିଥିଲେ - 'ଖାଦ୍ୟ ଥାଉ ଯେଉଁଠାରେ ତାହା ମୋର, ଯେଣୁ ମୁଁ କ୍ଷୁଧାର୍ତ୍ତ / ଥାଉ ତାହା ପୁଲିସ ଘେରରେ ଅବା କାହା ଗୋଦାମେ ଖମାରେ ତାହା ମୋର ଅଗ୍ର ଦାବି / ମୋ କ୍ଷୁଧାର ଅଂଶ।'

ଶାସ୍ତ୍ର ବି କ୍ଷୁଧାର୍ତ୍ତ ମଣିଷର ଅପାରମ୍ପରିକ ଖାଦ୍ୟ ଭକ୍ଷଣକୁ ସମର୍ଥନ କରେ। କହେ - ଏହା ଆପଦ ଧର୍ମର ରୀତି। ଅର୍ଥାତ ଆପଦ କାଳରେ ମଣିଷ ପ୍ରତିଷ୍ଠିତ ଧର୍ମ ଓ ପରମ୍ପରା ଅନୁଯାୟୀ ବର୍ଜନୀୟ କାର୍ଯ୍ୟ ବି କରିପାରେ। ଜୀବନ ଜଟିଳ। ମଣିଷ ଜୀବନ ଜଟିଳତର। କୌଣସି କଳାଧଳା ଡବାରେ ମଣିଷ ଜୀବନକୁ ରଖି ତା'ର ମୂଲ୍ୟାୟନ ସମ୍ଭବ ନୁହେଁ। ତେଣୁ ପ୍ରତିଷ୍ଠିତ ଧର୍ମ ପରମ୍ପରା ଆଧାରିତ ମୂଲ୍ୟବୋଧ ସବୁପ୍ରକାର ପରିସ୍ଥିତିର ମୁକାବିଲା ପାଇଁ ମଣିଷର ସହାୟକ ନ ହେବା ଏକ ସ୍ୱାଭାବିକ କଥା। କେତେକ ସୂତ୍ରରୁ ଜଣାପଡ଼େ ଯେ ବୁଦ୍ଧ ମାଂସାହାରକୁ ଉତ୍ସାହିତ କରୁ ନଥିଲେ। ତେବେ ଭୋକ ମେଣ୍ଟାଇବା ପାଇଁ ଭିକ୍ଷା ରୂପେ ଯାହା ବି ମିଳୁଥିଲା ତା'କୁ ଗ୍ରହଣ କରିବାରେ କୌଣସି ଆପତ୍ତି ନଥିଲା ତାଙ୍କର। ଭିକ୍ଷା ରୂପେ ମିଳିଥିବା ଦୂଷିତ ଘୁଷୁରି ମାଂସରେ ପ୍ରସ୍ତୁତ ଖାଦ୍ୟ ହିଁ ବୁଦ୍ଧଙ୍କ ମୃତ୍ୟୁର କାରଣ ହୋଇଥିଲା।

ମଧ୍ୟଯୁଗୀୟ ୟୁରୋପରେ ଖାଦ୍ୟାଭାବ ବେଳେ ଲୋକମାନେ ଘାସ, ବଣୁଆ ଗୁଳ୍ମ, ଗଛର ବକ୍କଳ ପ୍ରଭୃତି ଖାଉଥିଲେ। ଯୁଦ୍ଧ ଓ ଦୁର୍ଭିକ୍ଷ ସମୟରେ କ୍ଷୁଧାର୍ତ୍ତ ମଣିଷକୁ ମୂଷା, ବିଲେଇ ଶିକାର କରି ଏବଂ ଚମଡ଼ା ସିଝାଇ ଖାଇବାକୁ ପଡୁଥିଲା। ୧୯୪୩ର 'ବେଙ୍ଗଲ୍ ଦୁର୍ଭିକ୍ଷ' ବେଳେ ଆଉ ଘଡ଼ିଏ ବଞ୍ଚି ରହିବା ପାଇଁ ଲୋକମାନେ ଅଖାଦ୍ୟ ଖାଉଥିଲେ ବା ଭୋକରେ ଛଟପଟ ହୋଇ ମରୁଥିଲେ। ଆଜି ବି ଭୋକରେ ମଣିଷ ମରୁଛି। ବୈଶ୍ୱିକ କ୍ଷୁଧାସୂଚୀ(ଗ୍ଲୋବାଲ୍ ହଙ୍ଗେର୍ ଇଣ୍ଡେକ୍ସ - ଜିଏଚ୍ଆଇ) ର ଆକଳନ ଅନୁସାରେ ଭାରତ ଗୁରୁତର କ୍ଷୁଧା (ସିରିଅସ୍ ହଙ୍ଗର୍) ଶ୍ରେଣୀଭୁକ୍ତ। ଜନସଂଖ୍ୟାର ଏକ ବୃହତ୍ତର ଅଂଶ କ୍ଷୁଧାପୀଡ଼ିତ ଏ ଦେଶରେ। ୨୦୨୪ରେ ୧୨୭ ଦେଶକୁ ନେଇ ଜିଏଚ୍ଆଇ ଦ୍ୱାରା ଜାରି ସୂଚୀରେ ଭାରତର ସ୍ଥାନ ୨୭.୩ ପଏଣ୍ଟ ସହ ୧୦୫ତମ ସ୍ଥାନରେ ଥିଲା। ୨୦୨୫ରେ ବି ସେଥିରେ ବିଶେଷ କିଛି ପରିବର୍ତ୍ତନ ଆସିନାହିଁ। ୧୨୩ ଦେଶକୁ ନେଇ ଜିଏଚ୍ଆଇ ଦ୍ୱାରା ଜାରି ସୂଚୀରେ ଭାରତ ରହିଛି ୧୦୨ତମ ସ୍ଥାନରେ, ସେଇ ଗୁରୁତର କ୍ଷୁଧା ଶ୍ରେଣୀରେ।

ଏକ ରିପୋର୍ଟ ଅନୁଯାୟୀ ଭାରତର ୧୮୯.୨ ନିୟୁତ ଲୋକ ପେଟରେ ଭୋକର ନିଆଁ ନେଇ ରାତିରେ ଶେଯକୁ ଯାଆନ୍ତି। ଏମାନଙ୍କ ଭିତରେ ଶିଶୁ ଓ ମହିଳାଙ୍କ ସଂଖ୍ୟା ଅଧିକ। ଦାରିଦ୍ର୍ୟ, ଅସମାନତା, ଦୁର୍ନୀତି, ଖାଦ୍ୟର ସୀମିତ ସାନ୍ନିଧ୍ୟ, କୃଷି ଓ ଜୀବିକା ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ, ବେରୋଜଗାରୀ, ଦୁର୍ବଳ ପିଡିଏସ୍ ବ୍ୟବସ୍ଥା, ବିଷମ ସରକାରୀ ସହାୟତା ପ୍ରଭୃତି ଏହାର କାରଣ। ବିଶେଷକରି ଦୁର୍ଗମ ଗ୍ରାମାଞ୍ଚଳ ଓ ଦାରିଦ୍ର୍ୟ ପ୍ରପୀଡ଼ିତ ସହରୀ ବସ୍ତିମାନଙ୍କରେ ଭୋକର ସମସ୍ୟା ଉତ୍କଟ। ତେବେ ଏକଥା ସତ ଯେ ଭୋକ କୌଣସି ଗ୍ରାମୀଣ କି ଆର୍ଥିକ ସମସ୍ୟା ନୁହେଁ। ଏହା ମଣିଷହିତ ବିରୋଧୀ ଏକ ସଙ୍କଟ ଏବଂ ଏହାର ନିରାକରଣ ଜରୁରୀ।

ଯେଉଁମାନେ ଖାଦ୍ୟାଭାବ କ'ଣ ଜାଣନ୍ତି ନାହିଁ ସେମାନେ ଭିନ୍ନ ଜାତିର ମଣିଷ। ବିଶ୍ୱ ଅସମାନତା ଲ୍ୟାବ ଦ୍ୱାରା ମାର୍ଚ୍ଚ ୨୦୨୪ରେ କରାଯାଇଥିବା ଏକ ସର୍ବେକ୍ଷଣ ଅନୁସାରେ ଦେଶ ସମ୍ପତ୍ତିର ୪୦.୧ ପ୍ରତିଶତ ସେମାନଙ୍କ ପାଖରେ। ଅନ୍ୟ କେତେକ ରିପୋର୍ଟ ମୁତାବକ ଏହା ୬୦ ପ୍ରତିଶତ। ଇଂରାଜୀରେ କହିଲେ ସେମାନେ 'ଅଲଟ୍ରାହାଇ ନେଟ୍ ୱର୍ଥ(ୟୁଏଚ୍ଏନ୍‌ଡବ୍ଲ୍ୟୁ) ଓ ହାଇ ନେଟ୍‌ୱର୍ଥ(ଏଚ୍ଏନ୍‌ଡବ୍ଲ୍ୟୁ) ଶ୍ରେଣୀର ବ୍ୟକ୍ତି। ମଡର୍ଣ୍ଣ ବୁର୍ଜୁଆ, ରାଜନୀତ. ଅର୍ଥନୀତି, ଶାସନ, ପ୍ରଶାସନ, ସାହିତ୍ୟ, ସଂସ୍କୃତି, ଗଣମାଧ୍ୟମ, ଧର୍ମ ସବୁକିଛି ଉପରେ ସେମାନଙ୍କ ପ୍ରଭାବ ବା ପ୍ରଭାବର ଛାଇ।

କାଶୀନଗର(ଗଜପତି) ମୋ: ୭୮୭୩୫୭୩୫୬୯

## ଆମ ବୃକ୍ଷଲତା ଆମ ଜୀବନ

ଇନ୍ଦ୍ରମାରିଷ

ପ୍ରକୃତି-ପରିବେଶ

ସୌଭାଗ୍ୟସୁନ୍ଦର

ଇନ୍ଦ୍ରମାରିଷ ହେଉଛି ଭାରତର ମୂଳଜାତ ଏକ କ୍ଷୁଦ୍ର ଉଦ୍ଭିଦ, ଯାହା ବର୍ତ୍ତମାନ ସାରାବିଶ୍ୱରେ ଉଷ୍ମମଣ୍ଡଳୀୟ ଓ ଉପ ଉଷ୍ମମଣ୍ଡଳୀୟ ଅଞ୍ଚଳରେ ବଢ଼ିଥାଏ। ଏହା ବଗିଚାରେ ଏକ ଉତ୍କୃଷ୍ଟ ଶୋଭା ବର୍ଦ୍ଧକ ହେଜ୍ ବା ବାଡ଼ ଉଦ୍ଭିଦ ଅଟେ। ଗୃହ ଆଭ୍ୟନ୍ତରୀଣ ଉଦ୍ଭିଦ ଭାବରେ ଇନ୍ଦ୍ରମାରିଷ ବାୟୁପ୍ରଦୂଷଣକୁ ଛାଣିବାରେ ସାହାଯ୍ୟ କରେ। ଏହା ସମୁଦ୍ର ପତ୍ତନଠାରୁ ୧୩୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ସ୍ଥାନରେ ଅନାବନା ଜମି, ରାସ୍ତା ପାର୍ଶ୍ୱ, ପଥୁରିଆ ପାହାଡ଼, ଜଙ୍ଗଲ ଦାଡ଼. ନଦୀ କୂଳ, କାନ୍ଥ ଫାଟରେ ବଢ଼ିଥାଏ।

ଇନ୍ଦ୍ରମାରିଷ ଏକ ଋତୁଭିତ୍ତିକ ବା ବର୍ଷବ୍ୟାପୀ ଶାଖାଯୁକ୍ତ କ୍ଷୁପ ବା କ୍ଷୁଦ୍ର ଗୁଳ୍ମ। ପ୍ରାୟ ୩ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ୁଥିବା ଏହି ଗୁଳ୍ମର କାଣ୍ଡ ରେଖାଯୁକ୍ତ ଓ ନରମ କେଶଯୁକ୍ତ। ପତ୍ରଗୁଡ଼ିକ ଅଣ୍ଡାକାର ଆକାରର ଏବଂ ସବୁଜ, ଲାଲ, ଗୋଲାପୀ, ହଳଦିଆ କିମ୍ବା ତମ୍ବା ରଙ୍ଗର ବିଭିନ୍ନ ବର୍ଣରେ ଆସିଥାଏ। ପତ୍ର ୯ସେମି ଲମ୍ବା, ପତ୍ରର ଧାର ମୂଳତଃ ୫ ଶିରା ବିଶିଷ୍ଟ ଏବଂ ତୀକ୍ଷ୍ଣ ବା କରତ-ଦନ୍ତି। ଏହାର ଅନନ୍ୟ ବହୁ ରଙ୍ଗୀ ପତ୍ର ପ୍ରଜାପତି ଏବଂ ବିଭିନ୍ନ ପକ୍ଷୀଙ୍କୁ ଆକର୍ଷିତ କରେ, ଯାହା ପରାଗ ସଙ୍ଗମରେ ସାହାଯ୍ୟ କରେ। କକ୍ଷରେ ଅବସ୍ଥିତ ପୁଷ୍ପୋଦ୍‌ଗମ କପ୍ ଆକୃତିର କୁଣ୍ଡଳି ଦ୍ୱାରା ଘୋଡ଼ାଇ ହୋଇ ରହିଥାଏ। ଅଣ୍ଡିରା ଫୁଲଗୁଡ଼ିକ ଛୋଟ, ଧଳା-ସବୁଜ ରଙ୍ଗର ଗୁଳ୍ମର ଉପର ଭାଗରେ ଏବଂ ମାଈ ଫୁଲଗୁଡ଼ିକ ସବୁଜ ରଙ୍ଗର ତଳ ଭାଗରେ ଅବସ୍ଥିତ। ଫଳ ୩-ଲୋବ ବା ପାଳ ବିଶିଷ୍ଟ।

ଇନ୍ଦ୍ରମାରିଷର ଅନେକ ପାରମ୍ପରିକ ଔଷଧୀୟ ବ୍ୟବହାର ଅଛି। ତାମିଲ ସିଦ୍ଧ ଔଷଧୀୟ ଶାସ୍ତ୍ରରେ ଇନ୍ଦ୍ରମାରିଷ ଉଚ୍ଚ ସ୍ଥାନ ଅଧିକାର କରେ। କାରଣ ଏହା ଶରୀରକୁ ପୁନର୍ଜୀବିତ କରେ ବୋଲି ବିଶ୍ୱାସ କରାଯାଏ। ଭାରତର ପାରମ୍ପରିକ ଔଷଧରେ ଏହାର ପତ୍ରଗୁଡ଼ିକୁ ଜଣ୍ଡିସ୍ ପ୍ରତିକାର ଭାବରେ ବ୍ୟବହୃତ କରାଯାଏ। ଏହାଛଡ଼ା ଆଜମା, ନିମୋନିଆ, କଫ, ଯକୃତ, ବୃକ୍କ, ଅନ୍ତନଳୀ କୃମି, ପେଟ ଯନ୍ତ୍ରଣା ....... ଆଦି ଚିକିତ୍ସାରେ ଏହା ଅନେକ ପ୍ରଭାବଶାଳୀ ଔଷଧୀ। ମାଡାଗାସ୍କର ଓ ମରିସସରେ ଏହାର ପତ୍ରର ଚୂର୍ଣ୍ଣ ଓ ରସକୁ ଲୁଣ ସହିତ ମିଶ୍ରିତ କରି କିମ୍ବା କାଢ଼ା କରି କାନ୍ଥୁ କୁଣ୍ଡେଇ ଘା' ଏବଂ ଅନ୍ୟାନ୍ୟ ଚର୍ମ ରୋଗ ଚିକିତ୍ସା ପାଇଁ ବ୍ୟବହାର କରାଯାଏ। ମାଡାଗାସ୍କରରେ ପତ୍ରର ଆବରଣକୁ ଶୁଦ୍ଧକାରୀ ଏବଂ ସିନ୍ଦୂର ଭାବରେ ମଧ୍ୟ ନିଆଯାଏ। ପୂର୍ବଆଫ୍ରିକାରେ ପତ୍ରର ରସକୁ ଆଖି ସଂକ୍ରମଣ ପାଇଁ ବ୍ୟବହାର କରାଯାଏ। ପତ୍ର ପାଉଡରକୁ ମାଗଟ ବା କୀଟ-ଆକ୍ରାନ୍ତ କ୍ଷତ ପାଇଁ ବ୍ୟବହାର କରାଯାଏ। ଏହାର କ୍ୱାଥ ରେଚକ ଅଟେ। ଏଥିରୁ ପ୍ରସ୍ତୁତ ହୋମିଓପାଥି ଔଷଧ ରକ୍ତ କାଶ, ଅର୍ଶ ରୋଗ, ବାୟୁ ଦୋଷ ଚିକିତ୍ସା ପାଇଁ ଉପଯୋଗୀ ଅଟେ। ଆଫ୍ରିକା ଓ ଭାରତରେ ଏହି ଗଛକୁ ଖାଦ୍ୟ ଭାବରେ ମଧ୍ୟ ବ୍ୟବହାର କରାଯାଉଥିବା ଜଣାଯାଏ। କିନ୍ତୁ ଏଥିରେ ଅନେକ ଆଲକାଲଏଡ୍ ସହିତ ହାଇଡ୍ରୋସାଇନିକ୍ ଏସିଡ୍ ରହିଥିବାରୁ ଖାଇବା ବେଳେ ସତର୍କତା ଅବଲମ୍ବନ କରିବା ଆବଶ୍ୟକ।

ଇନ୍ଦ୍ରମାରିଷରେ ଆକାଲିଫିନ୍ ନାମକ ଏକ ସାଇନୋଜେନିକ୍ ଗ୍ଲାଇକୋସାଇଡ୍ (ଏକ ୩-ସାଇନୋପାଇରିଡୋନ୍ ଡେରିଭେଟିଭ୍) ଏବଂ ଫ୍ଲାଭୋନଏଡ୍ସ, ଯେପରିକି କ୍ୟାମ୍ପଫେରୋଲ୍ ଗ୍ଲାଇକୋସାଇଡ୍ ମୌରିଟିଆନିନ୍, କ୍ଲିଟୋରିନ୍, ନିକୋଟିଫ୍ଲୋରିନ୍ ଏବଂ ବାୟୋରୋବିନ୍ ଥାଏ। ଟ୍ୟାନିନ୍, ବିଟା-ସିଟୋଷ୍ଟେରୋଲ୍, ଆକାଲିଫାମାଇଡ୍, ଅରାଣ୍ଟିଆମାଇଡ୍, ସକ୍ସିନିମାଇଡ୍ ଏବଂ ଫ୍ଲିଣ୍ଡର୍ସିନ (ଏକ ପାଇରାନୋକ୍ୱିନୋଲିନୋନ୍ ଆଲକାଲଏଡ୍) ମଧ୍ୟ ଏଥିରୁ ପୃଥକ କରାଯାଇଛି। ଇନ୍ଦ୍ରମାରିଷ ସମେତ ଅନେକ ଉଦ୍ଭିଦର ଉଷ୍ମତା ଦ୍ୱାରା ବିଲେଇମାନେ ଆକର୍ଷିତ ହୋଇଥାନ୍ତି ଏବଂ ସେମାନେ ସେଗୁଡ଼ିକର ଗନ୍ଧ ବାସନା ପ୍ରତିକ୍ରିୟାରେ ଆନନ୍ଦଦାୟକ ଆଚରଣ ପ୍ରଦର୍ଶନ କରନ୍ତି। ବିଲେଇମାନଙ୍କୁ ଆକର୍ଷିତ କରୁଥିବା ଏଥିରେ ରହିଥିବା ରାସାୟନିକ ପଦାର୍ଥ ଗୁଡ଼ିକ ହେଉଛି ଇରିଡୋଇଡ୍ ଯୌଗିକ ଆଇସୋଡାଇହ୍ରୋନପେଟାଲାକ୍ଟନ୍ ଏବଂ ଆଇସୋଇରିଡୋମାଇର୍ମେସିନ୍।

ଇନ୍ଦ୍ରମାରିଷ ବିହନ ଦ୍ୱାରା ବଂଶ ବିସ୍ତାର କରାଯାଇପାରିବ। ଏହାକୁ ସର୍ବଦା ଉଜ୍ୱଳ ସୂର୍ଯ୍ୟକିରଣ, ମଧ୍ୟମ ତାପମାତ୍ରା, ପର୍ଯ୍ୟାପ୍ତ ପାଣି ଏବଂ ଆର୍ଦ୍ରତା ଉପଲବ୍ଧତା ବ୍ୟତୀତ ବିଶେଷ ଯତ୍ନର ଆବଶ୍ୟକତା ନାହିଁ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପୀତବାସ ହତ୍ୟାକାଣ୍ଡ

# ଜେରାରେ ସୀମିତ ରହିଯିବ କି ତଦନ୍ତ

ବ୍ରହ୍ମପୁର, ୧୯।୧୦ (ସମିସ): ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ସର୍ବସମ୍ମୁଖରେ ଗୁଳି କରି ହତ୍ୟା ଘଟଣାକୁ ଦୁଇ ସପ୍ତାହ ବିତିଗଲାଣି। ତଥାପି ଏଯାଏ ଅପରାଧୀଙ୍କ ଟେର୍ ପାଉନି ପୁଲିସ। ୬୦ରୁ ଅଧିକ ସିସିଟିଭି ଫୁଟେଜ୍ ଯାଞ୍ଚ ସହ ସନ୍ଦେହରେ ଶତାଧିକ ବ୍ୟକ୍ତିଙ୍କୁ ଅଟକ ରଖି ଜେରା କରିସାରିଲାଣି। କିଛି ଦିନ ତଳେ ହତ୍ୟା ଘଟଣାରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହୋଇଥିବା ନେଇ ଖୋଦ୍ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଗଣମାଧ୍ୟମକୁ ସୂଚନା ଦେଇଥିଲେ। କିନ୍ତୁ ଏହା ପରେ ମଧ୍ୟ କାହାରିକୁ ଗିରଫ କରାନଯିବା କିମ୍ବା କୌଣସି

- ଦୁଇ ସପ୍ତାହ ପରେ ବି ମୁହଁ ଖୋଲୁନି ପୁଲିସ
- ନିରବତାକୁ ନେଇ ଉଠିଲା ପ୍ରଶ୍ନ?
- ମୁଖ୍ୟ କାର୍ପଟଦାରକୁ ଖସାଇବାକୁ ହେଉଛି କି ଯୋଜନା?

ଠୋସ୍ ପ୍ରମାଣ ନମିଳିବା ସମସ୍ତଙ୍କୁ ଚକିତ କରିଛି। ଅପରପକ୍ଷେ ଏହି ହାଇପ୍ରୋଫାଇଲ୍ ହତ୍ୟାକାଣ୍ଡରେ ସମସ୍ତଙ୍କ ନିରବତା, ସାଧାରଣରେ ଭିନ୍ନ ଭିନ୍ନ ଚର୍ଚ୍ଚାକୁ ଖୋରାକ୍ ଯୋଗାଇଲାଣି। ଖୋଦ୍ ତଦନ୍ତକାରୀ ପୁଲିସ ଗଣମାଧ୍ୟମକୁ କୌଣସି ସୂଚନା ନଦେଇ ଅନ୍ଧାରରେ ରଖୁଥିବା ବେଳେ ଶାସକ ବିଜେପି ଦଳ ଏବଂ ରାଜ୍ୟର ଆଇନଜୀବୀମାନେ ଚୁପ୍ ରହିବା ଉପରେ ପ୍ରଶ୍ନ ଉଠାଇଛନ୍ତି ବୁଦ୍ଧିଜୀବୀ।

ପୀତବାସ ଖାଲି ଜଣେ ଆଇନଜୀବୀ ନଥିଲେ, ସେ ରାଜ୍ୟ ଆଇନଜୀବୀ ପରିଷଦ ନିର୍ବାଚନରେ ସର୍ବୋଚ୍ଚ ଭୋଟ୍ ପାଇ ନିର୍ବାଚିତ ହୋଇଥିବା ଜଣେ ସଦସ୍ୟ। ସେହିପରି ବିଜେପିର ଜଣେ ଆଗଧାଡ଼ିର ରାଜନେତା। ଖାଲି ସେତିକି ନୁହେଁ, ଜଣେ ଶ୍ରମିକ ନେତା ସହ ରାଜ୍ୟ କ୍ୟାବିନେଟ୍‌ର ଖଣି ଓ ପରିବହନ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ଦାୟିତ୍ୱରେ ଥିବା ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଅତ୍ୟନ୍ତ ଘନିଷ୍ଠ ଥିଲେ। ପୀତବାସ ମନ୍ତ୍ରୀଙ୍କ କେତେ ଖାସ୍ ଥିଲେ, ତାହା ପୀତବାସଙ୍କ ହତ୍ୟା ଘଟଣା ଦିନ ମନ୍ତ୍ରୀ ଶ୍ରୀ ଜେନାଙ୍କ ଦୀର୍ଘ ସମୟର ଉପସ୍ଥିତି ଓ ଦ୍ୱାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଓ ଭୋଜି ଆୟୋଜନରୁ ସ୍ପଷ୍ଟ ପ୍ରମାଣିତ ହୋଇସାରିଛି। ସେହିଭଳି ରାଜ୍ୟ ଆଇନଜୀବୀ ପରିଷଦର ଜଣେ ପ୍ରମୁଖ ସଦସ୍ୟ ଭାବେ ପୀତବାସଙ୍କ ପ୍ରତି ସମଗ୍ର ରାଜ୍ୟର ଆଇନଜୀବୀଙ୍କର ମଧ୍ୟ ସମବେଦନା ରହିଛି।

ଏହି ହତ୍ୟା ମାମଲାରେ ରାଜ୍ୟ ଆଇନଜୀବୀ ପରିଷଦ ସମେତ ସୁପ୍ରିମକୋର୍ଟ ଓକିଲ ସଂଘ ଅଧ୍ୟକ୍ଷ ମଧ୍ୟ ପ୍ରତିକ୍ରିୟା ପ୍ରକାଶ କରିବା ସହିତ ଘଟଣାକୁ ତୀବ୍ର ନିନ୍ଦା କରିଥିଲେ। ରାଜ୍ୟବ୍ୟାପୀ ଓକିଲଙ୍କ ଦିନିକିଆ କଲମଛାଡ଼ ଆନ୍ଦୋଳନ ସହ ୪୮ ଘଣ୍ଟାର ମହଲତ ଦେଇ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା। ଏପରିକି, ଅପରାଧୀଙ୍କୁ ତୁରନ୍ତ ଗିରଫ କରିବା ଓ ରହସ୍ୟ ଉନ୍ମୋଚନ କରିବା ଦାବିରେ ଗଞ୍ଜାମ ଓକିଲ ସଂଘର ଆଇନଜୀବୀମାନେ ପଦଯାତ୍ରା କରି ଦକ୍ଷିଣାଞ୍ଚଳ ପୁଲିସ ଆଇଜି ନୀତିଶେଖରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ।

ତେବେ ହତ୍ୟାକାଣ୍ଡ ପରେ ଉଭୟ ଆଇନଜୀବୀ ଓ ଶାସକ ବିଜେପି ଦଳ ପକ୍ଷରୁ ଯେଉଁଭଳି ଭାବେ ତତ୍ପରତା ପ୍ରକାଶ ପାଇଥିଲା, ବର୍ତ୍ତମାନ ପରିସ୍ଥିତିରେ ସମସ୍ତେ ଚୁପ ରହିବା ଏକ ବ୍ୟତିକ୍ରମ ଓ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ସେପଟେ ପୁଲିସର ନିରବତା କେବେ ଭାଙ୍ଗିବ ଓ ହତ୍ୟାକାଣ୍ଡ ଘଟଣାର ରହସ୍ୟ ଉନ୍ମୋଚିତ ହେବ, ତାକୁ ନେଇ ମଧ୍ୟ ସାଧାରଣରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି।

ଏହି ମାମଲାରେ ପୁଲିସ ୬ଟି ସ୍ୱତନ୍ତ୍ର ଟିମ୍ ଗଠନ କରି ରାଜ୍ୟ ତଥା ରାଜ୍ୟ ବାହାରେ ତନାଘନା କରିବା ସହ ବହୁ ବ୍ୟକ୍ତିଙ୍କୁ ପଚରାଉଚରା କରିଛି। ୯ ଜଣଙ୍କୁ ଅଟକ ରଖି ମଧ୍ୟ ଜେରା କରୁଛି। ତେବେ ଦୀର୍ଘ ଦୁଇ ସପ୍ତାହ ପରେ ମଧ୍ୟ ପୁଲିସ କୌଣସି ସୂଚନା ଦେବା ତ ଦୂରର କଥା, ଓଲଟି ମୁହଁ ନ ଖୋଲିବା ସମସ୍ତଙ୍କ ସନ୍ଦେହକୁ ଅଧିକ ଦୃଢ଼ୀଭୂତ କରିଛି। ଘଟଣାର ମୁଖ୍ୟ କାର୍ପଟଦାର୍‌କୁ ଖସାଇବା କିମ୍ବା ରାଜନୈତିକ ଚାପରେ ପୁଲିସ ଘଟଣାକୁ ଚପାଇବାକୁ ଅଥବା ଭିନ୍ନମୋଡ଼ ଦେବାକୁ ଉଦ୍ୟମ କରୁଛି କି ବୋଲି ମଧ୍ୟ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି।

ଏହି ଘଟଣାରେ କେବଳ କିଛି ବ୍ୟକ୍ତିଙ୍କୁ ଅଟକ ରଖି ଜେରା କରାଯିବା ଛଡ଼ା ଅନ୍ୟ କିଛି ଅଗ୍ରଗତି ହୋଇନଥିବା ଦର୍ଶାଇ ଗଞ୍ଜାମ ଓକିଲ ସଂଘର ବହୁ ଆଇନଜୀବୀଙ୍କ ମଧ୍ୟରେ ତଦନ୍ତକୁ ନେଇ ଅସନ୍ତୋଷ କୁହୁଳୁଛି। ଏଣୁ, ପୁଲିସ ତୁରନ୍ତ ଘଟଣାର ପର୍ଦ୍ଦାଫାସ କରି ରହସ୍ୟ ଉନ୍ମୋଚନ କରିବା ଜରୁରୀ ବୋଲି ସାଧାରଣରେ ଆଲୋଚନା ହେଉଛି। ତେବେ ହତ୍ୟାକାଣ୍ଡ ଭଳି ଘଟଣାରେ ଯେଭଳି ଜଣେ ନିରୀହ ବ୍ୟକ୍ତିକୁ ନ ଫସାଇ ଘଟଣାର ଉଚିତ ତଦନ୍ତ କରି ପ୍ରକୃତ ଦୋଷୀଙ୍କୁ ଦଣ୍ଡିତ କରିବା ଦିଗରେ ପୁଲିସ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁ ବୋଲି ମଧ୍ୟ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# କମୁଛି ଶିକ୍ଷା ଦିବସ

## ଚଳିତବର୍ଷ ନୂଆଁଖାଇ ଓ ଦୀପାବଳିରେ ୨ଟି ଅତିରିକ୍ତ ଛୁଟି

ଭୁବନେଶ୍ୱର,୧୯ ।୧୦(ସମିସ): ଦୀପାବଳି ପାଇଁ ଆସନ୍ତାକାଲି ଅର୍ଥାତ୍ ସୋମବାରକୁ ଛୁଟି ଦିବସ ଭାବେ ଘୋଷଣା କରାଯାଇଛି। ପୂର୍ବରୁ ମଙ୍ଗଳବାରକୁ ଛୁଟି ଦିବସ ଭାବେ ଘୋଷଣା କରାଯାଇଥିବାରୁ ଉଭୟ ସୋମବାର ଓ ମଙ୍ଗଳବାର ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ଏହା

- ଗ୍ରୀଷ୍ମ ପ୍ରବାହ ପାଇଁ ବର୍ଷକୁ ପ୍ରାୟ ୧୫ ଦିନ ପଢ଼ା ବାଧାପ୍ରାପ୍ତ
- ସ୍ୱଳ୍ପ ସମୟରେ ସମ୍ପୂର୍ଣ୍ଣ ଶିକ୍ଷାଦାନ ପାଇଁ ଚାପଗ୍ରସ୍ତ ଛାତ୍ରଛାତ୍ରୀ

ପୂର୍ବରୁ ନୂଆଁଖାଇ ସମୟରେ ମଧ୍ୟ ସରକାର ଗୋଟିଏ ଦିନ ଅତିରିକ୍ତ ଛୁଟି ପ୍ରଦାନ କରିଥିଲେ। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ପାଇଁ ବର୍ଷକୁ ବର୍ଷ ଖରାଛୁଟି ବଢ଼ିବାରେ ଲାଗିଛି ଓ ଭିଭିଆଇପିଙ୍କ ଭୁବନେଶ୍ୱର ଗସ୍ତ ସମୟରେ ବିଏମ୍‌ସି ଅଞ୍ଚଳର ବିଦ୍ୟାଳୟକୁ ଅଧାରେ ବନ୍ଦ କରିଦିଆଯାଉଛି। ଫଳରେ ଶିକ୍ଷା ଦିବସ କମିବା ସହ ଶିକ୍ଷାଦାନ ଓ ପାଠପଢ଼ା ବାଧାପ୍ରାପ୍ତ ହେଉଛି।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କ୍ୟାଲେଣ୍ଡର ଅନୁଯାୟୀ ଚଳିତ ବର୍ଷ ମେ ୬ ତାରିଖ ଠାରୁ ଜୁନ୍ ୧୯ ତାରିଖ ପର୍ଯ୍ୟନ୍ତ ଖରାଛୁଟି ପାଇଁ ପୂର୍ବରୁ ନିର୍ଦ୍ଧାରିତ କରାଯାଇଛି। ହେଲେ ଗ୍ରୀଷ୍ମ ପ୍ରବାହ ପାଇଁ ନିର୍ଦ୍ଧାରିତ ସମୟର ୧୩ ଦିନ ପୂର୍ବରୁ ଖରାଛୁଟି ଘୋଷଣା ହୋଇଥିଲା। ସେହିପରି ୨୦୨୪-୨୫ ଶିକ୍ଷାବର୍ଷରେ ମଧ୍ୟ ୧୨ ଦିନ ପୂର୍ବରୁ ବିଦ୍ୟାଳୟ ଗୁଡ଼ିକ ଛୁଟି କରାଯାଇଥିଲା। ଅଧିକ ଖରା ପ୍ରଭାବିତ ଜିଲ୍ଲାରେ ଅଧିକ ୩ଦିନ ଛୁଟି କରିଥିଲେ ଜିଲ୍ଲାପାଳ। ଫଳରେ ୧୨ରୁ ୧୫ ଦିନ ପର୍ଯ୍ୟନ୍ତ ପାଠପଢ଼ା ବନ୍ଦ ହେଲା। ୨୦୨୩-୨୪ ଶିକ୍ଷା ବର୍ଷରେ ଏପ୍ରିଲ୍ ୨୧ ତାରିଖରୁ ଅର୍ଥାତ୍ ନିର୍ଦ୍ଧାରିତ ଛୁଟି ଦିବସର ୧୫ ଦିନ ପୂର୍ବରୁ ଛୁଟି ହୋଇଥିଲା। ଖରା ପାଇଁ ନିର୍ଦ୍ଧାରିତ ସମୟର ୩ଦିନ ପରେ ବିଦ୍ୟାଳୟ ଖୋଲିଥିଲା। ଫଳରେ ମୋଟ୍ ୧୮ ଦିନ ଛୁଟି ହେବା ସହ ଶିକ୍ଷାଦିବସ କମିଥିଲା। ଏହା ସହ ବିଭିନ୍ନ ସମୟରେ ପ୍ରବଳ ବର୍ଷା ବା ପବନ ଭୟ ଯୋଗୁଁ ସରକାର ସ୍କୁଲ କଲେଜ ଛୁଟି ଘୋଷଣା କରୁଛନ୍ତି।

ବର୍ଷକୁ ହାରିହାରି ୧୫ ଦିନ ପାଠପଢ଼ା ବନ୍ଦ ହେଉଛି। ପୂର୍ବପରି ପାଠ୍ୟକ୍ରମ ସମାନ ରହିଥିବାବେଳେ ଶିକ୍ଷାଦାନ ପାଇଁ କାର୍ଯ୍ୟଦିବସ କମୁଛି। ଫଳରେ ସିଲାବସ୍ ଠିକ୍ ସମୟରେ ସରିବ ନାହିଁ। ସ୍ୱଳ୍ପ ସମୟରେ ସମ୍ପୂର୍ଣ୍ଣ ପାଠପଢ଼ା ହେଉଥିବାରୁ ତାହା ଛାତ୍ରଛାତ୍ରୀଙ୍କୁ ଚାପଗ୍ରସ୍ତ କରିବ। ଛୁଟି ଦିନକୁ ଭରଣା କରିବା ପରିବର୍ତ୍ତେ ଅତିରିକ୍ତ ଛୁଟି ହେଉଥିବାରୁ ପାଠପଢ଼ା ପ୍ରତି 'ବେଡି ଉପରେ କରୋଡ଼ା' ସଦୃଶ ହେଉଛି। ଏଣୁ ପାଠପଢ଼ାକୁ ବ୍ୟବସ୍ଥିତ ଓ ସୁଦୃଢ଼ କରିବା ପାଇଁ ଅତିରିକ୍ତ ଛୁଟି ବଦଳରେ ଅଧିକ ଶିକ୍ଷା ଦିବସ ସୃଷ୍ଟି କରିବାକୁ ଶିକ୍ଷାବିତ୍‌ଙ୍କ ସମେତ ଅଭିଭାବକମାନେ ଦାବି କରିଛନ୍ତି।

# ବିଜେପି ସମାବେଶର ବଳକା ଖାଦ୍ୟ ଖାଇ ୧୩ ଗୋରୁ ମୃତ

## କ୍ଷତିପୂରଣ ପାଇଁ ଦାବି କରିଛନ୍ତି ଗ୍ରାମବାସୀ

ନୂଆପଡା,୧୯ ।୧୦(ସମିସ):ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ସ୍ୱଚ୍ଛତାକୁ ନେଇ ଡିଣ୍ଡିମ ପିଟୁଥିବା ବେଳେ ନୂଆପଡା ଜିଲ୍ଲା ସଦର ବ୍ଲକ୍‌ରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ କାର୍ଯ୍ୟକ୍ରମରେ ସ୍ୱଚ୍ଛତା ପଦାରେ ପଡିଛି। ସ୍ଥାନୀୟ ଖରିଆରରୋଡ଼ ଗୋତମ ଛକସ୍ଥିତ ଏୟାର ଷ୍ଟ୍ରିପ୍ ପଡ଼ିଆ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ସଙ୍କଳ୍ପ ସମାବେଶ ଶେଷ



ନିକଟସ୍ଥ ପଡିଆରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଆସି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ୨୦ରୁ ୨୫ହଜାର ଲୋକଙ୍କ ପାଇଁ ବ୍ୟବସ୍ଥା ହୋଇଥିଲା ହେଲେ ମାତ୍ର ୮ରୁ ୧୦ ହଜାର ଲୋକ ଆସିଥିଲେ। ତେବେ ନିର୍ଦ୍ଧାରିତ ଲୋକଙ୍କ ପାଇଁ ସ୍ଥାନୀୟ ଏକ ପଡିଆରେ ଖାଦ୍ୟ ପେୟର ବ୍ୟବସ୍ଥା ମଧ୍ୟ କରାଯାଇଥିଲା।

### ସ୍ୱଚ୍ଛତା ଡିଣ୍ଡିମ ପିଟୁଛନ୍ତି ସରକାର

ହେବା ଫିଙ୍ଗିଦିଆଯାଇଥିବା ବଳକା ଖାଦ୍ୟ ଖାଇ ୧୩ ଗୋରୁଙ୍କ ମୃତ୍ୟୁ ଘଟିଥିବା ବେଳେ ୩୦ରୁ ଉଦ୍ଧ୍ୱର୍ ଗୁରୁତର ରହିଛନ୍ତି।ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଥିବା ବେଳେ ଖୋଦ ସରକାରୀ ଦଳର ଏଭଳି କାର୍ଯ୍ୟକୁ ନିନ୍ଦା କରାଯାଇଛି। ଗରିବ ଓ କ୍ଷୁଦ୍ର ଚାଷୀଙ୍କ ଲକ୍ଷାଧିକ ଟଙ୍କାର ଗୋରୁ ମୃତ୍ୟୁବରଣ କରିଥିବାରୁ କ୍ଷତିପୂରଣ ସହାୟତା ପାଇଁ ଦାବି କରିଛନ୍ତି। ପ୍ରକାଶ ଯେ ଗତ ୧୬ତାରିଖ ଦିନ ଏୟାର ଷ୍ଟ୍ରିପ୍ କମ ଲୋକ ଆସିଥିବା ହେତୁ ବଳକା ଖାଦ୍ୟ ସବୁ ପଡି ରହିଥିଲା। ଏହାକୁ କୌଣସି ସୁରକ୍ଷିତ ଜାଗାରେ ପିଙ୍ଗଯାଇନଥିବାରୁ ଗୋତମାଗାଁର ଚାଷୀମାନଙ୍କ ଗୋରୁ ଚରିବାକୁ ଯାଇ ସେହି ବଳକା ତଥା ପଚାସଢା ଖାଦ୍ୟକୁ ଖାଇଥିଲା। ଶନିବାର ସକାଳୁ କିଛି ଗାଈ ଅସୁସ୍ଥ ହୋଇଥିବା ଖବର ଆସିଥିଲା। ଏହି ଖବର ପାଇ ନୂଆପଡା ଜିଲ୍ଲା ପ୍ରାଣୀ ଚିକିତ୍ସା ବିଭାଗର ଟିମ୍ ଗାଁରେ ପହଞ୍ଚି ଚିକିତ୍ସା କରିଥିଲେ। ହେଲେ ବିଳମ୍ବିତ ରାତିରେ ୧୩ଟି ଗୋରୁଙ୍କ ମୃତ୍ୟୁ ହୋଇଯାଇଥିଲା। ଏଥିରେ ଚାଷୀ ଦେବକାନ୍ତ ରଥ,ସୂର୍ଯ୍ୟକାନ୍ତ ସାହୁ,ପ୍ରଦୀପ କୁମାର ସାହୁ ,ସାହୁଲାଲ ସାହୁ, ବଳ ଶବର ,ହେମନ୍ତ ସାହୁ,ସୁରେନ ସାହୁ,ଚନ୍ଦ୍ରଦେବ ସାହୁ,ଲୋଭୀତ ରାଉତଙ୍କ ମୋଟ ୧୩ ଟି ଦୁଧିଆଳୀ ଓ କିଛି ଗର୍ଭବତୀ ଗାଈଙ୍କ ମୃତ୍ୟୁ ଘଟିଛି। ଗାଁରେ ରାଜସ୍ୱ ବିଭାଗ ସହ ପ୍ରାଣୀ ଚିକିତ୍ସା ବିଭାଗର ଅଧିକାରୀମାନେ ପହଞ୍ଚି ଚିକିତ୍ସା କାର୍ଯ୍ୟକୁ ତ୍ୱରିତ କରିବା ସହ ମୃତଗୋରୁମାନଙ୍କୁ ବ୍ୟବଚ୍ଛେଦ କରିଛନ୍ତି।ଏହାକୁ ରାଜ୍ୟ ସରକାର ଗମ୍ଭୀରତାର ସହ ବିଚାରକୁ ନେବା ଏକ ଉଚ୍ଚସ୍ତରୀୟ ତଦନ୍ତ କରି କ୍ଷତି ପୂରଣ ସହାୟତା ଯୋଗାଇବାକୁ ଦାବି ହେଉଛି।

# ଗୋ-ମାତାଙ୍କୁ ନେଇ ରାଜନୀତି କରୁଥିବା ବିଜେପି ଗୋ-ମୃତ୍ୟୁ ପାଇଁ ଦାୟୀ: ବିଜେଡି

ଭୁବନେଶ୍ୱର, ୧୯।୧୦ (ସମିସ): ଶନିବାର ନୂଆପଡ଼ାରେ ମୁଖ୍ୟମନ୍ତ୍ରୀଙ୍କ ସଭା ପାଇଁ ବ୍ୟାପକ ଆୟୋଜନ ହୋଇଥିଲେ ମଧ୍ୟ ଲୋକ ନ ହେବାରୁ ହତାଶ ହୋଇ ବିଜେପି ଲୋକଙ୍କ ପାଇଁ ପ୍ରସ୍ତୁତ ଖାଦ୍ୟ ଫୋପାଡ଼ି ଦେଇଥିଲା। ଏହି ଖାଦ୍ୟ ଖାଇ ୨୦ଟି ଗୋମାତାଙ୍କର ମୃତ୍ୟୁ ହୋଇଛି ବୋଲି ଅଭିଯୋଗ ଆଣିଛି

- ବଳକା ଖାଦ୍ୟ ନ ପୋତି ଫୋପାଡ଼ି ଦେବା ବିଜେପିର ଦାୟିତ୍ୱହିନତା
- ମୁଖ୍ୟମନ୍ତ୍ରୀଙ୍କ ସଭାରେ ଲୋକ ନ ହେବାରୁ ବିଜେପି ହତାଶ

ବିଜେଡି। ଗୋମାତାଙ୍କୁ ନେଇ ରାଜନୀତି କରୁଥିବା ବିଜେପି ଦଳ ଗୋ-ମୃତ୍ୟୁ ପାଇଁ ଦାୟୀ ବୋଲି ବିଜେଡି ପକ୍ଷରୁ ଉର୍ସ୍ନା କରାଯାଇଛି।

ରବିବାର ଶଙ୍ଖଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭାରେ ପ୍ରାୟ ୧୦ ହଜାର ଲୋକଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ ହୋଇଥିଲେ ମଧ୍ୟ କମ୍ ସଂଖ୍ୟକ ଲୋକଙ୍କ ଉପସ୍ଥିତି ବିଜେପି ଦଳକୁ ନିରାଶ କରିଥିଲା। ମୁଖ୍ୟମନ୍ତ୍ରୀଙ୍କ ସଭା ଚାଲିଥିବା ବେଳେ ଲୋକମାନେ ଉଠି ଚାଲିଯିବା ଘଟଣାରୁ ସ୍ପଷ୍ଟ ପ୍ରତୀୟମାନ ଯେ ବିଜେପି ଉପରେ ନୂଆପଡ଼ାବାସୀଙ୍କ ଭରସା ନାହିଁ। ତେଣୁ, ହତାଶ ହୋଇ ବିଜେପି ଦଳ ବଳକା ଖାଦ୍ୟକୁ ପୋତିବା ପରିବର୍ତ୍ତେ ଫୋପାଡ଼ି ଦେଇଥିଲା। ସ୍ଥାନୀୟ ବାସିନ୍ଦାଙ୍କ ଗୃହପାଳିତ ପଶୁ ଏହାକୁ ଖାଇ ଅସୁସ୍ଥ ହୋଇପଡ଼ିଥିଲେ। ପରିଣାମସ୍ୱରୂପ, ୨୦ଟି ଅମୂଲ୍ୟ ପ୍ରାଣୀ ସମ୍ପଦ ମୃତ୍ୟୁବରଣ କଲେ। ଏହି ପ୍ରାଣୀ ସମ୍ପଦ ଦ୍ୱାରା ଜୀବିକା ନିର୍ବାହ କରୁଥିବା ସ୍ଥାନୀୟ ବାସିନ୍ଦାଙ୍କ ରୋଜଗାର ଚାଲିଯାଇଛି।



ଗୋମାତାଙ୍କୁ ନେଇ ରାଜନୀତି କରୁଥିବା ବିଜେପି ଦଳର ଅସଲ ସ୍ୱରୂପ ନୂଆପଡ଼ାବାସୀ ଦେଖିଲେ। ଏହି ଅମାନବୀୟ ଘଟଣା ପାଇଁ ଦାୟୀ ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଡ. ମହାନ୍ତି ଦାବି କରିଛନ୍ତି। ସେ ଆହୁରି କହିଥିଲେ ଯେ ରାଜନୀତି ଭିତରେ ମାନବିକତା ରହିବା ଦରକାର।

ବିଜେପିର ଦାୟିତ୍ୱହୀନତା ଲାଗି ଯେଉଁ ବହୁମୂଲ୍ୟ ପଶୁ ସମ୍ପଦ ହାନି ଘଟିଲା, ତାହା ନୂଆପଡ଼ାବାସୀଙ୍କ ମନକୁ ଗଭୀର ଆଘାତ ଦେଇଛି। ତାହାର କେବେ ବି କ୍ଷତିଭରଣା ହୋଇପାରିବ ନାହିଁ। ଭବିଷ୍ୟତରେ ଏହିଭଳି ଅମାନବୀୟ ଘଟଣାର ପୁନରାବୃତ୍ତି ଯେଭଳି ନ ହେବ, ସେଥିପ୍ରତି ବିଜେପି ଦଳ ସମ୍ବେଦନଶୀଳ ହେବା ଆବଶ୍ୟକ ବୋଲି ସେ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଉତ୍ସାହ କମ୍...

ଆଦି କାର୍ଯ୍ୟକ୍ରମର ଯୋଗୁଁ ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ବେପାର ବୃଦ୍ଧି ପାଇଥିଲା। ଏହା କେବଳ କ୍ରୟ ନୁହେଁ,ବରଂ ରଣନୈତିକ ନିବେଶର ସଙ୍କେତ ବୋଲି ମଧ୍ୟ କୁହାଯାଉଛି। ଚଳିତ ବର୍ଷ ଗ୍ରାହକ ବେଶୀ ସୁନା ଏବଂ ରୁପା ମୁଦ୍ରା କିଣିଛନ୍ତି। କାରଣ ଆଗକୁ ମୂଲ୍ୟ ଆହୁରି ବଢ଼ିବ ବୋଲି ବିଶ୍ୱାସ କରୁଛନ୍ତି। ସେଥିପାଇଁ ଏବେ କ୍ରୟ କରି ଲାଭରେ ରହିବାକୁ ଚାହୁଁଛନ୍ତି। ମୁମ୍ବାଇର ଜଭେରି ବଜାରରୁ ନେଇ ଦେଶର ଅନେକ ସ୍ଥାନରେ ସୁନା ଏବଂ ରୁପା ମୁଦ୍ରା କିଣିବାକୁ ଶନିବାର ଦିନ ଯାକ ଗହଳି ଲାଗି ରହିଥିଲା।

ସିଏଆଇଟିର ଜାତୀୟ ଅଧ୍ୟକ୍ଷ ପଙ୍କଜ ଆରୋରା କହିଛନ୍ତି ଯେ କେବଳ ଦିଲ୍ଲୀରେ ୧୦ ହଜାର କୋଟି ଟଙ୍କାର କାରବାର ହୋଇଛି। ତେବେ ଇଣ୍ଡିଆ ବୁଲିୟନ ଆଣ୍ଡ ଜ୍ୱେଲର୍ସ ଆସୋସିଏସନ (ଆଇବିଜେଏ) ର ଜାତୀୟ ସଚିବ ସୁରେନ୍ଦ୍ର ମେହେଟ୍ଟା କହିଛନ୍ତି ଯେ ଉଚ୍ଚା ଦର ଯୋଗୁଁ ସୁନା ବିକ୍ରି ହାର ୧୦ ପ୍ରତିଶତ ହ୍ରାସ ପାଇଛି। ଗତ ବର୍ଷ ଧନତେରାସରେ ପ୍ରାୟ ୩୯ ଟନ୍ ସୁନା ବିକ୍ରି ହୋଇଥିଲା। କିନ୍ତୁ ଚଳିତ ଥର ପ୍ରାୟ ୩୬ ଟନ୍ ସୁନା ବିକ୍ରି ହୋଇଛି। ଜେମ୍ ଆଣ୍ଡ ଜୁଏଲାରୀ କାଉନସିଲ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ରାଜେଶ ରୋକଡେ କହିଛନ୍ତି ଯେ ଗତ ବର୍ଷ ତୁଳନାରେ ଚଳିତ ଧନତେରାସରେ ବିକ୍ରି ୧୦-୧୫ ପ୍ରତିଶତ ହ୍ରାସ ପାଇଥିବାବେଳେ ମୋଟ ମୂଲ୍ୟ ଦ୍ରୁତ ବୃଦ୍ଧି ପାଇଛି। ଉଚ୍ଚ ଦର ସତ୍ତ୍ୱେ ସ୍ମାର୍ଟ କ୍ରୟ ଏବଂ ଶୀଘ୍ର ବିବାହ ଖର୍ଚ୍ଚ ପାଇଁ ଗ୍ରାହକଙ୍କ ଆଗ୍ରହ ବଢ଼ିଛି।

### ଜେଲ୍‌ରେ ଆଉ...

ତଦନ୍ତକାରୀ ଅଧିକାରୀ ତଥା କ୍ରାଇମବ୍ରାଞ୍ଚ ଡିଏସ୍‌ପି କେବଳ ଅଭିଯୁକ୍ତ ପରୀକ୍ଷାର୍ଥୀଙ୍କୁ ପଚରାଉଚରା କରିଛନ୍ତି। ରବିବାର ଜେରା ହୋଇଥିବା ୬୩ ଜଣଙ୍କ ମଧ୍ୟରେ ସମସ୍ତ ମହିଳା ପରୀକ୍ଷାର୍ଥୀ ସାମିଲ ଥିଲେ। ଏହି ଜାଲିଆତିରେ ସାମିଲ ପାଇଁ ଦଲାଲମାନେ କିପରି ଓ କେଉଁ ଉପାୟରେ ପରୀକ୍ଷାର୍ଥୀଙ୍କୁ ଯୋଗାଯୋଗ କରିଥିଲେ, ସେମାନଙ୍କଠାରୁ କିଏ ସାର୍ଟିଫିକେଟ୍ ଓ ଟଙ୍କା ଆଦାୟ କରିଥିଲା, ପରୀକ୍ଷାର୍ଥୀମାନେ କିଭଳି ଟଙ୍କା ଦେଇଥିଲେ; ଆଦି ସଂପର୍କରେ ସେମାନଙ୍କୁ ପଚରାଉଚରା କରାଯାଇଛି। କ୍ରାଇମବ୍ରାଞ୍ଚ ଡିଏସ୍‌ପ ସକାଳ ୮ ଟାରୁ ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ ଦୀର୍ଘ ୧୦ ଘଣ୍ଟା ଧରି ଜେଲ ଭିତରେ ୬୩ଜଣ ନିଯୁକ୍ତି ଆଶାୟୀଙ୍କୁ ଜେରା କରିଥିଲେ। ଜେରାରୁ କ୍ରାଇମ୍‌ବ୍ରାଞ୍ଚକୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା କୁହାଯାଉଛି।

### ନାମାଙ୍କନ ପୂର୍ବରୁ...

ସିଂ ମାଝୀ,ନିରଞ୍ଜନ ବିଶିଙ୍କ ନେତୃତ୍ୱରେ ବହୁ ଆଦିବାସୀ ନେତା ବିଜେଡିରେ ଯୋଗ ଦେଇଥିଲେ। ପରେ ନୂଆପଡା ଆସି ଶୋଭାଯାତ୍ରାରେ ବାହାରିଥିଲେ ସ୍ନେହାଙ୍ଗିନୀ। ତେଲିପଡାଠାରୁ ବିଶାଳ ଶୋଭାଯାତ୍ରା ମଧ୍ୟାହ୍ନ ୧୨ଟାରୁ ବାହାରି ସହର ପରିକ୍ରମା କରିଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରୋଡ ଶୋ'ରେ ପରିକ୍ରମା କରିଥିଲେ।

ଜିଲ୍ଲାପାଳ କାର୍ଯ୍ୟାଳୟ ନିକଟରେ ବିଜେଡିର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ଓ ସ୍ଥାନୀୟ ନେତାମାନେ ସମ୍ବୋଧନ କରି ରାଜ୍ୟ ବିଜେପି ସରକାର ଉପରେ ବର୍ଷିଥିଲେ। ଡବଲ୍ ଇଞ୍ଜିନ ଡବଲ ବିକାଶ ନୁହେଁ, ଡବଲ ବିନାଶ ହେଉଛି ବୋଲି ଅଭିଯୋଗ କରିଥିଲେ। ବିଜେଡି ନୂଆପଡ଼ା ଜିଲ୍ଲା ଅଧ୍ୟକ୍ଷ ଅବନୀ ରଞ୍ଜନ ଯୋଶୀ,ବିଜେଡି ସାଧାରଣ ସଚିବ ମନୋଜ ମିଶ୍ର, ବିଜେଡି ବରିଷ୍ଠ ନେତା ଭାନୁ ପ୍ରତାପ ସିଂହ ମାଝୀ ପ୍ରମୁଖ ଗତ ୧୬ ମାସର ବିଜେପି ଶାସନରେ ନୂଆପଡ଼ା ପ୍ରତି ହୋଇଥିବା ଅବହେଳା ବିଷୟରେ ଉଲ୍ଲେଖ କରିଥିଲେ। ସେହିପରି ଶୋଭାଯାତ୍ରାରେ ଦଳର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ,ସଞ୍ଜୟ କୁମାର ଦାସବର୍ମା, ପ୍ରତାପ ଜେନା,ଅରୁଣ ସାହୁ,ନିରଞ୍ଜନ ପୁଜାରୀ,ଅତନୁ ସବ୍ୟସାଚୀ ନାୟକ,ପୁଷ୍ପେନ୍ଦ୍ର ସିଂହଦେଓ, ପ୍ରମିଳା ମଲ୍ଲିକ, ଟୁକୁନି ସାହୁ,ସୁଦାମ ମାରାଣ୍ଡି, ପ୍ରୀତିରଞ୍ଜନ ଘଡେଇ,ସାରଦା ନାୟକ,ଚିନ୍ମୟ ସାହୁ, ଶ୍ରୀମତୀ ଇପସୀତା ସାହୁ,ଦେବୀରଞ୍ଜନ ତ୍ରିପାଠୀ, ପ୍ରଦୀପ ଦିଶାରୀ, ନଳିନୀକାନ୍ତ ପ୍ରଧାନ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଲେଖାଶ୍ରୀ ସାମନ୍ତସିଂହାର, ଅଧିରାଜ ପାଣିଗ୍ରାହୀ, ରବି ନନ୍ଦ,ସୁଭାଶିଷ ଖୁଣ୍ଟିଆ, ନିରଞ୍ଜନ ବିଶି,ବିଜୟ ନାୟକ,ପ୍ରଦୀପ ମାଝୀ, ବିକ୍ରମ ପଣ୍ଡା, ନିହାର ବେହେରା,ସ୍ୱରୂପ ଦାସ, ଦୁଷ୍ମନ୍ତ ନାୟକ,ବ୍ରଜ ପ୍ରଧାନ, ମନୋରମା ମହାନ୍ତି,ତୁଷାରକାନ୍ତି ବେହେରା, ସରୋଜ ମେହେର, ବର୍ଷା ସିଂହ ବରିହା ଓ ସୁଦର୍ଶନ ହରିପାଲ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ନୂଆପଡ଼ାର ଲୋକମାନେ ବିଜେଡି ସହ ଅତୁଟ ଭାବେ ଅଛନ୍ତି ଓ ନୂଆପଡାବାସୀଙ୍କ ଆଶୀର୍ବାଦରେ ସ୍ନେହାଙ୍ଗିନୀ ଛୁରିଆ ବିଜୟୀ ହେବେ ବୋଲି ନେତାମାନେ ଦୃଢୋକ୍ତି କରିଥିଲେ। ସ୍ନେହାଙ୍ଗିନୀ ଛୁରିଆ ତାଙ୍କ ବକ୍ତବ୍ୟରେ ନୂଆପଡାବାସୀଙ୍କ ଆଶା ଆକାଂକ୍ଷା ପୂରଣ କରିବା ପାଇଁ ମୁଁ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସଂପାଦକ କାର୍ତ୍ତିକ ଦୀପ, ନୂଆପଡା ଏନ୍‌ଏସି ଅଧ୍ୟକ୍ଷ ମହମ୍ମଦ ଆଦମ, ଟିଙ୍କୁ ପଣ୍ଡା, ଜିଲ୍ଲାପରିଷଦ ସଭ୍ୟ ଚିତ୍ତ ରଞ୍ଜନ ବେହେରା, ଅକ୍ଷୟ ନନ୍ଦ ପ୍ରମୁଖ ସାମିଲ ଥିଲେ।

### ଭିଜିବ ଦୀପାବଳି !...

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, ମାଲକାନଗିରି, ରାୟଗଡା ଓ କୋରାପୁଟ ଜିଲ୍ଲାରେ ୩୦ରୁ ୪୦ କିମି ବେଗରେ ପବନ ସହ ବର୍ଷା ହୋଇପାରେ। ସେଥିପାଇଁ ଅପରପକ୍ଷେ ଦୀପାବଳିରେ ବର୍ଷାକୁ ନେଇ ବରିଷ୍ଠ ପାଣିପାଗ ବିଜ୍ଞାନୀ ଡ. ସୁରେନ୍ଦ୍ର ନାଥ ପଶୁପାଳକ ଆକଳନ କରି କହିଛନ୍ତି ଯେ ୨୦ ଓ ୨୧ ତାରିଖରେ ରାଜ୍ୟରେ ପାଗ ଶୁଖିଲା ରହିବ। ୨୨ ଓ ୨୩ ତାରିଖରେ ରାଜ୍ୟରେ ବିକ୍ଷିପ୍ତ ବର୍ଷା ହେବାକୁ ଥିବାବେଳେ ୨୪ରୁ ୨୬ ତାରିଖ ମଧ୍ୟରେ ରାଜ୍ୟରେ ଭାରୀ ବର୍ଷାର ସମ୍ଭାବନା ରହିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ୨୦ ତାରିଖରେ ଦକ୍ଷିଣ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟିହୋଇ ୨୧ ବା ୨୨ ତାରିଖ ସୁଦ୍ଧା ଅବପାତ ଏବଂ ୨୪ ତାରିଖ ସକାଳ ସୁଦ୍ଧା ତାମିଲନାଡୁ ବା ସଂଲଗ୍ନ ଦକ୍ଷିଣ ଆନ୍ଧ୍ର ଉପକୂଳ ଛୁଇଁବ। ସେତେବେଳକୁ ଏହା ଦୁର୍ବଳ ହୋଇ ଯାଇଥିବ, ହୁଏତ ସେହି ଦୁର୍ବଳ ଘୂର୍ଣ୍ଣିବଳୟ ଅବସ୍ଥାରେ ଆନ୍ଧ୍ର/ଓଡ଼ିଶା ଉପକୂଳ ଦୂରରେ ରହିବ। ମାତ୍ର ଓଡ଼ିଶାକୁ ପବନର ଭୟ ନାହିଁ ବୋଲି ଡ. ପଶୁପାଳକ ପୂର୍ବାନୁମାନ କରିଛନ୍ତି। ସେହିପରି କେତେକ ମଡେଲ ବାତ୍ୟାର ସମ୍ଭାବନା ଆକଳନ କରୁଥିବା ବେଳେ ଏମିତି ସମ୍ଭାବନା ନାହିଁ ବୋଲି ସେ କହିଛନ୍ତି।

### ଧାରଣାରେ ପଥର...

ପ୍ରାୟ ୮ ଘଣ୍ଟା ପରେ, ଅପରାହ୍ଣରେ ଏହି ରେଳପଥରେ ରେଳ ଚଳାଚଳ ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି। ଏଥିଯୋଗୁଁ ବିଶାଖାପାଟଣା କିରୋଣ୍ଡୁଲ ପାସେଞ୍ଜର ଟ୍ରେନ୍ ବାତିଲ୍ ହୋଇଥିଲା ଏବଂ କିରୋଣ୍ଡୁଲଠାରୁ ବିଶାଖାପାଟଣା ଯିବାକୁ ଥିବା ପାସେଞ୍ଜର କୋରାପୁଟଠାରୁ ପୁଣି କିରୋଣ୍ଡୁଲ ଫେରି ଯାଇଛି।

ସୂଚନାଥାଉକି, କିରଣ୍ଡୁଲ-କୋତାବାଲସା ରେଳ ଲାଇନ୍ ବହୁ ପୁରୁଣା ବିଜନେସ କରିଡର୍। ୬୦ ଦଶକରେ ନିର୍ମିତ ଏହି ରେଳପଥ ମୁଖ୍ୟତଃ ଛତିଶଗଡ଼ର ବୈଲାଡିଲାଠାରୁ ବିଶାଖାପାଟଣା ଲୁହାପଥର, କୋଇଲା ପରିବହନ ପାଇଁ ନିର୍ମାଣ ହୋଇଥିଲା। ରେଳ ବିଭାଗ ନିମନ୍ତେ ଏହି ରୁଟ୍ ଏକ ବୃହତ୍ ଲାଭଦାୟକ ଲାଇନ୍ ହୋଇଥିବାରୁ ରେଳ ଚଳାଚଳ ବନ୍ଦ ହେଲେ ବଡ଼ଧରଣର କ୍ଷତି ହେବାର ସମ୍ଭାବନା ରହିଛି। ଶନିବାର ଅପରାହ୍ନରେ କୋରାପୁଟ ସହ ଉପକୂଳ ଆନ୍ଧ୍ରରେ ପ୍ରବଳ ବର୍ଷା ହେବା କାରଣରୁ ପାହାଡ଼ରୁ ପଥର ଖସିଥିବା ଆଶଙ୍କା କରାଯାଉଛି।

■ ବାପା ଆଖି ଆଗରେ ଝିଅକୁ ଅସଦାଚରଣ

# ଯୁବକଙ୍କୁ ହତ୍ୟା କରି ଅଭିଯୁକ୍ତର ଆତ୍ମସମର୍ପଣ

ପରଜଙ୍ଗ, ୧୯ ।୧୦(ସମିସ): ଆଖି ଆଗରେ ଝିଅକୁ ଅସଦାଚରଣ କୋଉ ବାପ ବା ସହିବ। ମୁଣ୍ଡକୁ ପିତ୍ତ ଚଢ଼ିଗଲା; ବାଡ଼ିରେ ପିଟିପିଟି ଦରମରା କରିବା ସହ ପଥର ଛେଚି ମାରିଦେଲା। ପରେ ଫାଣ୍ଡିକୁ ଯାଇ ପୁଲିସ ନିକଟରେ ନିଜକୁ ସମର୍ପଣ କରିଦେଲା। ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅଞ୍ଚଳରେ ଆଜି ଏପରି ଏକ ଘଟଣା ଘଟିଛି। ମୃତକ ହେଲେ, ଦଦରାଘାଟି ଫାଣ୍ଡି ଆଖୁଆପାଳ ପଞ୍ଚାୟତ ୧ନଂ କଲୋନୀର କରୁଣାକର ବେହେରା। ପୁଲିସ କରୁଣାକରର ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ରୁପାକୁ ଅଧିକ ପଚରାଉଚରା କରୁଛି। ସୂଚନାନୁଯାୟୀ, କରୁଣାକର ଜେସିବି ମେସିନ ସହାୟକ ଭାବେ କାମ କରନ୍ତି। ଗତ ୩ ଦିନ ଧରି ସ୍ଥାନୀୟ ଅଞ୍ଚଳର ଏକ ଗାଁରେ ରହି କାମ କରୁଥିଲେ। ଶନିବାର ରାତିରେ କରୁଣାକର ରୁପା ପିଙ୍ଗୁଆଙ୍କ ଝିଅକୁ ଅସଦାଚରଣ କରୁଥିବା ବେଳେ ରୁପା ଏହା ଦେଖି ଉତ୍‌କ୍ଷିପ୍ତ ହୋଇପଡ଼ିଥିଲେ। ପଥର ଓ ବାଡ଼ିରେ କରୁଣାକରଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ କରୁଣାକରଙ୍କ ମୃତ୍ୟୁ ହୋଇଯାଇଥିଲା। ପରେ ମୃତଦେହ ଗାଁ ନିକଟ ଗମ୍ଭାରିଆ ନାଳ ନିକଟରେ ଫିଙ୍ଗିଦେଇ ରୁପା ଦଦରାଘାଟି ଫାଣ୍ଡିରେ ଆତ୍ମସମର୍ପଣ କରିଥିଲେ।

ତେବେ କରୁଣାକରଙ୍କ ବାପା କାଶୀନାଥ ଓ ଅନ୍ୟ ସମ୍ପର୍କୀୟମାନେ ଏହା ଏକ ସଂଘବଦ୍ଧ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ସମସ୍ତ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି। କାମାକ୍ଷାନଗର ଏସ୍‌ଡିପିଓ ରଜନୀକାନ୍ତ ସାମଲ, ଥାନା ଅଧିକାରୀ ଧୀରେନ କୁମାର ବେହେରା, ଫାଣ୍ଡି ଅଧିକାରୀ ବିକାଶ ଚନ୍ଦ୍ର ସାହୁ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଅଭିଯୁକ୍ତ ରୁପାଙ୍କୁ ପଚରାଉଚରା କରାଯାଉଛି।

# ୪୪ କେଜି ଅଫିମ ଚୋପା ଜବତ, ଜଣେ ଗିରଫ



ବୈଶିଙ୍ଗା,୧୯।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ଗରଗଡ଼ିଆ ଗ୍ରାମରେ ପୁଲିସ ଚଢ଼ଉ କରି ବେଆଇନ ନିଶା କାରବାରରେ ଜଡ଼ିତ ଥିବା ଜଣେ ବ୍ୟକ୍ତିକୁ ଗିରଫ କରିଛି। ଗିରଫ ବ୍ୟକ୍ତି ଜଣଙ୍କ ହେଲେ କମଳାକାନ୍ତ ନାୟକ। ସୂତ୍ରରୁ ଖବର ପାଇ ମଧ୍ୟାହ୍ନରେ ବୈଶିଙ୍ଗା ଥାନା ଅଧିକାରୀ ବାରିଣୀ ଦାସ ଓ ମାଜିଷ୍ଟ୍ରେଟ ଭାବେ ବଡ଼ସାହିର ଅତିରିକ୍ତ ତହସିଲଦାର ବିନିତା କିସ୍କୁଙ୍କ ଉପସ୍ଥିତିରେ ପୁଲିସ ଫୋର୍ସ ସହିତ ୧୮ ନଂ ଜାତୀୟ ରାଜପଥ ପାଶ୍ୱର୍ ଗଡ଼ଗଡ଼ିଆ ଛକ ନିକଟସ୍ଥ କମଳାକାନ୍ତର ଘରେ ଚଢ଼ଉ କରି ୩ଟି ବ୍ୟାଗ ଭର୍ତ୍ତି ଅଫିମ ଚୋପା ଜବତ କରିଥିଲେ। ତେବେ ଗଚ୍ଛିତ ଅଫିମ ଚୋପାର ଓଜନ ପାଖାପାଖି ୪୪କିଲୋ ହୋଇଥିଲା। ସୂଚନା ଯୋଗ୍ୟ ଯେ ଏହି ଅଫିମ ଚୋପାକୁ ଗୁଣ୍ଡ କରି ଟ୍ରକ ଡ୍ରାଇଭରମାନଙ୍କୁ ବିକ୍ରୟ କରନ୍ତି କମଳାକାନ୍ତ। ଏହି ବେଆଇନ ବେପାରରେ ଦୀର୍ଘଦିନ ଧରି ଜଡ଼ିତ ଥିବାବେଳେ ପୁଲିସ ହାତରେ ଧରାପଡୁନଥିଲା। ସେ ଝାଡ଼ଖଣ୍ଡ ରାଜ୍ୟରୁ ବସ ମାଧ୍ୟମରେ ଏହି ଅଫିମ ଚୋପା ଆଣି ତାକୁ ଗୁଣ୍ଡକରି ଜାତୀୟ ରାଜପଥରେ ୨୪ଘଣ୍ଟା ଧରି ଚାଲୁଥିବା ଟ୍ରକ, ଟ୍ରଲର ଓ ଡମ୍ଫର ଚାଳକମାନଙ୍କୁ ଚଢାଦରରେ ବିକୁଥିଲା। ପୁଲିସ ୫୨୮ ନଂରେ ମାମଲା ରୁଜୁ କରି ଅଭିଯୁକ୍ତ କମଳାକାନ୍ତକୁ ଆସନ୍ତାକାଲି କୋର୍ଟଚାଲାଣ କରାଯିବା ନେଇ ଥାନା ଅଧିକାରୀ ଶ୍ରୀ ଦାସ ସୂଚନା ଦେଇଛନ୍ତି।


PUJA OFFER SALE

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

9437015112


**Notice (For Minor)**

By virtue of an affidavit sworn before (Executive Magistrate/Notary Public), Bhubaneswar, Vol-II, SL No. 1900/18.10.2025, I, Mr. Nirmal Sahoo, At- Sobala, PO.- Gogua, PS.- Pattamundai, Dist. Kendrapara, Odisha declare that I have changed the name of my son from old name Suvranshu Shekhar Sahoo to new name Subhransu Sekhar Sahoo. Henceforth he shall be known as new name **Subhransu Sekhar Sahoo** for all purpose.

Nirmal Sahoo

# ଝରିଆଗୁଡାରେ ଧନ୍ୱନ୍ତରୀ ପୂଜା

**କୋକସରା, ୧୮ ।୧୦(ସମିସ):** କୋକସରା ବ୍ଲକ ଝରିଆଗୁଡାରେ ରବିବାର ଭଗବାନ ଧନ୍ୱନ୍ତରୀ ପୂଜା ଅନୁଷ୍ଠିତ ହୋଇଛି। ପୂଜକ ବନମାଳୀ ଶବର ପୂଜାର୍ଚ୍ଚନା କରିଥିଲେ। ପୂଜାର ଅତିଥି ଭାବେ ରାଜକିଶୋର ସାହୁ ଉପସ୍ଥିତ ଥିଲେ। ଏହିକ୍ରମରେ ବୈଦ୍ୟ ଅରବିନ୍ଦ ପଟ୍ଟନାୟକ ଓ ବୈଦ୍ୟ ଲଳିତ ମୋହନ ଶବର ଚେରିମୁଳି ଔଷଧ ସମ୍ବନ୍ଧେ ଆଲୋଚନା କରିଥିଲେ।ପୂଜାରେ ବୈଦ୍ୟ ବିଷମ୍ବର ମହାନନ୍ଦ, କୃପାସିନ୍ଧୁ ଶବର, ମୁକୁନ୍ଦ ରାଉତ, ଭୁଜବଳ ନାଏକ, ଦମ୍ବରୁଦ୍ଧର ନାଏକ, ମନପଥ ନାଏକ, ହିମାଦ୍ରୀ ବାଗ, ଲଳିତ ଚାଲାନ, ବଲସିଂ ଶବର, ଦେବେନ୍ଦ୍ର ଘି ପ୍ରମୁଖ ଉପସ୍ଥିତ ଥିଲେ।



## ଡିଜିଟାଲ ଦୀପର ଚାହିଦା

# ବେଉସା ହରାଇବା ଚିନ୍ତାରେ ମାଟି ଦୀପ କାରିଗର

**କେସିଙ୍ଗା, ୧୯ ।୧୦(ସମିସ)**

ଆଲୋକର ପର୍ବ ଦୀପାବଳି ପାଇଁ ଚଳଚଞ୍ଚଳ ହୋଇ ଉଠିଛି ଗାଆଁ ଠାରୁ ସହର। ପରମ୍ପରା ଅନୁଯାୟୀ ଦୀପାବଳୀରେ ସମସ୍ତ ସନାତନୀ ଘର ସମ୍ମୁଖରେ ଧନତେରସ ଦିନ ଠାରୁ ଦୁଇ ତିନି ଦିନ ପର୍ଯ୍ୟନ୍ତ ଘର ସମ୍ମୁଖରେ ସନ୍ଧ୍ୟା ସମୟରୁ ଦୀପ ଜଳିବାର ପରମ୍ପରା ରହିଛି। ଦିନ ଥିଲା ଦୀପାବଳୀର ୧୫ ଦିନ ଆଗରୁ କୁମ୍ଭାରମାନେ ଛୋଟବଡ଼ ମାଟିର ଦୀପ ତିଆରି କରି ସାହି ସାହି ଘର ଘର ବୁଲି ଦୀପ ବିକ୍ରି କରୁଥିଲେ। କିନ୍ତୁ ବର୍ତ୍ତମାନ ଆଉ ଦେଖାଯାଉ ନାହାନ୍ତି। କାଁଭାଁ ଗୋଟେ ଦିଇଟା ପୂର୍ବରୁ କୁମ୍ଭାର ସହରକୁ ଆସି ନିଜ ହାତ ତିଆରି ଦୀପ ବହୁତ କଷ୍ଟରେ ଶସ୍ତାରେ ବିକ୍ରି କରୁଥିବା ଦେଖିବାକୁ ମିଳୁଛି। ଲୋକେ ଆସ୍ତେ ଆସ୍ତେ ମାଟି ଦୀପରୁ ମୁହଁ ମୋଡୁଛନ୍ତି କାରଣ ବର୍ତ୍ତମାନ ବଜାରରେ ଡିଜିଟାଲ ଦୀପ ପ୍ରଚଳିତ ହେଉଛି। କୋଉ ଡିଜିଟାଲ ଦୀପ ବିଜୁଳିରେ ଜଳୁଛି ତ ଆଉ କୋଉଁ ଦୀପ ପାଣି ରେ ଜଳୁଥିବାର ଦେଖିବାକୁ ମିଳୁଛି। ସେଥିପାଇଁ ଦିନକୁ ଦିନ ମାଟିରେ ତିଆରି ଜିନିଷର ଆଦର କମିବାରେ ଲାଗିଛି। ବର୍ତ୍ତମାନ କୁମ୍ଭାର ବୃତ୍ତି କରି ଚଳୁଥିବା କୁମ୍ଭାର ମାନେ ଚିନ୍ତାରେ ପଡ଼ିଯାଇଛନ୍ତି ଯେ ଆଗକୁ କେମିତି ତାଙ୍କର ପରିବାର ପୋଷଣ କରି ଚଳିବେ।



## କ୍ଷୀରବତୀ ହତ୍ୟା ମାମଲା

# ରାସ୍ତା ଅବରୋଧ ଅନିର୍ଦ୍ଦିଷ୍ଟ କାଳ ପାଇଁ ପ୍ରତ୍ୟାହୃତ

**କେସିଙ୍ଗା, ୧୯ ।୧୦(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନା ଭଅଁରମାଲ ଗ୍ରାମର ବହୁଚର୍ଚ୍ଚିତ କ୍ଷୀରବତୀ ହତ୍ୟା ମାମଲାରେ ଅନ୍ୟ ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ ଦାବିରେ ମଦନପୁର ରାମପୁର ଥାନା ଯୋରାଡବରା ଛକରେ ୧୯ ତାରିଖ ରବିବାର ଦିନ ଠାରୁ ହେବାକୁ ଥିବା ରାସ୍ତାରୋକ ଅନିର୍ଦ୍ଦିଷ୍ଟ କାଳପାଇଁ ପ୍ରତ୍ୟାହୃତ ହୋଇଛି।ସାହୁ ସମାଜର ରାସ୍ତାରୋକର ଚେତାବନୀ ପରେ ୧୮ ତାରିଖ ଦିନ କର୍ଲାମୁଣ୍ଡା ତହସିଲଦାର ଅରୁଣ କୁମାର ବର୍ଗେ, କେସିଙ୍ଗା ଏସଡିପି ଓ ସନ୍ଦୀପ କୁମାର ମାଝୀ ଓ କେସିଙ୍ଗା ଆଦର୍ଶ ଥାନା ଅଧିକାରୀ ଜୀତେନ୍ଦ୍ର ବିଶ୍ୱାଳ ସ୍ୱର୍ଗତ କ୍ଷୀରବତୀଙ୍କ ବାପା ଘର ସାପଲହରା ବାଞ୍ଜିପଦର ଗ୍ରାମକୁ ଯାଇ ସମାଜର କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରି ରାସ୍ତାରୋକ ପ୍ରତ୍ୟାହାର କରିବା ପାଇଁ ଅନୁରୋଧ କରିଥିଲେ। ଫେରାର ଅଭିଯୁକ୍ତମାନଙ୍କୁ ବହୁତ ଶୀଘ୍ର ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପରେ ସମାଜର ଶୀର୍ଷ ନେତୃବୃନ୍ଦ ଅଧିକାରୀଙ୍କ ପ୍ରତିଶ୍ରୁତିରେ ସହମତି ପ୍ରକାଶ କରି ଅନିର୍ଦ୍ଦିଷ୍ଟ କାଳପାଇଁ ରାସ୍ତା ରୋକ ପ୍ରତ୍ୟାହୃତ କରିଥିବା ସୂଚନା ମିଳିଛି।

# ଛୁରାମାଡ଼ରେ ଦମ୍ପତି ଗୁରୁତର





**ଡୁଙ୍ଗୁରିପାଲି, ୧୯ ।୧୦(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ଚିଙ୍ଗରେକଟା ଗ୍ରାମରେ ଏକ ଦମ୍ପତିଙ୍କୁ ଛୁରାମାଡ଼ ହୋଇଛି। ଜଣେ ବ୍ୟକ୍ତି ତାଙ୍କ ପୁତୁରା ଓ ପୁତୁରାବୋହୂଙ୍କୁ ଛୁରାମାଡ଼ କରିଛନ୍ତି। ଏହି ଦମ୍ପତି ଗୁରୁତର ହୋଇଛନ୍ତି। ଛୁରାମାଡ଼ର ଶିକାର ହୋଇଥିବା ଦମ୍ପତି ହେଲେ କିଶୋର ଖଣ୍ଡା (୩୨) ଓ ତାଙ୍କ ପତ୍ନୀ ଭାମା (୩୦)। କାକା ସୁନାଧର ଖଣ୍ଡାଙ୍କ ସହ ତାଙ୍କର ଜମିବାଡ଼ିକୁ କେନ୍ଦ୍ର କରି ବିବାଦ ଲାଗି ରହିଛି। ବିବାଦୀୟ ଜମିରେ କିଶୋର ଚାଷ କରିଛି। ଏହି ଜମି ଫେରାଇବା ପାଇଁ ଅଭିଯୁକ୍ତ କାକା ତାଙ୍କୁ ଅତର୍କିତ ଛୁରାମଡ଼ କରିଥିବା କିଶୋର କହିଛନ୍ତି। ଛୁରାମାଡ଼ ଯୋଗୁଁ କିଶୋରଙ୍କ ପେଟ, ହାତ, ମୁଣ୍ଡ ଏବଂ ଗୋଡ ରେ ଗଭୀର ଆଘାତ ଲାଗିଛି। ତାଙ୍କ ସ୍ତ୍ରୀ ଭାମାଙ୍କ ଅଣ୍ଟା ଓ ମୁଣ୍ଡରେ ମଧ୍ୟ ଗଭୀର ଆଘାତ ଲାଗିଛି। ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରି ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଉଭୟଙ୍କ ଅବସ୍ଥା ଅତି ଗୁରୁତର ହେବାରୁ ପରେ ବୁର୍ଲା ଭିମସାରକୁ ସ୍ଥାନାନ୍ତର କରାଯାଇଛି। ତେବେ ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ ବୋଲି ଆଇଆଇସି ରୋଜାଲିନ ପଟେଲ କହିଛନ୍ତି।

# ଶ୍ୟାମାକାଳୀ ଜନ୍ମ ମହୋତ୍ସବ ପାଇଁ କଳସ ଶୋଭାଯାତ୍ରା



**ଭବାନୀପାଟଣା, ୧୯ ।୧୦(ସମିସ):** ଦୀପାବଳୀ ଅବସରରେ ଭବାନୀପାଟଣାସ୍ଥିତ ଦକ୍ଷିଣକାଳୀ ଠାକୁରାଣୀ ମନ୍ଦିରରେ ଶ୍ୟାମାକାଳୀ ଜନ୍ମ ମହୋତ୍ସବ ଉପଲକ୍ଷେ ଚଣ୍ଡୀ ମହାଯଜ୍ଞ ପାଇଁ ରବିବାର ଭବ୍ୟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଧ୍ୟାହ୍ନ ୧୨ ଟାରେ ମନ୍ଦିରର ପୂଜକ କ୍ଷେତ୍ରମୋହନ ଯୋଶୀ ମାଆଙ୍କ ଖଡ୍ଗକୁ ପୂଜାର୍ଚ୍ଚନା କରି ଗର୍ଭ ଗୃହରୁ ବାହାର କରି ଶୋଭାଯାତ୍ରାରେ ସହର ପରିକ୍ରମା କରି ପୁରୁଷୋତ୍ତମ ସାଗରକୁ ଯାଇଥିଲେ। କଳସ ଶୋଭାଯାତ୍ରାରେ ପାଞ୍ଚ ଶହରୁ ଊର୍ଦ୍ଧ୍ୱ ମହିଳା ଅଂଶ ଗ୍ରହଣ କରିଥିଲେ। ଯଜ୍ଞର ଆଚାର୍ଯ୍ୟ ନାରାୟଣ ମିଶ୍ର ଓ ନିରଞ୍ଜନ ଦାଶ, ପୁରୁଷୋତ୍ତମ ସାଗରରେ ଜଳାଧିବାସ କରି ଜଳରୂପି ଭଗବତୀଙ୍କୁ ଆବାହନ କରି କଳସ ପୂଜାର୍ଚ୍ଚନା କରିବା ପରେ ମହିଳାମାନେ କଳସ ଶୋଭଯାତ୍ରାରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ।ମନ୍ଦିରର ଯଜ୍ଞ ମଣ୍ଡପରେ ଆଚାର୍ଯ୍ୟଙ୍କ ଦ୍ୱାରା କଳସ ସ୍ଥାପନ କରା ଯାଇଥିଲା। କାଳୀ ମନ୍ଦିର ପଡ଼ାବାସୀଙ୍କ ପକ୍ଷରୁ ଦୁଇ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ସୋମବାର ସକାଳ ଆଠଟାରେ ଚଣ୍ଡୀ ମହାଯଜ୍ଞର ଶୁଭାରମ୍ଭ ହେବ ଓ ଶ୍ୟାମାକାଳୀ ଜନ୍ମ ମହୋତ୍ସବ ପାଳିତ ହେବ।ମଙ୍ଗଳବାର ଅପରାହ୍ନ ଗୋଟାଏରେ ଯଜ୍ଞର ପୂର୍ଣ୍ଣାହୂତି ହେବ ବୋଲି ମନ୍ଦିର କମିଟି ସଭାପତି ସତ୍ୟ ନାରାୟଣ ମହାପାତ୍ର ପ୍ରକାଶ କରିଛନ୍ତି।

## ଜୁନାଗଡ଼ରେ ବିଦ୍ୟୁତ୍ ଡିଭିଜନ କାର୍ଯ୍ୟାଳୟ ସ୍ଥାପନ ଦାବି

# ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହେଲେ ସାମାଜସେବୀ

**ଜୁନାଗଡ଼, ୧୯ ।୧୦(ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ରେ କଳାହାଣ୍ଡି ଜିଲ୍ଲାର ଟିପିଡବ୍ଲ୍ୟୁଓଡିଏଲ ପଶ୍ଚିମ ଡିଭିଜନ୍ କାର୍ଯ୍ୟାଳୟ କରିବା ପାଇଁ ଜୁନାଗଡ଼ବାସୀ ବହୁ ଦିନରୁ ଦାବି କରିଆସୁଛନ୍ତି। କାର୍ଯ୍ୟାଳୟ ଜୁନାଗଡ଼ରେ ନ ହୋଇ ଧର୍ମଗଡ଼ରେ ସ୍ଥାପନ ନେଇ କିଛି ଦିନ ତଳେ ବିଜ୍ଞପ୍ତି ପ୍ରକାଶ ପାଇବାରୁ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଜୁନାଗଡ଼ କ୍ରିୟାନୁଷ୍ଠାନ କମିଟି ଲିଖିତ ଭାବେ ବିଭିନ୍ନ ସମୟରେ ଟିପିଡବ୍ଲ୍ୟୁଓଡିଏଲ ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଅଧିକାରୀଙ୍କୁ ଜଣାଇଛନ୍ତି। କିନ୍ତୁ କାର୍ଯ୍ୟାଳୟ ଜୁନାଗଡ଼ରେ ନହୋଇ ଧର୍ମଗଡ଼ରେ ହେବା ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଜୁନାଗଡ଼ର ଯୁବ ନେତା ତଥା ସାମାଜସେବୀ ପ୍ରଭାତ ଦାଶ ଏନେଇ ଉଚ୍ଚନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଉଚ୍ଚ ନ୍ୟାୟାଳୟରେ ଏନେଇ ଏକ ମାମାଲା ରୁଜୁ ହୋଇଛି। ଭୌଗଳିକ ଦୃଷ୍ଟି କୋଣରୁ ମଧ୍ୟ ଜୁନାଗଡ଼ କାର୍ଯ୍ୟାଳୟ ପ୍ରତିଷ୍ଠା ହେଲେ ସମସ୍ତ ବ୍ଲକ ପାଇଁ ଉପଯୁକ୍ତ ସ୍ଥାନ ହୋଇପାରିବ। କାର୍ଯ୍ୟାଳୟ ଜୁନାଗଡ଼ରେ ସ୍ଥାପନ ପାଇଁ ଅଞ୍ଚଳବାସୀ ମଧ୍ୟ ଦାବି କରିଛନ୍ତି। ରାଜ୍ୟସରକାର ଏହି କାର୍ଯ୍ୟାଳୟ ଜୁନାଗଡ଼ ଠାରେ ପ୍ରତିଷ୍ଠା କରିବା ସମସ୍ତ ପ୍ରକାର୍ ଆନୁସାଙ୍ଗୀକ ବ୍ୟବସ୍ଥା କରିବା ପାଇଁ ଜନସାଧାରଣ ଦାବି କରିଛନ୍ତି। ଯଦି କାର୍ଯ୍ୟାଳୟ ଜୁନାଗଡ଼ରେ ନହୁଏ ଆଗାମୀ ଦିନରେ ରାଜରାସ୍ତା ଅବରୋଧ କରିବା ପାଇଁ ଅଞ୍ଚଳ ବାସୀ ଚେତାବନୀ ଦେଇଛନ୍ତି।

# ମହାଶକ୍ତି ଫାଉଣ୍ଡେସନର ଜନ୍ମ ବାର୍ଷିକୀ ଉତ୍ସବ

**ମ.ରାମପୁର, ୧୯ ।୧୦(ସମିସ):** କଳାହାଣ୍ଡିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ମହାଶକ୍ତି ଫାଉଣ୍ଡେସନର ଜନ୍ମ ବାର୍ଷିକୀ ଅନୁଷ୍ଠାନର ଅଫିସ୍ ପରିସରରେ ମ.ରାମପୁର ବ୍ଲକର ସମସ୍ତ ଷ୍ଟାଫ୍ ଓ ସହଯୋଗୀଙ୍କୁ ନେଇ ପାଳିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ତଥା ବୋର୍ଡ ମେମ୍ବର ପ୍ରକାଶ ଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଏବଂ ଯୁଗ୍ମ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ରଙ୍କ ଉପସ୍ଥିତିରେ ୨୧ଟି ଦୀପ ପ୍ରଜ୍ୱଳନ କରାଯାଇଥିଲା। କର୍ମୀମାନଙ୍କ ନିଷ୍ଠା ଓ ଆନ୍ତରିକତା ହିଁ ଅନୁଷ୍ଠାନର ସ୍ଥାୟୀତ୍ୱ ଏବଂ ଅଗ୍ରଗତି ଆଣିପାରିବ ବୋଲି ଶ୍ରୀ ସାହୁ ଓ ଶ୍ରୀ ମହାପାତ୍ରି ପ୍ରକାଶ କରିଥିଲେ। ସମନ୍ୱିତ ଗ୍ରାମ୍ୟ ବିକାଶ ପ୍ରକଳ୍ପର ବ୍ଲକ ସଂଯୋଜକ ସୁଶ୍ରୀ ଭଗ୍ୟଶ୍ରୀ ରାଉତ ସମସ୍ତଙ୍କୁ ଧନ୍ୟବାଦ ଦେବାସହିତ ନୁନପୂର ପଞ୍ଚାୟତର ୪ଟି ଆଦିବାସୀ ବହୁଳ ଗ୍ରାମରେ ଦାନଉତ୍ସବ କରାଯାଇଥିଲା। ଦାନ ଉତ୍ସବ ପାଇଁ ରାମପୁର ର ଫେଶନ ହାଉସ ମାଲିକ ବିଷ୍ଣୁ କୁମାର ଜୈନ ଓ ଦିନେଶ କୁମାର ଜୈନ ୬ ମାସ ରୁ ୧୪ବର୍ଷର ଝିଅ ପିଲାଙ୍କ ଡ୍ରେସ୍ ପ୍ରଦାନ କରିଥିଲେ। ମହାଶକ୍ତି ଏବଂ ସମନ୍ୱିତ ଗ୍ରାମ୍ୟ ବିକାଶ ପ୍ରକଳ୍ପ ଷ୍ଟାଫ୍ ମାନଙ୍କ ଆର୍ଥିକ ସହାୟତାରୁ ଅସହାୟ ବୃଦ୍ଧାବୃଦ୍ଧଙ୍କ ପାଇଁ ଶୀତବସ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଅନୁଷ୍ଠାନର ପ୍ରକାଶ ଚନ୍ଦ୍ର ସାହୁ ଓ ସୁଶ୍ରୀ ଭାଗ୍ୟଶ୍ରୀ ରାଉତଙ୍କ ନେତୃତ୍ୱରେ ମ. ରାମପୁର ବ୍ଲକର ନୁନପୁର ପଞ୍ଚାୟତର ଗାଞ୍ଜିପଦର, ମଣ୍ଡାବହାଲି, ଅରନ୍ଝରନ ଓ ବକ୍ବେଡାରେ ଦାନ ଉତ୍ସବ କରାଯାଇଥିଲା। ସମୀର ପୁଝାରୀ, ସୁଶାନ୍ତ ଦଣ୍ଡସେନା ସହଯୋଗ କରିଥିଲେ। ବ୍ଲକ ସଂଯୋଜିକା ଭାଗ୍ୟଶ୍ରୀ ରାଉତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।




# ନକଲି କେଉଟ, ଧୀବର, କୈବର୍ତ୍ତ ହଟାଇବାକୁ ଦାବି

**ଡୁଙ୍ଗୁରିପାଲି, ୧୯ ।୧୦ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲିରେ ଅଲ୍ ଓଡ଼ିଶା ଅନୁସୂଚିତ ଜାତି ସଂଗଠନ ପକ୍ଷରୁ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ସଂଗଠନର ସଭାପତି ଅଲେଖ ଚନ୍ଦ୍ର ମଲ୍ଲିକ ଅଧକ୍ଷତା କରିଥିଲେ। ଓଡ଼ିଶାର ନକଲି ଦେୱାର ତଥା କେଉଟ, ଧୀବର, କୈବର୍ତ୍ତ (କେଡିକେ ) ହଟାଇବା ସକାଶେ ଏହି ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସୁବର୍ଣ୍ଣପୁର ଜିଲ୍ଲାର ଯୁବ ଆଇନଜୀବୀ ତଥା ସଂଗଠନର କାର୍ଯ୍ୟକାରୀ ସଭାପତି ଲକ୍ଷ୍ମଣ ଭରାସାଗର ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଲକ୍ଷେ ଘର ଗଣ୍ଡା ସମାଜ ଜିଲ୍ଲା ସଭାପତି ମାଧବ କୁମ୍ଭାର ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ପୂର୍ବତନ ବିଧାୟକ ତାପସ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ନକଲି ଦେୱାର ତଥା କେଉଟ, ଧୀବର, କୈବର୍ତ୍ତ (କେଡିକେ)ମାନଙ୍କୁ ଅନୁସୂଚିତ ଜାତି ତାଲିକାରୁ ହଟାଇବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ବୌଦ୍ଧ ଜିଲ୍ଲାର ସଙ୍ଗଠନର ସାଧାରଣ ସମ୍ପାଦକ ସୁଧାଂଶୁ ଡାଙ୍ଗ ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଶାର ନକଲି ଦେୱାରମାନଙ୍କ ଅନୁସୂଚିତ ଜାତି ତାଲିକାରେ ଅସାମ୍ବିଧାନିକ ତଥା ଅଗଣତାନ୍ତ୍ରିକ ଭାବେ ସାମିଲ ସହିତ ଅନୁପ୍ରବେଶ କରି ହଡ଼ପ କରୁଥିବା ସାମ୍ବିଧାନିକ ଅଧିକାର ଉପରେ ଗୁରୁତ୍ୱାରୋପ କରିଥିଲେ। ବରଗଡ଼ ଜିଲ୍ଲାର ଆଇନଜୀବୀ ମିଖାଇଲ ସୁନା ସମ୍ମାନୀତ ବକ୍ତା ଭାବେ ଯୋଗଦେଇ ନ୍ୟାୟିକ ବ୍ୟବସ୍ଥା ସହ ରାଜରାସ୍ତାରେ ଗଣତାନ୍ତ୍ରିକ ପଦ୍ଧତିରେ ଆରକ୍ଷଣର ସୁରକ୍ଷା ଉପରେ ଲଢେଇ ପାଇଁ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ବଲାଙ୍ଗୀର ଜିଲ୍ଲାର ଉପ ସଭାପତି ଅର୍ଜୁନ ମୁଗ୍ରୀ, ବୌଦ୍ଧ ଜିଲ୍ଲାର ନଟବର ପ୍ରଧାନ, ବରଗଡ଼ ଜିଲ୍ଲାର ଜୀବର୍ଦ୍ଧନ ହାତୀ, ବୌଦ୍ଧ ଜିଲ୍ଲାର ଯୁବ ଆଇନଜୀବୀ ଜୟରାମ ହରିପାଲ, ସଂଗଠନର ଯୁଗ୍ମ ସମ୍ପାଦକ ମୋହନ ମହାନନ୍ଦ, ସୁବର୍ଣ୍ଣପୁର ଜିଲ୍ଲାର ଯୁବ ଆଇନଜୀବୀ କୁଶୁଲେଶ୍ୱର ସୁନା, ବଲାଙ୍ଗିର ଜିଲ୍ଲାର ବାଳି ଚରଣ ବାରିକ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସଂଗଠନକୁ ସୁଦୃଢ କରିବା ସହିତ କେଡିକେମାନଙ୍କୁ ଅନୁସୂଚିତ ଜାତି (ଏସସି) ତାଲିକାରୁ ସମ୍ପୂର୍ଣ୍ଣ ହଟାଇବା ପାଇଁ ଜୋରଦାର ଲଢେଇ କରିବାକୁ ମତବ୍ୟକ୍ତ କରିଥିଲେ। ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ସମ୍ବଲପୁର ଜିଲ୍ଲାର ସତ୍ୟ ନାରାୟଣ ସେନାପତି, ବଲାଙ୍ଗିର ଜିଲ୍ଲାର ତାରାକାନ୍ତ ଜାଲ, ବରଗଡ଼ ଜିଲ୍ଲାର ବିମଳ ସିକା, ବୈକୁଣ୍ଠନାଥ ବାରିକ ଯୋଗଦେଇ ବାବାସାହେବଙ୍କ ସାମ୍ବିଧାନିକ ଅଧିକାର ଏବଂ କେଡିକେମାନଙ୍କ ଏସସି ତାଲିକାରେ ଅନାଧିକାର ପ୍ରବେଶ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ଜିଲ୍ଲାର ତ୍ରିନାଥ କାଳସା, ଅମର ନାଗ, ବୈଷ୍ଣବ ଚରଣ ତରାଇ, ଆଲୋକ ମଲ୍ଲିକ, ନାରାୟଣ ହରିପାଲ, ଅନିରୁଦ୍ଧ ଦୀପ, ଦିଲେଶ୍ୱର ହାତୀ, ଦୀନବନ୍ଧୁ ହରିପାଲ, ନାରୀନେତ୍ରୀ ରେଣୁକା ଦୀପ, ନାରୀନେତ୍ରୀ ପ୍ରତିମା ମହାନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ରମେଶ ମହାନନ୍ଦିଆ ଧନ୍ୟବାଦ ଦେଇଥିଲେ।




## ହଇରାଣ ହେଲେ ବାଣ ବେପାରୀ

# ସକାଳେ ଦୋକାନ ଖୋଲି ଅପରାହ୍ନରେ ବନ୍ଦ



**କେସିଙ୍ଗା, ୧୯ ।୧୦(ସମିସ):** ବାଣ ବ୍ୟବସାୟୀଙ୍କ ଉପରେ ଗୋଟିଏ ପଟେ ସୁପ୍ରିମକୋର୍ଟଙ୍କ ଛାଟ ଓ ଅନ୍ୟପଟେ ସ୍ଥାନୀୟ ପ୍ରଶାସନର ନାଟ ବାଣ ବ୍ୟବସାୟୀଙ୍କୁ ତେଲିଆ ମୁଣ୍ଡରେ ତେଲ ସଦୃଶ୍ୟ ହୋଇଛି। ଚଳିତ ବର୍ଷ କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରରେ ଦୀପାବଳୀର ଦୁଇ ଦିନ ପୂର୍ବରୁ ବ୍ୟବସାୟୀଙ୍କୁ ଅନୁମତି ପ୍ରଦାନ କରାଯାଇଥିଲେ ମଧ୍ୟ ସେଥିରେ ଅନେକ ନୀତି ନିୟମ ପାଳନ କରିବା ପାଇଁ ପ୍ରଶାସନ ପକ୍ଷରୁ କୁହାଯାଇଛି। ପ୍ରତ୍ୟେକ ବର୍ଷ ବାଣ ବ୍ୟବସାୟୀମାନେ ନିଜ ନିଜ ଦୋକାନ ସମ୍ମୁଖରେ ଦୀପାବଳୀର ୧୦ରୁ୧୫ ଦିନ ଆଗରୁ ବେପାର କରି ଆସୁଥିଲେ। ହେଲେ ଚଳିତ ବର୍ଷ ବୌଦ୍ଧ ଜିଲ୍ଲାରେ ଘଟିଥିବା ବାଣ ବିସ୍ଫୋରଣ ପରେ ରାଜ୍ୟ ସରକାର ଅନେକ ନୀତିନିୟମ ଅଦଳ ବଦଳ କରିଥିବା ଜଣାପଡ଼ିଛି। ତଦଅନୁଯାୟୀ କେସିଙ୍ଗା ବ୍ୟବସାୟୀଙ୍କୁ ସ୍ଥାନୀୟ ବିଦ୍ୟାପୀଠ ଖେଳ ପଡ଼ିଆରେ ବାଣ ଦୋକାନ କରି ବିକ୍ରି ପାଇଁ ସମସ୍ତ ବ୍ୟବସାୟୀଙ୍କୁ କୁହାଯାଇଥିଲା ଅନିଚ୍ଛା ସତ୍ତ୍ୱେ ବ୍ୟବସାୟୀ ଟଙ୍କା ଖର୍ଚ୍ଚ କରି ଗୋଟିଏ ଗୋଟିଏ କାମଚଳା ଟେଣ୍ଟ କରି ରବିବାର ସକାଳୁ ବ୍ୟବସାୟ ଆରମ୍ଭ କରିଥିଲେ। ହେଲେ ଠିକ ଦିନ ୩ ଟା ବେଳେ କୋଉଠି ଥିଲା କେଜାଣି ପ୍ରବଳ ବର୍ଷା ହେବାରୁ ସମସ୍ତ ବ୍ୟବସାୟୀଙ୍କ ବାଣ ବର୍ଷାରେ ଓଦା ହୋଇ ଲକ୍ଷାଧିକ ଟଙ୍କାର ବାଣ ବରବାଦ ହୋଇଥିବା ବ୍ୟବସାୟୀ ମାନେ ଅଭିଯୋଗ କରି ସ୍ଥାନୀୟ ଥାନାରେ ହୋହାଲ୍ଲା କରିଥିଲେ। ପରେ ଥାନା ଅଧିକାରୀ ବାଣ ବ୍ୟବସାୟୀଙ୍କ ଲସକୁ ଦେଖି କିଛି ସର୍ତ୍ତ ସହିତ ଦୋକାନୀଙ୍କୁ ନିଜ ଦୋକାନରେ ବାଣ ବିକ୍ରି ପାଇଁ ଅନୁମତି ପ୍ରଦାନ କରିଥିଲେ। ମଧ୍ୟ ଛୋଟ ଛୋଟ ଦିନିକିଆ ବ୍ୟବସାୟୀଙ୍କୁ ବୋଝ ଉପରେ ନଳିତା ବିଡା ସଦୃଶ୍ୟ ହୋଇଛି।

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

# ନାଚ ଗୀତରେ କମ୍ପିଲା ସ୍କୁଲ ପରିବେଶ

**କର୍ଲାମୁଣ୍ଡା, ୧୯ ।୧୦(ସମିସ)**

କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଆଞ୍ଚଳିକ ସାଧନକେନ୍ଦ୍ର ରିଷିଡା ଆନୁକୂଲ୍ୟରେ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବାଞ୍ଜିପଦରରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ଗୁଡିକରେ କ୍ଲଷ୍ଟର ଅନ୍ତର୍ଗତ ୮ଟି ବିଦ୍ୟାଳୟରୁ ଶତାଧିକ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ।କାର୍ଯ୍ୟକ୍ରମର ଉଦ୍‌ଯାପନୀ ସଭା ବିଦ୍ୟାଳୟର ପ୍ରଧାନଶିକ୍ଷକ ରୁପାଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଜିଲ୍ଲା ପରିଷଦ ସଭ୍ୟ ଜୋନ(କ) କର୍ଲାମୁଣ୍ଡା ମହେନ୍ଦ୍ର ରଣା ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିବା ବେଳେ ରିଷିଡା ସରପଞ୍ଚ ସେବତୀ ରଣା, କନ୍ଧପଡ଼ାପ୍ରାଥମିକ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ଅନ୍ତର୍ଯ୍ୟାମୀ ମଲ୍ଲିକ, ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟତ୍ରୀ ଜୟନ୍ତୀ ପଣ୍ଡା, ଜଗନ୍ନାଥ କୌଶଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ନୀଳାମ୍ବର ପାତ୍ର, ବରିଷ୍ଠ ସାମ୍ବାଦିକ ନରୋତ୍ତମ ସେଲମା, ବରିଷ୍ଠ ସାମ୍ବାଦିକ



ସତ୍ୟନାରାୟଣ କୁମାର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ରିଷିଡା ବିସିକେଶନ ସୁନା ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ରଘୁପତି କଅଁର ପରିଚାଳନା କରିଥିଲେ।ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ବିସିକେଶନ ସୁନାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ସେହିପରି କର୍ଲାମୁଣ୍ଡା ଓ ରେଙ୍ଗାଲି କ୍ଲଷ୍ଟରର ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅନ୍ତର୍ଗତ ଆଞ୍ଚଳିକ ସାଧନକେନ୍ଦ୍ର କର୍ଲାମୁଣ୍ଡା ଆନୁକୂଲ୍ୟରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସୁରୁଜୁଲିରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ଜିଲ୍ଲା ପରିଷଦ ସଭ୍ୟ ଜୋନ ୧ କର୍ଲାମୁଣ୍ଡା ମହେନ୍ଦ୍ର ରଣା ମୁଖ୍ୟଅତିଥି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋପାମନି ସାହୁ ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ କର୍ଲାମୁଣ୍ଡା ପ୍ରସନ୍ନ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ରେଙ୍ଗାଲି ଆଞ୍ଚଳିକ ସାଧନକେନ୍ଦ୍ର ପକ୍ଷରୁ ବୋରପଦର ପଞ୍ଚାୟତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭଟାପଲାରେ ସିଆରସିସି ଉଜ୍ଜ୍ୱଳ କୁମାର ସାହୁଙ୍କ ତତ୍ତ୍ୱାବଧାନରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି।ଉଦ୍‌ଘାଟନୀ ଉତ୍ସବର ମୁଖ୍ୟଅତିଥି ଭାବରେ ବୋରପଦର୍ ସରପଞ୍ଚ ସୁବାଷ ସାହୁ ମୁଖ୍ୟବକ୍ତା ଭାବେ ଭଟାପଲା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରାଣବନ୍ଧୁ ରଣକ୍ଷ, ସରକାରୀ ଉ.ପ୍ରା ବିଦ୍ୟାଳୟ ଭଟାପଲାର ପ୍ରଧାନ ଶିକ୍ଷକ ଜଗମୋହନ ସାହୁ ପ୍ରମୁଖ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବର ମୁଖ୍ୟ ଅତିଥି ଜିଲ୍ଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ ଯୋଗ ଦେଇ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସଂଯୋଗ ସାହୁଙ୍କ ସମେତ ରେଙ୍ଗାଲି କେନ୍ଦ୍ର ଅଧିନସ୍ତ ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ୮ଟି ବିଦ୍ୟାଳୟରୁ ଶତାଧିକ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ।

# ଗ୍ରାମୀଣ ବ୍ୟାଙ୍କ ପ୍ରତିଷ୍ଠାର ୫୦ବର୍ଷ ପୂର୍ତ୍ତି

**ଭବାନୀପାଟଣା, ୧୯ ।୧୦(ସମିସ):** ଗ୍ରାମୀଣ ବ୍ୟାଙ୍କ ପ୍ରତିଷ୍ଠାର ପଚାଶ ବର୍ଷ ପୂର୍ତ୍ତି ଉପଲକ୍ଷେ ଭବାନୀପାଟଣା ସହର ତଥା ଆଖପାଖ ଅଞ୍ଚଳର ଶତାଧିକ ଗ୍ରାମୀଣ ବ୍ୟାଙ୍କର ଅବସରପ୍ରାପ୍ତ ଓ କାର୍ଯ୍ୟରତ କର୍ମଚାରୀ ମା'ମାଣିକେଶ୍ୱରୀ ମନ୍ଦିରୁ ପୂଜାର୍ଚ୍ଚନା କରି ବିଶାଳ ଶୋଭାଯାତ୍ରାରେ ବାହାରି




ଗାନ୍ଧୀଛକ ସ୍ଥିତ ମହାତ୍ମାଗାନ୍ଧୀଙ୍କ ପ୍ରତିମାରେ ପୁଷ୍ପମାଲ୍ୟ ଅର୍ପଣ କରି ମହାବୀର ସାଂସ୍କୃତିକ ଅନୁଷ୍ଠାନରେ ପହଞ୍ଚିଥିଲା। ମହାବୀର ସାଂସ୍କୃତିକ ଅନୁଷ୍ଠାନର ସଭାକକ୍ଷରେ ସୁବର୍ଣ୍ଣ ଜୟନ୍ତୀ ସମନ୍ୱୟ କମିଟି ତରଫରୁ ସଭାର ଆୟୋଜନ କରାଯାଇଥିଲା। ସାଥି ଅବଦୁଲ କାଦିର ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସାଥି ପ୍ରକାଶ ମହାପାତ୍ର ସଭାପତିତ୍ୱ କରି ସଭା ପରିଚାଳନା କରିଥିଲେ। ଉକ୍ତ ସଭାରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଦ୍ୱାରିକା ନାଥ ପଟେଲ ସାଧାରଣ ସମ୍ପାଦକ ବସନ୍ତ ଦାସ ଓଜିବି ଅଧିକାରୀ ସଂଘର ସାଧାରଣ ସମ୍ପାଦକ ପୀତବାସ ଜେନା ୟୁଜିବି କର୍ମଚାରୀ ସଂଘର ସଭାପତି ପୁଲିନ ମିଶ୍ର ଓ ଜାତୀୟ ଅବସରପ୍ରାପ୍ତ ଗ୍ରାମୀଣ ବ୍ୟାଙ୍କ ସଂଗଠନର ସହାୟକ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ନେପାକ ଯୋଗ ଦାନ କରି ଗ୍ରାମୀଣ ବ୍ୟାଙ୍କର ପ୍ରତିଷ୍ଠା, ଉଦ୍ଦେଶ୍ୟ, ବିଭିନ୍ନ ସମୟରେ ବିଭିନ୍ନ କମିଟିର ସୁପାରିଶ, ବ୍ୟାଙ୍କର ରୂପାନ୍ତୀକରଣ ଓ ବୈଷୟିକ ବୃଦ୍ଧି ଉପରେ ଆଲୋକପାତ କରିଥିଲେ।ବର୍ତ୍ତମାନ ଗ୍ରାମୀଣ ବ୍ୟାଙ୍କ ଲୋକଙ୍କ ଆସ୍ଥା ବିଶ୍ୱାସ ଓ ଶ୍ରଦ୍ଧାଭାଜନ ହୋଇ ପାରିଛି ବୋଲି ମତ ବ୍ୟକ୍ତ କରିଥିଲେ। ବିଶିଷ୍ଟ ଶିକ୍ଷାବିତ କାଳି ପ୍ରସାଦ ପଟ୍ଟନାୟକଙ୍କୁ ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ସମ୍ବର୍ଦ୍ଧିତ କରାଯାଇଥିଲା। ସର୍ବଶ୍ରୀ ହରିଶ ଚନ୍ଦ୍ର ବେହେରା, ଅଶ୍ୱିନୀ ପଣ୍ଡା, ପ୍ରକାଶ ପ୍ରଧାନ, ପିପି ଆର ଆଚାରି, ମଙ୍ଗଲୁ ବେହେରା, ନିରଞ୍ଜନ ଯୋଶୀ, ଜୟପ୍ରକାଶ ପାଢ଼ୀ, ଧନୁର୍ଜୟ ନାୟକ ସଭା ଓ ରାଲି ପରିଚାଳନା କରିଥିଲେ। ଶେଷରେ ହରିଶ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ନୂଆପଡ଼ା ଉପନିର୍ବାଚନ

# ସ୍ନେହାଙ୍ଗିନୀଙ୍କ ରୋଡ୍ ଶୋ’

ନୂଆପଡ଼ା, ୧୯ ।୧୦(ସମିସ)

ନୂଆପଡ଼ା ଉପନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ସହ ବିଭିନ୍ନ ଦଳ ପକ୍ଷରୁ ପ୍ରଚାର ଆରମ୍ଭ ହୋଇଗଲାଣି। ଆଜି ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀଙ୍କ ବିଶାଳ ରୋଡ ଶୋ’ ନୂଆପଡ଼ା ସହରକୁ ଦୁଲୁକାଇ ଦେଇଛି। ନବୀନ ସରକାର ନୂଆପଡ଼ା ଜିଲ୍ଲା ସହ ରାଜ୍ୟର ପ୍ରଗତି ପାଇଁ ବହୁ କାମ କରିଯାଇଛନ୍ତି। ତାଙ୍କର ଅତୁଟ ଭରସା ମୋରି ଉପରେ ଅଛି। ମୋ ଉପରେ ନୂଆପଡ଼ାର ଗୁରୁଦାୟୀତ୍ୱ ଦେଇଛନ୍ତି ।ମହିଳାଙ୍କ ଉପରେ ଭରସା ରଖିଛନ୍ତି। ତାକୁ ସ୍ୱପ୍ନକୁ ସାକାର କରିବି ।ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ ନୂଆପଡ଼ା ମାଟି ପାଇଁ କାମ କରିବି ବୋଲି କହିଛନ୍ତି। ନୂଆପଡ଼ା ମାଟି ପାଇଁ ସ୍ୱର୍ଗତ ଢୋଲକିଆ ବହୁ କାମ କରିଛନ୍ତି। ସେ ଚାରି ଚାରି ଥର ପାଇଁ ବିଜେଡି ତରଫରୁ ବିଜୟୀ ହୋଇ ଜିଲ୍ଲାପାଇଁ କାମ କରିଛନ୍ତି। ବିରୋଧି ବିଜେପି ଢୋଲକିଆଙ୍କ ପୁଅକୁ ହାଇଜ୍ୟାକ୍ କରି ତାରି ପୋଷ୍ଟର ସହ ରାଜେନ୍ଦ୍ରଙ୍କ ମୁହଁକୁ ଲଗାଉଛି ଏହା ନିଶ୍ଚିତ ଭାବେ ଲଜ୍ଜାଜନକ। ମାଁ ବାପାଙ୍କୁ ପ୍ରତାରଣା କରାଯାଉଛି ଏହା ଲଜ୍ଜାକର।

**ଶେଷ ନିଶ୍ୱାସ ପର୍ଯ୍ୟନ୍ତ ନୂଆପଡ଼ା ମାଟିର ସେବା କରିବି**








## ନେତାଙ୍କୁ ଚୋରି କରି ନେଲା ବିଜେପି: ଅଧିରାଜ

ବିଜେଡି ସୁପ୍ରିମୋ ନବୀନ ଶହ ଶହ ନେତା ତିଆରି କରିଛନ୍ତି। ବିଜେପି ପାଖରେ ନୂଆପଡ଼ା ପାଇଁ ପ୍ରାର୍ଥୀ ନାହିଁ। ବିଜେଡି ନେତା ସ୍ୱର୍ଗତ ଢୋଲକିଆଙ୍କ ପୁଅକୁ ଚୋରି କରି ନେଇ ପ୍ରାର୍ଥୀ କରିଛି। ଏବେବି ରାଜୁ ଭାଇ ବିଜେଡି ସହ ଅଛନ୍ତି ତାଙ୍କର ଅଯୋଗ୍ୟ ପୁଅ ନାହାଁନ୍ତି ବୋଲି ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ କହିଛନ୍ତି।

## ବିଜୁ, ନବୀନ ଓ ରାଜୁଙ୍କ ଜୟଜୟକାର କଲେ ଦେବୀ

ବିଜେଡିର ବିଶାଳ ଶୋଭାଯାତ୍ରାରେ ଯୋଗ ଦେଇଥିଲେ ବହୁ ପ୍ରଭାବଶାଳୀ ନେତା। ତନ୍ମଧ୍ୟରୁ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଯୋଗଦେଇ ସ୍ୱର୍ଗତ ବିଜୁ ପଟ୍ଟନାୟକ, ନବୀନ ପଟ୍ଟନାୟକ ଏବଂ ରାଜୁ ଭାଇଙ୍କ ଗୁଣଗାନ କରିବା ସହ ଜୟଜୟକାର କରିଥିଲେ। ଏହାକୁ ଦୋହରାଇ ହଜାର ହଜାର ଦଳୀୟ କର୍ମକର୍ତ୍ତା ସ୍ଲୋଗାନ ଦେଇଥିଲେ।












# ବିଜେପି ଶାସନରେ ଚାଷୀ ସବୁଠୁ ବେଶି ଅବହେଳିତ

**ନୂଆପଡ଼ା, ୧୯ ।୧୦(ସମିସ):** କିଷାନ କଂଗ୍ରେସ ପକ୍ଷରୁ ନୂଆପଡ଼ା ସ୍ଥିତ ଖୁଣ୍ଟିଆ ଭବନରେ ରାଜ୍ୟସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ନୂଆପଡ଼ାର ବିଶିଷ୍ଟ କୃଷକ ନେତା ଏବଂ ବିଭିନ୍ନ ଜିଲ୍ଲାରୁ କୃଷକ ସଂଗଠକ ଯୋଗ ଦେଇଥିଲେ। ଉକ୍ତ ସଭାକୁ ସମ୍ବୋଧିତ କରି ପିସିସି ସଭାପତି ଭକ୍ତ ଚରଣ ଦାସ ଦେଶର ଅନ୍ନଦାତାଙ୍କୁ ପ୍ରଣାମ ଜଣେଇ କହିଥିଲେ କି ଯେଉଁ ଦେଶର କୃଷକ ଅତ୍ୟାଚାରିତ, ଦୁର୍ବଳ ଓ ଋଣଗ୍ରସ୍ତ, ସେହି ଦେଶର ଭବିଷ୍ୟତ ଅନ୍ଧକାର। ଦୁଃଖର ବିଷୟ ବିଜେପି ସରକାରକୁ ଆସିଲା ପରେ କୃଷକଙ୍କ ଦୁଃଖ ଉଦବେଗ ଜନକ ଭାବେ ବୃଦ୍ଧିପାଇଛି। ଆତ୍ୟାଚାରିତ ଏବଂ ଋଣଗ୍ରସ୍ତ ହୋଇ ଆତ୍ମହତ୍ୟା କରିବାକୁ ବାଧ ହେଉଛି। ସଦ୍ୟ ଉଦାହରଣ ହେଲା ୟୁରିଆ ସାରର କୃତ୍ରିମ ଅଭାବ। ସାମାନ୍ୟ ସାର ଟିକକ ପାଇଁ ରାଜ୍ୟର ଚାଷୀଙ୍କୁ ନିର୍ଯାତନା ଓ ହଟହଟାର ଶିକାର ହେବାକୁ ପଡ଼ିଲା। ଏହା ସମସ୍ତେ ଦେଖିଛନ୍ତି ଏବଂ ରାଜ୍ୟବାସୀ ଭୋଗିଛନ୍ତି। ଚାଷୀ ପାଖରେ ଜମି ଅଛି, କିନ୍ତୁ ଜଳସେଚନର ସୁବିଧା ନାହିଁ। ଉପଯୁକ୍ତ ମୂଲ୍ୟରେ ବିକ୍ରି କରିବାକୁ ବଜାର ନାହିଁ। ୪୦୦ ଟଙ୍କା ସାରକୁ ୧୨୦୦ ଟଙ୍କାରେ କିଣିବାକୁ ବାଧ ହେଉଛି। ଜଳସେଚନର ସୁବିଧା ଥିଲେ ଉପଯୁକ୍ତ ସମୟରେ ବିହନର ଅଭାବ ହେଉଛି। ଏଭଳି ଅନେକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇ ଚାଷୀ ଚାଷ କରୁଛି ଏବଂ ଆମକୁ ଅନ୍ନ ଯୋଗାଣ କରୁଛି ବୋଲି ଶ୍ରୀ ଦାସ କହିଛନ୍ତି। ରାଜ୍ୟ କିଷାନ୍ କଂଗ୍ରେସ ସଭାପତି ଅଭୟ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡ କାର୍ତ୍ତିକ ବରାଳ, ମୃତ୍ୟୁଞ୍ଜୟ ଗୁରୁ, ଅନ୍ନ୍ୟନ ଜେନା, ଉମେଶ ସାହୁ, ଦାଶରଥି ସାହୁ, ସନରାଜ ଗଣ୍ଡ, ପତିତପାବନ ଦାସ, ଦଶରଥ ଦୁର୍ଗା ପ୍ରମୁଖ ବହୁ କର୍ମକର୍ତ୍ତା ଏବଂ କୃଷକ ନେତା ଉପସ୍ଥିତ ଥିଲେ।



# ଫରଙ୍ଗ ଆଞ୍ଚଳିକ ଯାଦବ ସମିତିର ନୂତନ କର୍ମକର୍ତ୍ତା

**ଗୋଲାମୁଣ୍ଡା, ୧୯ ।୧୦(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଫରଙ୍ଗ ଆଞ୍ଚଳିକ ଯାଦବ ଭବନ, ଅମଠା ଠାରେ ଆଞ୍ଚଳିକ ଯାଦବ ସମିତି ର ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା ।ଗୋଲାମୁଣ୍ଡା ବ୍ଲକ ଯାଦବ ସମିତିର ସଭାପତି ଶଗିରିଧାରୀ ତେଜିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବ୍ଲକ ଯାଦବ ସମିତିର ସମ୍ପାଦକ ପରୀକ୍ଷିତ ଖର୍ସେଲ ଓ ବ୍ରହ୍ମାପ୍ରସାଦ କାଣ୍ଡ ଉପସ୍ଥିତିରେ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା ।ସର୍ବସମ୍ମତିକ୍ରମେ ପୁଣିଥରେ ତିଲେଶ୍ୱର ଘିଙ୍କୁ ସଭାପତି, ଉପସଭାପତି ଖଗେଶ୍ୱର ଭାଟି, ସମ୍ପାଦକ ଭବାନି ଶଙ୍କର ହଂସ, ସହ ସମ୍ପାଦକ ମଦନ ଘି ଓ କୋଷାଧ୍ୟକ୍ଷ ଧନଞ୍ଜୟ ଘି ଏବଂ ବରିଷ୍ଠ ଯାଦବମାନଙ୍କୁ ଉପଦେଷ୍ଟା ମଣ୍ଡଳୀ ଚୟନ କରାଯାଇଥିଲା। ସମାଜର ସାମୂହିକ ବିକାଶ ଉପରେ ଆଲୋକପାତ କରାଯାଇଥିଲା।





# ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ସଂଘର ବୈଠକ

**ବୌଦ୍ଧ, ୧୯ ।୧୦ (ସମିସ):** ବୌଦ୍ଧ କର୍ମଚାରୀ ଭବନଠାରେ ଓଡ଼ିଶା ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ସଂଘ, ବୌଦ୍ଧ ଜିଲ୍ଲାର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବରେ ଓଡ଼ିଶା ବନ ସେବା କର୍ମଚାରୀ ସଂଘ ସଭାପତି ଜଗବନ୍ଧୁ ପାତ୍ର, ଶିକ୍ଷକ ସଂଘ ନେତା ଶମ୍ଭୁ ଗିରି, ଶତ୍ରୁଜିତ ମହାପାତ୍ର ଓ ଅନ୍ୟମାନେ ଯୋଗ ଦେଇଥିଲେ। ନୂତନ ଭାବରେ ଓଡ଼ିଶା ରାଜ୍ୟ ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ସଂଘ ବୌଦ୍ଧ ଜିଲ୍ଲାର ଅଧ୍ୟକ୍ଷ ତାପସ ମିଶ୍ର, ସଭାପତି ପ୍ରମୋଦ ପାତ୍ର, ଉପ ସଭାପତି ବିରେନ ଶଙ୍କର ପଣ୍ଡା, ସାଧାରଣ ସମ୍ପାଦକ ପ୍ରଶାନ୍ତ ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ଅକ୍ଷୟ ବାଘ, ସହ ସମ୍ପାଦକ ରତି ରଞ୍ଜନ ମହାପାତ୍ର, କୋଷାଧ୍ୟକ ସନ୍ତୋଷ ସାହୁ ଓ ନିରୀକ୍ଷକ ଧନଞ୍ଜୟ ମହାକୁଡଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଜିଲ୍ଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

# ଗୀତା ହେଉଛି ବିଜୟ ଗୀତିର ଆବାହନୀ

ବୌଦ୍ଧ, ୧୯ ।୧୦(ସମିସ)

ଗୀତା ସେବି ଅନୁଷ୍ଠାନ ପ୍ରଜ୍ଞାନ ମିଶନର ଆୟୋଜନ କ୍ରମେ ବୌଦ୍ଧ ସହରର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ୫ମ ଅଧ୍ୟାୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ରବୀନ୍ଦ୍ରନାଥ ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ କଲେଜର ସଂସ୍କୃତ ଅଧ୍ୟାପକ ପୌଲସ୍ତି ପ୍ରଧାନ ଯୋଗ ଦେଇ ଗୀତା ବିଜୟଗୀତିର ଆବାହନୀ ବୋଲି ମତ ରଖିଥିଲେ। ବ୍ଲକସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ତଥା ୩ୟଠାରୁ +୩ ପର୍ଯ୍ୟନ୍ତ ୩୭ ଜଣ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଯୋଗଦେଇ ଶ୍ରୀମତ୍ ଭଗବତ୍ ଗୀତାର ୫ମ ଅଧ୍ୟାୟ ଆବୃତ୍ତି କରିଥିଲେ। ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହିତ ଗୀତା ଗ୍ରନ୍ଥ ବଣ୍ଟନ କରାଯାଇଥିଲା। ବୌଦ୍ଧ ସହରର ଜେ ଡି ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦ୍ରୀୟ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ, ଜୀବନ ବିକାଶ ମହାବିଦ୍ୟାଳୟ, ଭୈରବୀ ମହାବିଦ୍ୟାଳୟ, କନ୍ଧମାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ସଂଗ୍ରାମପୁର ଏମ୍‌ଇ ସ୍କୁଲର ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତାକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗୀତା ଜ୍ଞାନ ପରୀକ୍ଷା -୨୦୨୫ରେ ରାଜ୍ୟସ୍ତରରେ ଜିଲ୍ଲା ପାଇଁ କୃତିତ୍ୱ ଆଣିଥିବା ବୌଦ୍ଧ ମହିଳା କଲେଜ ଛାତ୍ରୀ ସୁଶ୍ରୀ ମୋନିକା ପ୍ରଧାନ ଓ ମୁଣ୍ଡିପଦର୍ ହାଇସ୍କୁଲ ଛାତ୍ରୀ ସମୀକ୍ଷା ରାଣି ଦାଶଙ୍କୁ ପ୍ରମାଣପତ୍ର, ମେଡାଲ ଓ ପୁରସ୍କାର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ନବୀନ ଚନ୍ଦ୍ର ଶତପଥୀ, ନିରଞ୍ଜନ ସାହୁ, ପୌଲସ୍ତି ପ୍ରଧାନ, ରାଜୀବ କହଁର, ବିଶ୍ୱାମିତ୍ର ମାହାଲା, ଅଭିମନ୍ୟୁ ପ୍ରଧାନ ଓ ରଞ୍ଜନାବାଳା ନାୟକ ପ୍ରମୁଖ ବିଚାରକ ଥିଲେ। ପ୍ରମୁଖ ଗୀତା ସେବୀ ଶ୍ରୀବନ୍ତ ନାୟକ, ଗୁରୁପ୍ରସାଦ ଦାଶ, ନନ୍ଦକିଶୋର ସାହୁ, ସମୀର ସାହୁ, ପ୍ରାଣବନ୍ଧୁ ମହାପାତ୍ର, ଶିବଦତ୍ତ ପଟ୍ଟନାୟକ, କ୍ଷୀରାବ୍ôଧକୁମାର ତରିଆ, ହେମନ୍ତ ପାଣିଗ୍ରାହୀ, ବିଜୟ ପ୍ରଧାନଙ୍କ ସହଯୋଗରେ ସଭାକାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପରିଶେଷରେ ପଣ୍ଡିତ ନିରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।





**ଭାଗନେଲେ ୩ୟ ଶ୍ରେଣୀଠାରୁ +୩ ପର୍ଯ୍ୟନ୍ତ ୩୭ ଜଣ ଛାତ୍ରଛାତ୍ରୀ**

## ଲଖନପୁର କୋଇଲା କ୍ଷେତ୍ରରେ ଦୀପୋତ୍ସବ

# ଦୀନବାନ୍ଧବ କ୍ଷେତ୍ରରେ ଜଳିଲା ୧ଲକ୍ଷ ୨୫ ହଜାର ଦୀପ





**ଇବଥର୍ମାଲ, ୧୯ ।୧୦(ସମିସ)**

ଏମ୍‌ସିଏଲ ଲଖନପୁର କୋଇଲା କ୍ଷେତ୍ର ଅଞ୍ଚଳ ବନ୍ଧବାହାଲରେ ଆଜି ସାମୂହିକ ଦୀପଦାନ ଉତ୍ସବ ପାଳିତ ହୋଇଛି । ଦୀପାବଳୀ ଅବସରରେ ଏହି ବର୍ଷକୁ ଧରି ଚାରିବର୍ଷ ହେବ ଏକ ମହାନ ପ୍ରୟାସ ଆରମ୍ଭ କରାଯାଇଥିବା ବେଳେ ଚଳିତ ବର୍ଷ ଅଯୋଧାକୁ ଛାଡିଦେଲେ ସମଗ୍ର ଭାରତ ବର୍ଷରେ ଏଭଳି ଏତେ ଦୀପ ଏକାସାଙ୍ଗରେ ଜଳି ଉତ୍ସବ ପାଳନ କରିବା ଦ୍ୱିତୀୟ ବୋଲି କୁହାଯାଇଛି । ଶାନ୍ତି, ମୈତ୍ରୀ ଓ ଭାଇଚାରାଭାବ ସହ ରାଷ୍ଟ୍ର ଗଠନ ନେଇ ଲଖନପୁର କ୍ଷେତ୍ର ପକ୍ଷରୁ ପ୍ରଥମ ବର୍ଷ ୫, ୧୦୦, ଦ୍ୱିତୀୟ ବର୍ଷ ୫୧, ୦୫୧, ତୃତୀୟ ବର୍ଷ ୧, ୧୧, ୧୧୧, ଚତୁର୍ଥ ବର୍ଷ ୧, ୨୧, ୦୦୦ ଦୀପ ଜଳାଯାଇଥିବା ବେଳେ ଚଳିତ ବର୍ଷ ୧, ୨୫, ୫୨୧ ଦୀପ ପ୍ରଜ୍ୱଳନ କରା ଯାଇଛି । ଏହି କାର୍ଯ୍ୟକୁ ସଫଳ କରିବାକୁ ଆଜକୁ ୫ଦିନ ହେବ ଦୀନବାନ୍ଧବ କ୍ଷେତ୍ର ଭାବେ ପରିଚିତ ଜଗନ୍ନାଥ ମନ୍ଦିରର ସମ୍ମୁଖରେ, ସେଣ୍ଟ୍ରାଲ ପାର୍କରେ ତଥା କଲ୍ୟାଣମଣ୍ଡପ ସମ୍ମୁଖ ରାସ୍ତା ଗୁଡ଼ିକ ଅବରୋଧ କରାଯାଇ ପ୍ରଥମେ ଧୋଇ ଦେବାପରେ ଏମସିଏଲ ଲଖନପୁର କ୍ଷେତ୍ର କର୍ମଚାରୀ, ମହିଳା କର୍ମଚାରୀ, ସ୍କୁଲ ଛାତ୍ରଛାତ୍ରୀ କଲୋନୀରେ ମହିଳାମାନେ ବିଭିନ୍ନ ରଙ୍ଗୋଲି କରିଥିଲେ । ଏଥିରେ ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ ଅଓବଦ କିଶୋର ପାଣ୍ଡେ ମୁଖ୍ୟ କର୍ତ୍ତା କାର୍ଯ୍ୟନିର୍ବାହ କରିଥିଲେ । ସନ୍ଧ୍ୟାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପାଖରେ ଏମସିଏଲ୍ ଡିଟି ସଞ୍ଜୟ କୁମାର ଝା ତଥା ସିଭିଲ ହେଡ୍‌କ୍ୱାଟର ପ୍ରଣବ କୁମାର ପଟେଲ ଠାକୁରଙ୍କୁ ପୂଜାର୍ଚ୍ଚନା ମନ୍ଦିର ଚୂଡାକୁ ମହାଦୀପ ଉଠିଥିଲା । ଦୀପଦାନ କରିବାପରେ ସମୂହ ଦୀପଦାନ କରା ଯାଇଥିଲା ।ଏହି ଅବସରରେ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଏମସିଏଲ ସିଏମଡି ଅନନ୍ତ ଉଦୟ କାଉଲେ, ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପ୍ରଧାନ, ବିଜେପି ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡା, ବିଜେପି ଯୁବମୋର୍ଚ୍ଚା ରାଜ୍ୟ ଉପସଭାପତି ବିଶ୍ୱଜିତ ଷଡ଼ଙ୍ଗୀ ପ୍ରମୁଖ ସାମିଲ ହୋଇଥିଲେ । ଲଖନପୁର, ଜିଏମ୍ ମାଇନିଙ୍ଗ ସତ୍ୟଭୂଷଣ ବାରିକ, ସିଡବ୍ଲୁଏସ୍ ଜିଏମ୍ ସମିର କୁମାର ତଥା ଶ୍ରମିକ ସଂଗଠନର ଜେସିସି ମେମ୍ବର ସମସ୍ତ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ । ଆଇଏଲବିଏଲ୍ ପକ୍ଷରୁ ୬୭ହଜାର, କୋଲଓ୍ୱାସେରୀ ପକ୍ଷରୁ ୨୪ହଜାର, ଜିଏମ୍ କାର୍ଯ୍ୟାଳୟ ପକ୍ଷରୁ ୨୩ହଜାର, ସିଡବ୍ଲୁଏସ୍ ପକ୍ଷରୁ ୧୧ହଜାର, ମନ୍ଦିର କମିଟି ପକ୍ଷରୁ ୫୨୧ ଦୀପଦାନ କରାଯାଇଥିଲା । ଏଥିପାଇଁ ମନ୍ଦିର ସମ୍ମୁଖ ବଡ଼ଦାଣ୍ଡ, ପାର୍କ, ମନ୍ଦିର ପରିସରରେ ବିଭିନ୍ନ ରଙ୍ଗ ବେରଙ୍ଗର ଚିତାକର୍ଷକ ଝୋଟି, ରଙ୍ଗ ବେରଙ୍ଗ ଆଲୋକ ସଜ୍ଜାକରାଯାଇଥିଲା । ଏଥିରେ ବିଭାଗୀୟ ଅଧିକରୀ ସମେତ କର୍ମଚାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଶ୍ରମିକ ସଂଗଠନ ସ୍କୁଲ ଛାତ୍ରଛାତ୍ରୀ, ଓ ମନ୍ଦିର କମିଟି ପକ୍ଷରୁ ଅକ୍ଲାନ୍ତ ପରିଶ୍ରମ କରା ଯାଇଥିଲା । ଉତ୍ସବରେ ବନ୍ଧବାହାଲ ତଥା ଆଖପାଖ ଅଞ୍ଚଳରୁ ୨୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ ।

## ପୌରପରିଷଦସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା



**ଝାରସୁଗୁଡ଼ା, ୧୯ ।୧୦(ସମିସ):** ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ସ୍ଥାନୀୟ ପିଏମ ଗିରିଧରଲାଲ ଉଚ୍ଚ ବିଦ୍ୟାଳୟରେ ବେଲପାହାଡ଼ ପୌରପରିଷଦ ସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଏହି ଅବସରରେ ପ୍ରଜ୍ଞାନ ମିଶନ ଜିଲ୍ଲା ମୁଖ୍ୟ ସଂଯୋଜକ ଶିବପ୍ରିୟା ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ବେଲପାହାଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକା ଡ. ଅନୁପମା ଦାଶ ମୁଖ୍ୟ ଅତିଥି ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଚୀନ୍ଦ୍ର ପଟେଲ ଉଦ୍‌ଘାଟକ, ପ୍ରଜ୍ଞାନ ମିଶନ ସଂଯୋଜକ ଅମ୍ବିକା ପ୍ରସାଦ ଦାଶ ଓ ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ପୁରୀର ସମ୍ପାଦକ ଚିନ୍ତାମଣି ଦାସ, ଅରୁଣେନ୍ଦୁ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜୀବନ ଗଠନରେ ଗୀତାର ଭୂମିକା ଓ ଆଜିର ପରିସ୍ଥିତିରେ ଗୀତାପାଠର ଆବଶ୍ୟକତା ବିଷୟରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ସଂଯୋଜକ ଶିବପ୍ରିୟା ମିଶ୍ର ଏ ଅଭିଯାନର ଆଭିମୁଖ୍ୟ ଜ୍ଞାପନ କରିବା ସହ ଅଧିକ ଛାତ୍ରଛାତ୍ରୀଙ୍କୁ ଏଥିପାଇଁ ଉତ୍ସାହିତ କରିବାକୁ ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀବୃନ୍ଦଙ୍କୁ ଆହ୍ୱାନ ଦେଇଥିଲେ । ଶିକ୍ଷକ ରଘୁନାଥ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କୁଶ ସା ଧନ୍ୟବାଦ ଅର୍ପଣ କରିଥିଲେ । ବେଲପାହାଡ଼ ପୌରପରିଷଦ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟ ତଥା ମହାବିଦ୍ୟାଳୟର ପ୍ରାୟ ପଚାଶ ଜଣ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ସଂସ୍କୃତ ଶିକ୍ଷକ ପଣ୍ଡିତ ରଘୁନାଥ ଦାଶ, ରାଧାକାନ୍ତ ବାରିକ, ସୁରେନ୍ଦ୍ର ରାଉତ ବିଚାରକର ଦାୟିତ୍ୱ ତୁଲାଇଥିଲେ । ଏହି ପ୍ରତିଯୋଗିତାରେ 'କ' ବିଭାଗରେ ଭାଗ୍ୟଶ୍ରୀ ପ୍ରଧାନ ଓ ଅଭିରାମ ସାହୁ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ 'ଖ' ବିଭାଗରେ ଶ୍ରୀଲେଖା ଷଡ଼ଙ୍ଗୀ, ନମନ ବଗାର, ଆଦିତ୍ୟ ଭୋଇ, 'ଗ' ବିଭାଗରେ ସଂକେତ କୁମାର ଦାଶ, ଆଲୋକ କୁମାର ମିଶ୍ର, ଜହ୍ନବୀ ମିତ୍ର ଓ 'ଘ' ବିଭାଗରେ ବିଜୟ ଲକ୍ଷ୍ମୀ ଚକ୍ରବର୍ତ୍ତୀ, ତନିଷା ସେଠ, ସୁସ୍ମିତା ପଣ୍ଡା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ପୁରସ୍କୃତ ହୋଇଛନ୍ତି ।

## ବିଧାୟକଙ୍କ ଅଭିଯୋଗ ଶୁଣାଣି



**ଦେବଗଡ଼, ୧୯ ।୧୦(ସମିସ):** ରିଆମାଳ ବ୍ଲକ ସଦର ମହକୁମାରେ ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୧୪ଟି ସାମୂହିକ ଏବଂ ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ଜଣାପଡ଼ିଛି । ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ଅନୁପସ୍ଥିତିରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ ଯୋଗଦେଇ ଲୋକଙ୍କର ଅଭିଯୋଗ ଶୁଣିଥିଲେ । ଏଥିସହ ପଞ୍ଜିକୃତ ହୋଇଥିବା ସମସ୍ତ ଅଭିଯୋଗ ବିଧାୟକଙ୍କ ଦୃଷ୍ଟିକୁ ଅଣାଯାଇ ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଅଭିଯୋଗ ମଧ୍ୟରେ ଛତାବର କଙ୍କରଖୋଲ ରାସ୍ତା ନିର୍ମାଣରେ ଅନିୟମିତତା କାରଣରୁ ଏବେ ମରଣଯନ୍ତା ପାଲଟିଥିବା ବେଳେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଏବଂ ତୁରନ୍ତ ରାସ୍ତା ମରାମତି ପାଇଁ ଅଭିଯୋଗ ହୋଇଥିଲା । ସେହିପରି ବୁଢିଦୋ ସ୍ଥିତ ଅଗ୍ନିଶମ କାର୍ଯ୍ୟାଳୟ ଠାରୁ ବରପାଲି ରାସ୍ତାର ଉନ୍ନତି କରଣ ପାଇଁ ସ୍ଥାନୀୟ ଲୋକ ଦୃଷ୍ଟି ଆକର୍ଷଣ କରିଥିଲେ । ସେହିପରି ପାନୀୟଜଳ ସମସ୍ୟାର ସମାଧାନ, ୮୦ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧବୃଦ୍ଧାଙ୍କର ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି, ଭୂମିହୀନ ପରିବାରକୁ ଜମି ପଟ୍ଟା ପ୍ରଦାନ, ଗରିବ ହିତାଧିକାରୀଙ୍କୁ ଆବାସଗୃହ ଯୋଗାଇ ଦେବା ଆଦି ଅଭିଯୋଗ ହୋଇଥିବା ଜଣାପଡ଼ିଛି ।

# ଶିଶୁ ବାଟିକାର ମାତୃ କର୍ମଶାଳା କାର୍ଯ୍ୟକ୍ରମ

**ଝାରସୁଗୁଡା, ୧୯।୧୦(ସମିସ):** ବ୍ରଜରାଜନଗର ଶିଶୁ ବାଟିକାରେ ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ସାମ୍ପାଦକ ସାହେବ ରାଓ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପ୍ରଧାନଆଚାର୍ଯ୍ୟ ଯୋଗେନ୍ଦ୍ରନାଥ ଠାକୁର ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଯୁଗ୍ମ ସମ୍ପାଦକ ବିଜୟ ସାହୁ କାର୍ଯ୍ୟକ୍ରମରେ ନିରୀକ୍ଷକ ଦାୟିତ୍ୱ ସମ୍ପାଦନ କରିଥିଲେ । ଶିଶୁ ବାଟିକା ପ୍ରମୁଖ ବୀଣାପାଣି ପଣ୍ଡା କର୍ମଶାଳାର ବିଷୟ ଶିଶୁ ବାଟିକାର ସ୍ୱରୂପ ଓ ପାଠ୍ୟକ୍ରମ କ୍ରିୟାକଳାପ ବିଷୟକୁ ମା' ମାନଙ୍କୁ କହିଥିଲେ । ଏହାପରେ ବୌଦ୍ଧିକ ଦକ୍ଷତା, ଶାରୀରିକ ଦକ୍ଷତା, ମାନସିକ ଦକ୍ଷତା ଆଦି ବିଭିନ୍ନ କାଳାଂଶ ମା'ମାନେ କରିଥିଲେ । ମା'ମାନଙ୍କ ଅନୁଭବ କଥନ ପରେ ବରିଷ୍ଠା ଆଚାର୍ଯ୍ୟ ମୀରା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଉଷା ଗୁରୁମା, ପ୍ରେମଲତା ଗୁରୁମା, ସୁନୀତି ଗୁରୁମା, ସରିତା ଗୁରୁମା, ଦିପ୍ତି ଗୁରୁ ମା, ପ୍ରିୟଙ୍କା ଗୁରୁମା, ନିଳିମା ଗୁରୁମା ଓ ସେବକ ଓ ସେବିକା ମାନେ ସହଯୋଗ କରିଥିଲେ ।

ଇବଥର୍ମାଲ: ଲଖନପୁର ବ୍ଲକ ବନ୍ଧବାହାଲ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବନ୍ଧବାହାଲ ଶିଶୁ ବାଟିକା ବିଭାଗ ପକ୍ଷରୁ ଜଗନ୍ନାଥନଗର ବିଦ୍ୟାଳୟ ଠାରେ ଓଡ଼ିଶା ଶିକ୍ଷା ବିକାଶ ସମିତି ଯୋଜନାନୁସାରେ 'ମାତୃକର୍ମଶାଳା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଶିଶୁ ଅରୁଣ, ଉଦୟ ଓ ପ୍ରଭାତ ଶ୍ରେଣୀର କୁନି ଶିଶୁଙ୍କ ମା' ମାନଙ୍କୁ ନେଇ ପ୍ରଧାନଆଚାର୍ଯ୍ୟ ଅରୁଣ ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ସମିତି ସଦସ୍ୟା ଗୀତାରାଣୀ ମେହେର ଏହାର ଉଦ୍‌ଘାଟନ କରିଥିଲେ । ପ୍ରଧାନଆଚାର୍ଯ୍ୟ ଅତିଥିଗଣଙ୍କ ପରିଚୟ କରିଥିବା ବେଳେ ଶିଶୁବାଟିକା ପ୍ରମୁଖ ରୋଜାଲି ହୋତା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ପଶ୍ଚିମ ସମ୍ଭାଗ, ସମ୍ବଲପୁର ବିଭାଗର ସହ ସମ୍ଭାଗ ନିରୀକ୍ଷକ ପ୍ରଦୁପ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ହିନ୍ଦୁ ଘରର ସଙ୍କଳ୍ପନା ଓ ଶିଶୁ ମାନଙ୍କର ସର୍ବାଙ୍ଗୀନ ବିକାଶରେ ମା' ମାନଙ୍କର ଭୂମିକା ବିଷୟରେ ଆଲୋଚନା କରିଥିଲେ । କର୍ମଶାଳାରେ ସମୁଦାୟ ୫୬ ଜଣ ମା' ଯୋଗ ଦେଇଥିଲେ । ଶିଶୁ ବାଟିକାର ୧୨ଟି ଶୈକ୍ଷିକ ବ୍ୟବସ୍ଥା ଆଧାରରେ ମୋଟ ୫ଟି ବିକାଶ କାଳାଂଶ ତଥା ଆତ୍ମିକ ବିକାଶ, ମାନସିକ ବିକାଶ, ବୌଦ୍ଧିକ ବିକାଶ, ପ୍ରାଣୀକ ବିକାଶ ଓ ଶାରୀରିକ ବିକାଶ ଉପରେ ଯଥାକ୍ରମେ ଗୁରୁଜୀ ସୀମାଞ୍ଚଳ ଜେନା, ପ୍ରଜ୍ଞାପରମିତା ଦାଶ, ରୂପମା ଗୁପ୍ତା, ରଶ୍ମିତା ପାଢ଼ୀ, ରଶ୍ମିତା ସେଠ୍ ପୂଜା ମେହେର ପ୍ରମୁଖ ଗୁରୁମା ବିସ୍ତୃତ ଆଲୋକପାତ କରିଥିଲେ । ସମାପନ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବ୍ରଜରାଜନଗର ସଙ୍କୁଳ ପ୍ରମୁଖ ଯୋଗେଶ ପ୍ରଧାନ, ଆଦିତ୍ୟ ସିଂଦେଓ, ବିଦ୍ୟାଳୟର ସଦସ୍ୟା ମଞ୍ଜୁଲତା ଭୂମିଜ ଓ ପୁଷ୍ପାଞ୍ଜଳି ବାରିକ ପ୍ରମୁଖ ଯୋଗ ଦେଇଥିଲେ । ଗୁରୁମା ସତ୍ୟଭାମା ପ୍ରଧାନ ପରିଚାଳନା କରିଥିଲେ । ଶେଷରେ ସ୍ଥାନୀୟ ସମ୍ପାଦକ ଅଭିନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।






## ସାଗରପାଲି ନଖୁ ବାବା ମଠରେ କଲତା ସମାଜର ବନ୍ଧୁମିଳନ

**ଝାରସୁଗୁଡ଼ା, ୧୯ ।୧୦(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ସାଗରପାଲି ଗ୍ରାମ ନଖୁବାବା ମଠରେ ଭଅଁରଖୋଲ ଗୁଡ଼ି କୁଲତା ସମାଜର ବାର୍ଷିକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଛି । କୁଲତା ସମାଜକୁ ଉନ୍ନତ, ସଶକ୍ତ, ଶିକ୍ଷା ଯୁକ୍ତ, ସମାଜ ଗଠନ କରିବା ଦିଗରେ ଅତିଥିମାନେ ଅଲୋକପାତ କରିଥିଲେ । ଏହାସହ ବର୍ତ୍ତମାନ ସାମଜିକ ଓ ଆଧୁନିକ ପରିସ୍ଥିତିରେ ଯୁବ ସମାଜର ଦାୟିତ୍ୱ ଓ କର୍ତ୍ତବ୍ୟ, ଏକ ସୁସ୍ଥ, ଉନ୍ନତ ସମାଜ ଗଠନ ସକାଶେ ଆହ୍ୱାନ ଆଦି ବିଭିନ୍ନ ବିଷୟ ବସ୍ତୁ ଉପରେ ଉପସ୍ଥିତ ଅଥିତି ମାନେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ କୁଲତା ସମାଜ କଦେଲପିଟା ପୀଠ ସଭାପତି କ୍ଷୀରୋଦ ପଧାନ, ସମ୍ପାଦକ ରମେଶ ସା, ଜଗଦୀଶ ପ୍ରଧାନ, କୋଷାଧ୍ୟକ୍ଷ ନିରାକାର ବଡ଼ାଇଙ୍କ ସହ ବରତାପ ଗୁଡ଼ି ପୂର୍ବତନ ସଭାପତି କୁଳମଣି ସାହୁ, ଖଗେଶ୍ୱର ପଧାନ, ତେଜରାମ ପ୍ରଧାନ, ବାଘମୁଣ୍ଡା ଗୁଡ଼ି ସଭାପତି ଏବଂ ସଦସ୍ୟ, ସମରବଗା ଗୁଡ଼ି ସଭାପତି ଅକ୍ଷୟ ପଧାନ ଏବଂ ସଦସ୍ୟ ଉପସ୍ଥିତ ଥିବାବେଳେ କୁଲତା ସମାଜର ବରିଷ୍ଠ ସଦସ୍ୟ ଭାବଗ୍ରାହୀ ସାହୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଭାନୁରଖୋଲ ଗୁଡ଼ି ସଭାପତି ଦୋଳଗୋବିନ୍ଦ ବିଶ୍ୱାଳଙ୍କ ସହ ସାଗରପାଲି, ଠେବରା, ଭଅଁରଖୋଲ, ଡୁଡୁଗା, ସାହୁପଡ଼ା, ଖଲିଆପାଲି ଆଦି ଗ୍ରାମର କୁଲତା ସମାଜର ଶତାଧିକ ମହିଳା ପୁରୁଷ, ଯୁବକ, ଯୁବତୀ ଯୋଗଦେଇଥିଲେ ।

## ଜୋନାଲସ୍ତରୀୟ କରାଟେ ଓ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା



**ଝାରସୁଗୁଡ଼ା, ୧୯ ।୧୦(ସମିସ):** ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ ପରିସରରେ ଡିଏଭି ନ୍ୟାସନାଲ୍ ସ୍ପୋର୍ଟସ୍, ଓଡ଼ିଶା କ୍ଲଷ୍ଟର ଏବଂ ଜୋନାଲସ୍ତରୀୟ କରାଟେ ଓ ତାଇକ୍ୱୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ଡିଏଭି ବିଦ୍ୟାଳୟ ସମୂହ ଅନ୍ତର୍ଗତ ୪୨ଟି ବିଦ୍ୟାଳୟ ତଥା କ୍ଲଷ୍ଟର-୧, ୨ ଓ ୩ରୁ ଦୁଇ ଶହରୁ ଉହରୁ ମାର୍ଶାଲ୍ ଆର୍ଟ ଖେଳାଳିମାନେ ନିଜ ଶକ୍ତି, ଶିଷ୍ଟାଚାର ଓ କ୍ରୀଡା ଆମାକୁ ପ୍ରଦର୍ଶନ କରିଛନ୍ତି । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଶାରୀରିକ ଫିଟନେସ୍, ସ୍ୱୟଂରକ୍ଷା ଦକ୍ଷତା ଏବଂ ମାନସିକ ସବଳତା ମନୋଭାବକୁ ପ୍ରୋତ୍ସାହନ ଦେବା ଏହି ପ୍ରତିଯୋଗିତାର ମୂଳ ଉଦ୍ଦେଶ୍ୟ । ଡିଏଭି କଲେଜ ମ୍ୟାନେଜିଂ କମିଟି ଓ ଡିଏଭି ସ୍ପୋର୍ଟସ୍ ଅଧୀନରେ ଆୟୋଜିତ ଏହି ପ୍ରତିଯୋଗିତା ଆସନ୍ତା ଜାତୀୟସ୍ତରର ଚାମ୍ପିଅନସିପ୍ ପାଇଁ ପ୍ରତିଭାଶାଳୀ ଖେଳାଳିମାନଙ୍କୁ ଚିହ୍ନଟ କରିବାରେ ସାହାଯ୍ୟ କରିବ ବୋଲି ସୂତ୍ରରୁ ପ୍ରକାଶ ।

# 'ଗୋହିରା ଉତ୍ସବ' ପାଳନ ପାଇଁ ପ୍ରସ୍ତୁତି ବୈଠକ

**ଦେବଗଡ଼, ୧୯ ।୧୦(ସମିସ):** ଗୋହିରା ଆଞ୍ଚଳିକ ଉନ୍ନୟନ ସମିତିର ପକ୍ଷରୁ ଅପରାହ୍ନରେ ଶିବ ମନ୍ଦିର ପ୍ରାଙ୍ଗଣରେ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସମିତି ସଭାପତି ତରଣୀ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପ୍ରାୟ ଷାଠିଏ ଜଣ ସଭ୍ୟଙ୍କ ଉପସ୍ଥିତିରେ ଦିଲ୍ଲୀପ କୁମାର ନାୟକ 'ଗୋହିରା ମହୋତ୍ସବ' ପାଇଁ ପ୍ରସ୍ତାବ ଆଗତ କରିଥିଲେ । ଦେବଗଡ଼ ନେହେରୁ ଯୁବକ ସଂଘ ସଂଯୋଜକ ପ୍ରଦୀପ ବିଶ୍ୱାଳ ଗୋହିରା ଉତ୍ସବ ପାଳନ ଅବସରରେ ଗଠନ ମୂଳକ ପରାମର୍ଶ ଦେଇଥିଲେ । ଏହାକୁ ସମିତିର ସମ୍ପାଦକ ପ୍ରଦୀପ କୁମାର ସାହୁ, ଉପସଭାପତି ଉପେନ୍ଦ୍ର ନାୟକ, ସହ ସମ୍ପାଦକ ମହେଶ୍ୱର ପ୍ରଧାନ ସ୍ୱାଗତ କରିଥିଲେ । କୋଷାଧ୍ୟକ୍ଷ ରଞ୍ଜିତ କୁମାର ପ୍ରଧାନଙ୍କ ଦ୍ୱାରା ବୈଠକରେ ଆୟବ୍ୟୟର ହିସାବ ପ୍ରଦାନ କରାଯାଇଥିଲା । ସମିତିର ସଭ୍ୟ ଭୂପେନ୍ଦ୍ର ପ୍ରସାଦ ନାୟକ, ସରପଞ୍ଚ ଉଦିତ କୁମାର ନାୟକ, ଶିକ୍ଷକ ସୁନୀଲ କୁମାର ସାହୁ, ସମାଜସେବୀ ଅଚ୍ୟୁତାନନ୍ଦ ନାୟକ, ସୁରେଶ ଚନ୍ଦ୍ର ପାତ୍ର, ଶିକ୍ଷକ ରଞ୍ଜନ କୁମାର ବ୍ରହ୍ମା, ସିନୁ ପ୍ରଧାନ, ମିତ୍ରଭାନୁ ବେହେରା, ଅଜୟ ସାହୁ ଓ ଆଠଟି ପଞ୍ଚାୟତର ସଭ୍ୟ ପ୍ରମୁଖ ବୈଠକରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ସଭ୍ୟ ଲକ୍ଷଣ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।



## ଓପିଏସ୍‌ସିରେ କୃତୀଙ୍କୁ ଲକ୍ଷେଘର ସମାଜ ବିକାଶ ପରିଷଦ ପକ୍ଷରୁ ସମ୍ମାନ

**ଝାରସୁଗୁଡ଼ା, ୧୯ ।୧୦(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ସମରବଗା ପଞ୍ଚାୟତ ଦୁଆନମୁଣ୍ଡା ଗାଁ ଲକ୍ଷେଘର ସମାଜର ଝିଅ ଅନୁପମା ଗର୍ଡ଼ିଆ ଓପିଏସସି ପରିକ୍ଷାରେ ୨୮୦ ର୍‌ୟାଙ୍କ ରଖି ଉତ୍ତୀର୍ଣ୍ଣ ହୋଇଥିବାରୁ ରବିବାର ପୂର୍ବାହ୍ନରେ ଲକ୍ଷେଘର ସମାଜର ପ୍ରତିନିଧି ମଣ୍ଡଳ ତାଙ୍କ ଘରେ ଯାଇ ଅନୁପମାଙ୍କୁ ଭେଟି ସମ୍ମାନିତ କରିଛନ୍ତି । ଲକ୍ଷେଘର ସମାଜ ବିକାଶ ପରିଷଦ ଝାରସୁଗୁଡ଼ା ପକ୍ଷରୁ ଜିଲ୍ଲାର ସଭାପତି ପ୍ରେମସାଗର, ଉପସଭାପତି ଗୌରାଙ୍ଗ ଜଗତ, ଉପଦେଷ୍ଟା ଭୋପାଳ ଚନ୍ଦ୍ର ଜୟପୁରିଆ, ସନାତନ ମହାନନ୍ଦ ସମ୍ପାଦକ ଗଙ୍ଗାଧର କଣ୍ଟା, କୋଷାଧ୍ୟକ୍ଷ ମୁରଲୀ ଛଛାନ ପ୍ରମୁଖ ସମ୍ମାନିତ କରିଥିଲେ ।



## ତ୍ରିଦିବସୀୟ ଫୁଟବଲ; ଏନ୍‌ଟିପିସି ଦର୍ଲିପାଲି ଚାମ୍ପିଅନ



**ଇବଥର୍ମାଲ, ୧୯ ।୧୦(ସମିସ):** ଲଖନପୁର ବ୍ଲକ ସରଣ୍ଡାମାଲ ପଞ୍ଚାୟତ ତଳିବାହାଲସ୍ଥିତ ଗ୍ରୀନୱାଲ୍ଡ ଆସୋସିଏସନ୍ ତରଫରୁ ୩୫ ତମ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ତଳିବାହାଲ ଖେଳ ପଡ଼ିଆରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ସମ୍ବଲପୁର, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରୁ ୧୬ ଟି ଦଳ ଭାଗ ନେଇଥିଲେ । ପ୍ରଥମ ସେମିଫାଇନାଲ ଏନ୍‌ଟିପିସି ଦର୍ଲିପାଲି ସୁନ୍ଦରଗଡ଼ ଓ ଷ୍ଟାନଲି ସ୍ପୋର୍ଟସ ବ୍ରଜରାଜନଗର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଏନ୍‌ଟିପିସି ଦଳ ବିଜୟୀ ହୋଇ ଫାଇନାଲକୁ ଯାଇଥିବାବେଳେ ଦ୍ୱିତୀୟ ସେମିଫାଇନାଲ ବିବିୱାଇ ଏସ୍ ସମ୍ବଲପୁର ଓ ସଞ୍ଜୀବ ଏକାଦଶ ଗୋପାଳପୁର ସୁନ୍ଦରଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବିବିୱାଇ ଏସ୍ ସମ୍ବଲପୁର ବିଜୟୀ ସୋଇ ଫାଇନାଲ ଖେଳିଥିଲା । ଏହି ଖେଳରେ ଏନ୍‌ଟିପିସି ଦର୍ଲିପାଲି ସୁନ୍ଦରଗଡ଼ ୪-୧ ଗୋଲରେ ବିବିୱାଇଏସ୍ ସମ୍ବଲପୁର ଠାରୁ ବିଜୟୀ ହୋଇଥିଲା । ବିଜୟୀ ଦଳକୁ ଟ୍ରଫି ସହ ୫୦ ହଜାର ପୁରସ୍କାର ରାଶି ସହ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କା ପ୍ରଦାନ କରା ଯାଇଥିଲା । ପ୍ଲେୟାର ଅଫ୍ ଦ ଟୁର୍ଣ୍ଣାମେଣ୍ଟ ପବିତ୍ର ଓରାମ ଏନ୍‌ଟିପିସି ଦର୍ଲିପାଲିଙ୍କୁ ପୁରସ୍କୃତ କରା ଯାଇଥିଲା । ଆଜିର ଏହି ଫାଇନାଲ ଖେଳର ପୁରସ୍କାର ବିବରଣୀ ସଭାରେ ମୁଖ୍ୟଅତିଥି ଭାବରେ ସରଣ୍ଡାମାଲ ସରପଞ୍ଚ ଝରଣା ସେଠ୍ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଗୋପାଳ ପାଢ଼ୀ, ମିତ୍ରଭାନୁ ପାଢ଼ୀ, ଗଙ୍ଗାଧର ସା, କାମଦେବ ପାଢ଼ୀ, ହରିଲାଲ ସା, ଗିରିଶ ଜୟପୁରିଆ, ପୁରନ୍ଦର ଭୋଇ, ନନ୍ଦଲାଲ ସେନାପତି, ଉମାକାନ୍ତ ପଣ୍ଡା, ଦାମୋଦର ବଡେଇ ପ୍ରମୁଖ ଯୋଗ ଦେଇଥିଲେ । ଫାଇନାଲ ଖେଳକୁ ରେଫରୀ ନବୀନ ଦେଓ, ମିଥୁନ ବଡକ, ଅରୁଣ ମିର୍ଦ୍ଧା ଖେଳେଇ ଥିଲେ ।କ୍ଲବ ସଦସ୍ୟ ଅନନ୍ତ କାଲୋ, ହେମନ୍ତ ଧୁରୁଆ, ହିମାଂଶୁ ଦେହେରୀ, ଆଲୋକ ସେନାପତି, ମନୋଜ ଓରାମ, ବେଦବ୍ୟାସ ମାଁ, ଦିପତେଶ ମାଁ ସହଯୋଗ କରିଥିଲେ । ଶ୍ରୀପତି ଓରାମ ଧାରା ବିବରଣୀ ପ୍ରଦାନ କରିଥିଲେ ।

## ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଦାବି

# ଯୁବ ଏକତା ମଞ୍ଚ ପକ୍ଷରୁ ବାଇକ୍ ଶୋଭାଯାତ୍ରା

**ଦେବଗଡ଼, ୧୯ ।୧୦(ସମିସ):** ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠା ସ୍ଥାନାନ୍ତର ପରଠାରୁ ଜିଲ୍ଲାରେ ଦେଖା ଦେଇଥିବା ଜନ ଅସନ୍ତୋଷ ଦିନକୁ ଦିନ ତେଜିବାରେ ରେ ଲାଗିଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନୂଆଁବାଲିରୋଇକୁ ସ୍ଥାନାନ୍ତର ପରଠାରୁ ଜନ ସାଧାରଣ ସ୍ୱାସ୍ଥ୍ୟସେବା ପାଇଁ ନାନା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ବେଳେ ଏକ ଅଣ ରାଜନୈତିକ ସଂଗଠନ ଭାବେ ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ଗତ କିଛି ମାସଠାରୁ ପୁରୁଣା ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇବା ନେଇ ଜିଲ୍ଲା ପ୍ରଶାସନ ଠାରୁ ରାଜ୍ୟ ସରକାର ପର୍ଯ୍ୟନ୍ତ ଦାବି ହୋଇଆସୁଛି । ମାତ୍ର ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଜିଲ୍ଲାବାସୀଙ୍କ ଦାବିକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ଦିନ ଗଡ଼ାଇ ଚାଲିଥିବାରୁ ଜନ ଅସନ୍ତୋଷ ଦିନକୁ ଦିନ ଜନ ଆନ୍ଦୋଳନର ରୂପ ନେବାକୁ ବସିଛି । ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠା ରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇବା ଦାବିନେଇ ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ଦେବଗଡ଼ ବନ୍ଦ ଆନ୍ଦୋଳନ ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ମାସ ମଧ୍ୟରେ ଏହାର ସମାଧାନ ପାଇଁ ଆନ୍ଦୋଳନକାରୀ ମାନଙ୍କୁ ପ୍ରତିଶ୍ରୁତି ଦେଇ ଆନ୍ଦୋଳନକୁ ସ୍ଥଗିତ ରଖିବାରେ ସଫଳ ହୋଇଥିଲେ ମଧ୍ୟ ବାସ୍ତବିକ ଏହା କାର୍ଯ୍ୟକାରୀ ନ ହେବାରୁ ମଞ୍ଚ ପକ୍ଷରୁ ପୁନର୍ବାର ଆନ୍ଦୋଳନ ଆରମ୍ଭ ହୋଇଛି ।



ଏହି କ୍ରମରେ ଆଜି ଅପରାହ୍ନରେ ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ସୁରଞ୍ଜିତ ମହାପାତ୍ରଙ୍କ ଆବାହକତ୍ୱ ଓ ପୌରପରିଷଦ କାଉଁନସିଲର ଧର୍ମେନ୍ଦ୍ର କୁମାର ଦେବତାଙ୍କ ନେତୃତ୍ୱରେ ମଞ୍ଚର ଶତାଧିକ ସଦସ୍ୟ ପ୍ରଧାନପାଟେଶ୍ୱରୀ ମନ୍ଦିରରେ ମଥା ଟେକି ଏକ ବାଇକ ରାଲିରେ ନଗର ପରିକ୍ରମା କରି ଜନ ସଚେତନତା ସୃଷ୍ଟି କରିବା ପରେ ଗୋପବନ୍ଧୁ ଛକ ଠାରେ ଆୟୋଜିତ ଖୋଲାମଞ୍ଚ ଆଲୋଚନା ସ୍ଥଳିରେ ପହଁଚିଥିଲେ । ସେଠାରେ ଅନୁଷ୍ଠିତ ଖୋଲା ମଞ୍ଚ ଆଲୋଚନାରେ ଶତାଧିକ ଜନ ସାଧାରଣ ସହ ବିଭିନ୍ନ ଅନୁଷ୍ଠାନର ନେତୃବୃନ୍ଦ ନିଜ ନିଜ ମତପ୍ରକାଶ କରିବା ସହ ମଞ୍ଚର ଦାବିକୁ ଯଥାର୍ଥ ବୋଲି ଅବିହିତ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ନ ଯୋଗାଇବା ପର୍ଯ୍ୟନ୍ତ ପ୍ରତିଦିନ ଆନ୍ଦୋଳନକୁ ଭିନ୍ନଭିନ୍ନ ଢଙ୍ଗରେ ଜାରି ରଖିବାକୁ ମତବ୍ୟକ୍ତ କରିଥିଲେ । ଏହି ଖୋଲାମଞ୍ଚରେ ବହୁ ବରିଷ୍ଠ ନାଗରିକ, ଡ୍ରାଇଭର ମହାସଂଘ, ଆମ୍ବେଦକର ଯୁବ ସଂଘ, ବଣିକ ସଂଘ, ଓକିଲ ସଂଘ, ସାମ୍ବାଦିକ ସଂଘ, ବିଭିନ୍ନ ରାଜନୈତିକ ଦଳର ପଦାଧିକାରୀଙ୍କ ସମେତ ଶତାଧିକ ପୁରୁଷ ଓ ମହିଳା ଉପସ୍ଥିତ ଥିଲେ ।

## ଆଜିର ରାଶିଫଳ

**ମେଷ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବୃଷ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ। ନାଚ, ଗୀତରେ ସଫଳତା ମିଳିବ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ପରିବାର ସଦସ୍ୟଙ୍କ ସହଯୋଗ ମିଳିବ।

**ମକର:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ବ୍ୟସ୍ତତା ଭିତରେ ଦିନଟି କଟିବ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ। ପ୍ରେମ ଜୀବନ ସୁଖମୟ ହେବ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ।

## ଆଜିର ଦିନରେ

- ୧୯୪୦- ନେଦରଲ୍ୟାଣ୍ଡରେ ରାସନ୍‌ରେ ପନିର ମିଳିବା ଆରମ୍ଭ ହେଲା।
- ୧୯୬୨- ଭାରତ ଓ ଚୀନ୍ ସୀମା ବିବାଦକୁ ନେଇ ଯୁଦ୍ଧ ଆରମ୍ଭ ହେଲା।
- ୧୯୭୩-ସିଡ୍‌ନୀ ଅପେରା ହାଉସ୍‌କୁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଖୋଲିଦିଆଗଲା।
- ୧୯୯୧- ଉତ୍ତରକାଶୀରେ ୬.୮ ତୀବ୍ରତାର ଭୂମିକମ୍ପ ଆସିବାରୁ ୧୦୦୦ ଲୋକଙ୍କ ପ୍ରାଣହାନି।

# ନଭେମ୍ବର ୧୪ରେ 'ଦେ ଦେ ପ୍ୟାର୍ ଦେ ୨'

ବଲିଉଡ୍ ଅଭିନେତା ଅଜୟ ଦେବଗନ୍ ଓ ରକୁଲପ୍ରୀତ ସିଂହଙ୍କ ଫିଲ୍ମ 'ଦେ ଦେ ପ୍ୟାର୍ ଦେ' ୨୦୧୯ରେ ଆସିଥିଲା। ଏବେ ଅଜୟ ଏହାର ସିକ୍ୱେଲ ଆଣୁଛନ୍ତି। ଇତିମଧ୍ୟରେ 'ଦେ ଦେ ପ୍ୟାର୍ ଦେ ୨'ର ଟ୍ରେଲର୍ ରିଲିଜ୍ ହୋଇଛି। ଟ୍ରେଲର୍ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି। ଫିଲ୍ମରେ କମେଡି ସହ ଇମୋସନ୍‌ର ମିଶ୍ରଣ ଦେଖିବାକୁ ମିଳିବ ବୋଲି ଟ୍ରେଲର୍‌ରୁ ଏକପ୍ରକାର ସ୍ପଷ୍ଟ ହୋଇଛି। ଏଥିରେ ଜାଭେଦ ଜାଫରି, ମିଜାନ ଜାଫରି, ଗୌତମୀ କପୁର, ଇଷିତା ଦତ୍ତା, ସଞ୍ଜୀବ ସେଠ୍ ପ୍ରମୁଖଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଟି-ସିରିଜ୍ ଓ ଲବ୍ ଫିଲ୍ମସ୍ ଏହାର ପ୍ରଯୋଜନା ଦାୟିତ୍ୱରେ ଅଛି। ଅଂଶୁଲ ଶର୍ମା ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଅଜୟ ଓ ରକୁଲଙ୍କ ମଧ୍ୟରେ ଗଢ଼ି ଉଠିଥିବା ପ୍ରେମ ସମ୍ପର୍କ ଉପରେ ଫିଲ୍ମଟି ଆଧାରିତ। ଏଥିରେ ଆର୍. ମାଧବନ୍, ରକୁଲଙ୍କ ପିତା ଭୂମିକାରେ ନଜର ଆସିବେ। ଏହା ନଭେମ୍ବର ୧୪ରେ ପରଦାକୁ ଆସିବ। 'ଦେ ଦେ ପ୍ୟାର୍ ଦେ' ଫିଲ୍ମରେ ଅଜୟ ଓ ରକୁଲଙ୍କ ସହ ତବୁ, ଜିମି ସେରଗିଲ୍, ଆଲୋକ ନାଥ, କୁମୁଦ ମିଶ୍ରା ଦେଖାଯାଇଥିଲେ। ଫିଲ୍ମକୁ ଦର୍ଶକୀୟ ଆଦୃତି ମିଳିଥିଲା। ତେବେ 'ଦେ ଦେ ପ୍ୟାର୍ ଦେ ୨' ଦର୍ଶକଙ୍କ କେତେ ମନୋରଞ୍ଜନ କରୁଛି ତାହା ଦେଖିବାକୁ ବାକି ରହିଲା।





# ବିଶ୍ୱ ଅଷ୍ଟିଓପୋରୋସିସ୍ ଦିବସ

ଅଷ୍ଟିଓପୋରୋସିସ୍ ରୋଗର ଗମ୍ଭୀରତା ବିଷୟରେ ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ୨୦ ଅକ୍ଟୋବରକୁ ବିଶ୍ୱ ଅଷ୍ଟିଓପୋରୋସିସ୍ ଦିବସ ଭାବେ ପାଳନ କରାଯାଉଛି। 'ଅଷ୍ଟିଓ' ଅର୍ଥ 'ହାଡ଼, ଏବଂ 'ପୋରୋସିସ୍' ଅର୍ଥ 'ଛିଦ୍ରପୂର୍ଣ୍ଣ'। ଏହି ରୋଗ ହାଡ଼କୁ ଫମ୍ପା କରିଦିଏ। ଏହା ମହିଳା, ବୟସ୍କ ଏବଂ ହରମୋନ୍ ଅସନ୍ତୁଳନ ଥିବା ଲୋକଙ୍କ ମଧ୍ୟରେ ଅଧିକ ଦେଖାଯାଏ। ଏକ ଆକଳନ ଅନୁଯାୟୀ, ଭାରତରେ ପ୍ରାୟ ଆଠ ଜଣ ପୁରୁଷ ଏବଂ ତିନି ଜଣ ମହିଳାଙ୍କ ମଧ୍ୟରୁ ଜଣେ ଅଷ୍ଟିଓପୋରୋସିସ୍ ରୋଗରେ ପୀଡ଼ିତ ହେଉଛନ୍ତି। ୧୯୯୬ ଅକ୍ଟୋବର ୨୦ ତାରିଖରେ ବ୍ରିଟେନର ନ୍ୟାସନାଲ ଅଷ୍ଟିଓପୋରୋସିସ୍ ସୋସାଇଟି ପକ୍ଷରୁ ଏହି ଦିବସ ପାଳନ କରାଯାଇଥିଲା। ଏହି ଅଭିଯାନକୁ ୟୁରୋପୀୟ କମିଶନ ପକ୍ଷରୁ ସମର୍ଥନ ମଧ୍ୟ କରାଯାଇଥିଲା। ପରେ ୧୯୯୭ ଠାରୁ ଅନ୍ତର୍ଜାତୀୟ ଅଷ୍ଟିଓପୋରୋସିସ୍ ଫାଉଣ୍ଡେସନ୍ ପକ୍ଷରୁ ପ୍ରତିବର୍ଷ ବିଶ୍ୱସ୍ତରୀୟ ସଚେତନତା ସୃଷ୍ଟି ପାଇଁ ଏହି ଦିବସକୁ ପାଳନ କରାଯାଉଛି। ବୟସ ବଢ଼ିବା ସହ ଶରୀରରେ ହାଡ଼ ଦୁର୍ବଳ ହେବାକୁ ଲାଗିଥାଏ। ଯାହାକୁ ଚିକିତ୍ସା ବିଜ୍ଞାନ ଭାଷାରେ ଅଷ୍ଟିଓପୋରୋସିସ୍ କୁହାଯାଉଛି। ଯଦିଓ ଏହାକୁ ବୃଦ୍ଧାବସ୍ଥାର ରୋଗ କୁହାଯାଏ, କିନ୍ତୁ ଚିନ୍ତାର ବିଷୟ ଯେ, ଗତ କିଛି ବର୍ଷ ମଧ୍ୟରେ ଯୁବାବସ୍ଥାରେ ମଧ୍ୟ ଏହି ରୋଗ ଦେଖାଦେଉଛି। ନିଷ୍କ୍ରିୟ ଜୀବନଶୈଳୀ, ମଦ୍ୟପାନ,ଧୂମପାନ,ଜେନେଟିକ୍, ମଧୁମେହ, ମେଦବହୁଳତା, ଆର୍ଥ୍ରାଇଟିସ୍, କର୍କଟ ଔଷଧର ଦୀର୍ଘକାଳୀନ ବ୍ୟବହାର ଏବଂ ମେନୋପୋଜ ମଧ୍ୟ ଏହି ରୋଗର କାରଣ ହୋଇପାରେ। ପୁରୁଷଙ୍କ ଅପେକ୍ଷା ମହିଳାମାନଙ୍କଠାରେ ଏହି ସମସ୍ୟା ଅଧିକ ଦେଖାଯାଏ। ଅଷ୍ଟିଓପୋରୋସିସ୍ ସମସ୍ୟାକୁ ଦୂରେଇ ଦେବା ପାଇଁ ନିୟମିତ ବ୍ୟାୟାମ କରିବା ସହ ଖାଦ୍ୟରେ କ୍ୟାଲସିୟମ୍, ଭିଟାମିନ୍ ଡି ଓ ପ୍ରୋଟିନ୍ ଯୁକ୍ତ ଖାଦ୍ୟକୁ ସାମିଲ କରାଯିବା ଜରୁରୀ। ଏହାସହ ନିୟମିତ କଅଁଳ ଖରାରେ ବୁଲିବା ନିହାତି ଆବଶ୍ୟକ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଠିକ୍ ସମୟରେ ରୋଗ ଚିହ୍ନଟ ହୋଇପାରିଲେ ଚିକିତ୍ସା ମାଧ୍ୟମରେ ଏହି ସମସ୍ୟାକୁ ଏଡ଼ାଇ ଦିଆଯାଇ ପାରିବ।

# ଦୀର୍ଘଜୀବନର ରହସ୍ୟ ଦହି

ଆମେରିକାରେ ଜନ୍ମଗ୍ରହଣ କରିଥିବା ସ୍ପେନର ମହିଳା ମାରିୟା ବ୍ରେନେସ ମୋରେରଙ୍କର ଗତବର୍ଷ ମୃତ୍ୟୁ ହୋଇଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୧୧୭ ବର୍ଷ ବୟସ ହୋଇଥିଲା। ଅବଶ୍ୟ ତାଙ୍କ ମୃତ୍ୟୁର କିଛି ଦିନ ପୂର୍ବରୁ ସେ ବିଶ୍ୱର ସବୁଠୁ ବୟସ୍କା ଜୀବିତ ମହିଳା ହେବାର ରେକର୍ଡ କରିଥିଲେ। ସେପ୍ଟେମ୍ବର ୨୪ରେ ସେଲ୍ ରିପୋର୍ଟର ମେଡିକାଲ ପତ୍ରିକାରେ ପ୍ରକାଶିତ ଏକ ଆଲେଖ୍ୟ ଅନୁସାରେ, ଗବେଷକମାନେ ବ୍ରେନେସଙ୍କ ଦୀର୍ଘ ଜୀବନ ରହସ୍ୟ ସମ୍ପର୍କରେ ଜାଣିବାକୁ ଇଚ୍ଛା କରି ତାଙ୍କର ରକ୍ତ, ଲାଳ, ମଳ, ମୂତ୍ର ଏବଂ ଜିନ୍‌ର ଅଧ୍ୟୟନ କରିଥିଲେ। ଏହି ଅଧ୍ୟୟନରୁ ଜଣାପଡ଼ିଥିଲା ଯେ, ବ୍ରେନେସ ଧୂମପାନ କି ନିଶାଦ୍ରବ୍ୟ ସେବନ କରୁ ନ ଥିଲେ। ଯଥାସମ୍ଭବ ସେ ନିତିଦିନର କାମ ନିଜେ କରୁଥିଲେ। ସେ ଗାଁରେ ରହିବା ସହ ହାଲୁକା ବ୍ୟାୟାମ କରୁଥିଲେ ଏବଂ ଭୂମଧ୍ୟ ସାଗରୀୟ ଅଞ୍ଚଳର ଲୋକଙ୍କ ଭଳି ଖାଦ୍ୟ ଖାଉଥିଲେ। ତାଙ୍କ ଖାଦ୍ୟରେ ସେ ଅଲିଭ୍ ତେଲର ବ୍ୟବହାର କରୁଥିଲେ। ତେବେ ତାଙ୍କ ଜୀବନଶୈଳୀରେ ଗୋଟିଏ ସ୍ୱତନ୍ତ୍ର କଥା ଥିଲା। ସେ ଦିନକୁ ତିନି ଥର ଦହି ଖାଉଥିଲେ। ସେହିଭଳି ଏହି ଅଧ୍ୟୟନର ନେତୃତ୍ୱ ନେଇଥିବା ଡା. ଜୋସେଫ ସହଲାବ ଏକ ପୋଷ୍ଟରେ ଦୀର୍ଘ ଜୀବନ ଲାଗି ଦହିକୁ ଭଲ ସପ୍ଲିମେଣ୍ଟ ବୋଲି କାହିଁକି କୁହାଯାଇଛି, ସେ ସମ୍ପର୍କରେ କହିଛନ୍ତି। ଦହି କୋଲନ କ୍ୟାନସର ଆଶଙ୍କାକୁ କମ୍ କରିବା ସହ ଏହା ପାକସ୍ଥଳୀକୁ ସୁସ୍ଥ ରଖିଥାଏ। ସେହିପରି ଦହି ସବୁଠୁ ଉତ୍ତମ ଖାଦ୍ୟପଦାର୍ଥରୁ ଅନ୍ୟତମ ବୋଲି ଅଧ୍ୟୟନରୁ ଜଣାପଡ଼ିଛି। ଦହି ପ୍ରୋବାୟୋଟିକ୍ସର ମଧ୍ୟ ଏକ ଉତ୍ତମ ଉତ୍ସ। ଏଥିରେ କ୍ୟାଲସିୟମ୍ ଏବଂ ଫସ୍‌ଫରସ୍ ଭରପୂର ଥିବାରୁ ଏହା ହାଡ଼ ଓ ଦାନ୍ତକୁ ମଜଭୁତ କରେ। ଏପରିକି ଏହା ଅଷ୍ଟିଓପୋରୋସିସ୍ ଭଳି ରୋଗକୁ ରୋକିବାରେ ସାହାଯ୍ୟ କରେ ବୋଲି ସେ କହିଛନ୍ତି।



# ଆଲୋକର ପର୍ବ ଦୀପାବଳି



**ଆଲୋକ ଓ ଆନନ୍ଦର ପର୍ବ ଦୀପାବଳିରେ ପୂରା ପରିବେଶ ବଦଳିଯାଏ। କାର୍ତ୍ତିକ ମାସ ଅମାବାସ୍ୟାରେ ଏହି ପର୍ବ ପାଳନ କରାଯାଏ। ଦୀପାବଳି ଅମାବାସ୍ୟାକୁ ପଦ୍ମ ଅମାବାସ୍ୟା ମଧ୍ୟ କୁହାଯାଏ। ଏହିଦିନ ପିତୃପୁରୁଷଙ୍କୁ କାଉଁରିଆ କାଠି ଜାଳି ମନେ ପକାଯାଏ। ତା'ସହ ଏହି ଦିନ ମା'କାଳୀଙ୍କୁ ଆରାଧନା କରାଯାଏ। ଘରେ ଘରେ ଦୀପ ଜଳେ, ବାଣ ଫୁଟେ, ଶ୍ରାଦ୍ଧ ପଡ଼େ ଏବଂ ପିଠାପଣା ହୁଏ।**



ଶାସ୍ତ୍ରୀୟ ମତ ତଥା ଲୋକକଥାରେ ବିଭିନ୍ନ କାରଣକୁ ନେଇ ଦୀପାବଳି ପର୍ବ ପାଳନ କରିବାର ନିୟମ ଅଛି। ପୌରାଣିକ ମତରେ, ଏହି ଦିନ ଭଗବାନ ବିଷ୍ଣୁ ହିରଣ୍ୟକଶ୍ୟପକୁ ବଧ କରିଥିବାରୁ ଏହି ପର୍ବ ପାଳନ କରାଯାଏ। କେବଳ ସେତିକି ନୁହେଁ, ମର୍ଯ୍ୟାଦାପୁରୁଷ ରାମଚନ୍ଦ୍ର ୧୪ ବର୍ଷ ବନବାସ ଶେଷ କରିବା ପରେ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିଥିଲେ। ଅଯୋଧ୍ୟାର ସମସ୍ତ ନରନାରୀ ଶ୍ରୀରାମଙ୍କ ଅସତ୍ୟ ଉପରେ ସତ୍ୟର ବିଜୟ ନିମନ୍ତେ ଖୁସିରେ ବିଭିନ୍ନ ପ୍ରକାର ଦୀପ ଜାଳିଥିଲେ। ଏହିଦିନକୁ ସ୍ମରଣୀୟ କରିବା ପାଇଁ ଦୀପାବଳି ପାଳନ କରାଯାଏ। ଅନ୍ୟପଟେ ଦୀପାବଳିର ଦିନକ ପୂର୍ବରୁ ଶ୍ରୀକୃଷ୍ଣ ନରକାସୁରକୁ ବଧ କରିଥିବାରୁ ଏହାର ପରଦିନକୁ ଦୀପାବଳି ଭାବେ ପାଳନ କରାଯାଏ। ତେବେ ରାକ୍ଷସମାନଙ୍କୁ ବଧ କରିବା ପରେ ମହା କାଳୀଙ୍କ କ୍ରୋଧ ଯେତେବେଳେ ଶାନ୍ତ ହୋଇ ନ ଥିଲା ଏବଂ ସେ ଉଗ୍ର ରୂପ ଧାରଣ କରି ସୃଷ୍ଟି ସଂହାର ଉଦ୍ଦେଶ୍ୟରେ ବାହାରିଥିଲେ। ସେତେବେଳେ ଶିବ ତାଙ୍କୁ ଅଟକାଇବା ପାଇଁ ତଳେ ଶୋଇପଡ଼ିଥିଲେ। ଏହାପରେ ମହାକାଳୀ ଶାନ୍ତ ହୋଇଥିଲେ। ଏହାସହ କାଳୀଙ୍କ ଶାନ୍ତ ରୂପ ମା' ଲକ୍ଷ୍ମୀଙ୍କୁ ଏହିଦିନଠାରୁ ପୂଜା ଆରମ୍ଭ କରାଯିବା ସହ ଦୀପାବଳି ରାତିରେ ମା' କାଳୀଙ୍କ ଉଗ୍ର ରୂପର ଉପାସନା କରାଯାଏ।

ଅନ୍ୟପକ୍ଷରେ ଏହିଦିନ ଓଡ଼ିଶାରେ ବଡ଼ବଡୁଆଙ୍କ ଉଦ୍ଦେଶ୍ୟରେ ପିଣ୍ଡ ଦିଆଯିବା ପରେ କାଉଁରିଆ କାଠି ଜଳାଯାଏ। ପିତୃ ପୁରୁଷଙ୍କୁ ଆଲୋକ ଦେଖାଇ ସ୍ୱର୍ଗ ଲୋକକୁ ଫେରିଯିବା ପାଇଁ ପ୍ରାର୍ଥନା କରାଯାଏ।

କାଉଁରିଆ କାଠି ଜାଳିବା ବେଳେ କୁହାଯାଏ, "ବଡବଡୁଆ ହୋ! ଅନ୍ଧାରରେ ଆସ ଆଲୁଅରେ ଯାଅ। ଗଙ୍ଗା ଯାଅ, ଗୟା ଯାଅ, କାଶୀ ଯାଅ। ପୁରୁଷୋତ୍ତମରେ ମହାପ୍ରସାଦ ଖାଇ। ବାଇଶି ପାହଚରେ ଗଡ଼ଗଡ଼ଉ ଥାଅ।"

# ମା' କାଳୀଙ୍କ ପ୍ରିୟ ଭୋଗ




**କାର୍ତ୍ତିକ ଅମାବାସ୍ୟାରେ କାଳୀ ପୂଜା ପାଳନ କରାଯାଏ। ରାତିରେ ମା' କାଳୀଙ୍କ ପୂଜା କରାଯାଏ ଏବଂ ଭୋଗ ଅର୍ପଣ କରାଯାଏ। ମା' କାଳୀଙ୍କୁ ଉଭୟ ଆମିଷ ଓ ନିରାମିଷ ଭୋଗ ଲାଗି କରାଯାଏ। ତେବେ ମା' କାଳୀଙ୍କ ପ୍ରିୟ ଭୋଗ କ'ଣ, ସେ ସମ୍ପର୍କରେ ଜାଣିବା।**

- ମା'କାଳୀଙ୍କୁ ଭୋଗରେ ଗୁଡ଼ ଅର୍ପଣ କରିବା ଦ୍ୱାର ଜୀବନ ସମସ୍ତ କଷ୍ଟ ଦୂର ହୋଇଥାଏ। ଗୁଡ଼ରେ ତିଆରି ମିଠା ଅର୍ପଣ କରନ୍ତୁ।
- ମୁଗଡାଲି ଖେଚୁଡ଼ି ମା' କାଳୀଙ୍କ ପ୍ରିୟ। ଏହାକୁ ଅର୍ପଣ କଲେ ଜୀବନର ସମସ୍ତ ସମସ୍ୟା ଓ ବାଧା ବିଘ୍ନ ଦୂର ହେବା କୁହାଯାଏ।
- ସୁଜି ହାଲୁଆ ସମେତ ତାଜା ଫଳ ଭୋଗ କରାଯାଏ।
- କ୍ଷୀରୀ ସମେତ ଦୁଗ୍ଧରେ ପ୍ରସ୍ତୁତ ମିଠା ଭୋଗ ଲାଗି କଲେ, ମା' କାଳୀ ପ୍ରସନ୍ନ ହୁଅନ୍ତି।
- କିଛି ମନ୍ଦିର ଓ ପରମ୍ପରାରେ ମା' କାଳୀଙ୍କୁ ଆମିଷ ଭୋଗ ମଧ୍ୟ ଲାଗି କରାଯାଏ।

## ସ୍ୱସ୍ତି

# ଯମ ଦ୍ୱିତୀୟା



ଦୀପାବଳିର ଦୁଇ ଦିନ ପରେ ଅର୍ଥାତ କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା ତିଥିରେ ପାଳିତ ହୁଏ ଯମ ଦ୍ୱିତୀୟା ବା ଭାତୃ ଦ୍ୱିତୀୟା। ଏହି ଦିନ ମୃତ୍ୟୁର ଦେବତା ଯମରାଜଙ୍କୁ ମଧ୍ୟ ପୂଜା କରାଯାଏ। ଏହା ହେଉଛି ଭାଇ-ଭଉଣୀ ମଧ୍ୟରେ ଥିବା ପବିତ୍ର ସମ୍ପର୍କର ପର୍ବ। କୁହାଯାଏ, ଏହିଦିନ ଭଉଣୀ ଘରେ ଭାଇ ଭୋଜନ କରିବା ଦ୍ୱାରା ଭାଇ ଦୀର୍ଘାୟୁ ହୋଇଥାଏ। ସୂର୍ଯ୍ୟ ଦେବ ଏବଂ ଦେବୀ ସଂଜ୍ଞାଙ୍କ ପୁତ୍ର ଯମ ଏବଂ ପୁତ୍ରୀ ଯମୀ ଏହିଦିନ ଜନ୍ମଗ୍ରହଣ କରିଥିଲେ। ତେଣୁ ଏହିଦିନକୁ ଯମଦ୍ୱିତୀୟା ଭାବରେ ପାଳନ କରାଯାଏ। ସେହିପରି ଅନ୍ୟ ଏକ ପୌରାଣିକ କାହାଣୀ ଅନୁସାରେ, କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା ଦିନ ଯମୁନା ଯମରାଜଙ୍କୁ ନିଜ ଘରକୁ ଆମନ୍ତ୍ରିତ କରିଥିଲେ। ଅତିଥି ସତ୍କାର କରିବା ସହ ଭୋଜନ କରାଇ ଥିଲେ। ଏହି କାରଣକୁ ଏହାକୁ ଯମ ଦ୍ୱିତୀୟା ବୋଲି କୁହାଯାଏ। ସେହିପରି ଏଥିରେ ଯମରାଜ ପ୍ରସନ୍ନ ହୋଇ ଭଉଣୀକୁ ବର ଦେଇଥିଲେ, ଏହିଦିନ ସଂସାରର ଯେଉଁ ଭଉଣୀମାନେ ତାଙ୍କ ଭାଇଙ୍କୁ ଟୀକା ଲଗାଇ ପୂଜା କରିବେ, ସେହି ଭାଇମାନଙ୍କର ଆୟୁ ବୃଦ୍ଧି ହେବା ସହିତ ତାଙ୍କ ଜୀବନରୁ ସମସ୍ତ ପ୍ରକାରର କଷ୍ଟ, ବାଧା ବିଘ୍ନ ଦୂର ହୋଇଯିବ ଏବଂ ଯମଲୋକର ପୀଡା ଆଉ ତାଙ୍କୁ ଲାଗିବ ନାହିଁ।

ଅନ୍ୟପଟେ ଏହିଦିନ ଭଉଣୀ ଭାଇର ଦୀର୍ଘାୟୁ କାମନା କରି ଯମରାଜଙ୍କ ପାଖେ ପ୍ରାର୍ଥନା କରନ୍ତି। ଏହି ପର୍ବରେ ଭଉଣୀମାନେ ଭାଇ ମଥାରେ ତିଳକ ଲଗାଇ ବନ୍ଦାପନା କରି ଭାଇ ମାନଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରିଥାନ୍ତି। ଭାଇମାନେ ଭଉଣୀଙ୍କୁ ସ୍ନେହ ପ୍ରେମର ନିଦର୍ଶନ ସ୍ୱରୂପ ଉପହାରମାନ ଦେଇଥାନ୍ତି। ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କ ଚତୁର୍ଦ୍ଦଶ ଯାତ୍ରା ମଧ୍ୟରୁ ଯମ ଦ୍ୱିତୀୟା ଯାତ୍ରା ଅନ୍ୟତମ। ଏହିଦିନ ଶ୍ରୀଲିଙ୍ଗରାଜ ପ୍ରଭୁ ଯମେଶ୍ୱର ଏବଂ ତାଙ୍କର ଭଉଣୀ କାମାକ୍ଷୀଙ୍କୁ ଭେଟ କରିବାକୁ ଯାଇଥାନ୍ତି। ସେହିପରି ଶ୍ରୀକ୍ଷେତ୍ରରେ ଯମେଶ୍ୱର ମହାଦେବଙ୍କ ମନ୍ଦିରରେ ଯମ ଦ୍ୱିତୀୟା ପାଇଁ ସ୍ୱତନ୍ତ୍ର ପୂଜାନୀତି ଅନୁଷ୍ଠିତ ହୋଇଥାଏ। ଏହି ପର୍ବ ଅକ୍ଟୋବର ୨୩ ତାରିଖରେ ପାଳନ କରାଯିବ।

# ଶ୍ରୀମଦ୍ ଭାଗବତରେ ପୁରଞ୍ଜନ ଉପାଖ୍ୟାନ

**ଶିବନାରାୟଣ ମହାପାତ୍ର**

**(ଶ୍ରୀମଦ୍ ଭାଗବତରେ ପୁରଞ୍ଜନ ଉପାଖ୍ୟାନର ଗତ ସଂସ୍କରଣରେ ପ୍ରକାଶିତ ଉପାଖ୍ୟାନ ତତ୍ତ୍ୱର ଅବଶିଷ୍ଟ ଅଂଶ ଏଥର ପ୍ରଦାନ କରାଯାଇଛି।)**

ବିବାହ ପରେ ପୁରଞ୍ଜନ ପୁରଞ୍ଜନୀଙ୍କ ପ୍ରତି ଏତେ ପରିମାଣରେ ମୋହିତ ହୋଇଗଲା ଯେ, ପୁରଞ୍ଜନୀ ଯାହା କହିଲା, ପୁରଞ୍ଜନ ସେଇଆ କଲା। ଅର୍ଥାତ ମଣିଷର ମତି / ଅବିଦ୍ୟା ମଣିଷକୁ ଯୋଉ ଆଡକୁ ଟାଣେ ମଣିଷ ସେଇ ଆଡକୁ ଗତି କରେ।

ଏହିପରି ପୁରଞ୍ଜନ (ଜୀବମ୍ଭା) ଢେର ଦିନ ପୁରଞ୍ଜନୀ (ମତି / ବୁଦ୍ଧି / ଅବିଦ୍ୟା) ସହିତ ଖୁବ ଆନନ୍ଦରେ ଦିନ କାଟିଲା। କିଛି ଦିନ ପରେ ଜରା (ବାର୍ଦ୍ଧକ୍ୟ) ନାମକ ଏକ ଅସୁନ୍ଦର ନାରୀର ପୁରଞ୍ଜନ (ଜୀବାତ୍ମା) ଉପରେ ନଜର ପଡିଲା। ଜରା (ବାର୍ଦ୍ଧକ୍ୟ) ତା'ର ବନ୍ଧୁ ଚଣ୍ଡବେଗ (କାଳଚକ୍ର) ସାହାଯ୍ୟରେ ପୁରଞ୍ଜନ ଉପରେ ଆକ୍ରମଣ କଲା। ଏହି ଆକ୍ରମଣରେ ଚଣ୍ଡବେଗ (କାଳଚକ୍ର)ର ସୈନ୍ୟ ବାହିନୀ (ତିନି ଶହ ପାଞ୍ଚଷଠି ଦିନ ଏବଂ ତିନି ଶହ ପାଞ୍ଚଷଠି ରାତ୍ରୀ) ସାହାଯ୍ୟ କଲେ। ଅର୍ଥାତ ଜୀବମ୍ଭା କାଳ ଚକ୍ରର ଦିନ ରାତି ପ୍ରଭାବରେ କ୍ରମେ ବାର୍ଦ୍ଧକ୍ୟରେ ପହଁଞ୍ଚିଲା। ବାର୍ଦ୍ଧକ୍ୟର ଆକ୍ରମଣରେ ଜୀବମ୍ଭାର ପ୍ରଥମେ କର୍ମେନ୍ଦ୍ରିୟ ଓ ପରେ ପରେ ଜ୍ଞାନେନ୍ଦ୍ରିୟମାନେ କାର୍ଯ୍ୟ କରିବା ବନ୍ଦ କରିଦେଲେ। ଏହି ଭଳି ଜରାର ଆକ୍ରମଣରେ ପୁରଞ୍ଜନୀର ଦଶ ସୈନିକ ମରିଗଲେ। ପାଞ୍ଚ ଫେଣା ବିଶିଷ୍ଟ ସାପ ମଧ୍ୟ ପ୍ରାଣ ହରାଇଲା। ଶେଷରେ ଜୀବାମ୍ଭା ପୁରଞ୍ଜନର ମୃତ୍ୟୁ ହେଲା।

ପୁରଞ୍ଜନ ମୃତ୍ୟୁ ସମୟରେ ପୁରଞ୍ଜନୀକୁ ଝୁରି ଝୁରି ମୃତ୍ୟୁବରଣ କରିଥିବାରୁ ପର ଜନ୍ମରେ ବିଧରଭ ଦେଶର ରାଜ କନ୍ୟା ଭାବରେ ଜନ୍ମ ନେଲା ଓ ତାର ନାମ ବୈଦେହୀ ହେଲା। ବୈଦେହୀ ମଳୟ ଦେଶର ରାଜା ମଳୟଧ୍ୱଜଙ୍କୁ ବିବାହ କଲେ। ସମୟ ଅନୁକ୍ରମେ ଶିକାର ଖେଳୁ ଖେଳୁ ମଳୟଧ୍ୱଜଙ୍କର ମୃତ୍ୟୁ ହେଲା ଏବଂ ତତ୍କାଳୀନ ପରମ୍ପରା ଅନୁଯାୟୀ ବୈଦେହୀ ସତୀ ହେବା ପାଇଁ ପ୍ରସ୍ତୁତ ହେବା ସମୟରେ ଅଭିଜ୍ଞାତ ପହଞ୍ଚି ପୁରଞ୍ଜନ ଙ୍କୁ ତାଙ୍କର ପୂର୍ବ ସମ୍ପର୍କ ବିଷୟରେ ମନେ ପକାଇ ଦେଲେ ଓ ପୁନର୍ବାର ତାଙ୍କ ସାଙ୍ଗରେ ପୂର୍ବ ଅବସ୍ଥାକୁ ଫେରି ଯିବାକୁ କହିଲେ।

ଏହି ଉପାଖ୍ୟାନର ସାର ମର୍ମ ହେଲା, ଯେ ପର୍ଯ୍ୟନ୍ତ ଜୀବମ୍ଭା ପରମାମ୍ଭାଙ୍କ ସାନ୍ନିଧ ଲାଭ କରୁଥିବ ,ସେ ପର୍ଯ୍ୟନ୍ତ ଜୀବମ୍ଭା ଶାନ୍ତି ଲାଭ କରୁଥିବ। ପରମାମ୍ଭାଙ୍କୁ ଭୁଲି ମାୟା ସଂସାରରେ ନିର୍ଲିପ୍ତ ହେଲେ କଷ୍ଟ ଭୋଗିବ। ନାରଦ ମୁନୀଙ୍କର ଏହି ଉପାଖ୍ୟାନ ପ୍ରାଚୀନବରହୀଙ୍କୁ ପ୍ରଭାବିତ କରିଥିଲା ଏବଂ ସେ ନିଜର ଆଚରଣରେ ପରିବର୍ତ୍ତନ କରିଥିଲେ।

କେଶୁରା
ମୋ: ୮୨୪୯୨୧୩୦୪୦

### ପ୍ରଥମ ମ୍ୟାଚ୍‌ରେ ରୋ-କୋ, ଗିଲ୍ ଫେଲ୍, ୨୩ରେ ଦ୍ୱିତୀୟ ମୁକାବିଲା

# ଅଷ୍ଟ୍ରେଲିଆର ପେସ୍ ଆଗରେ ଭାରତର ଆତ୍ମସମର୍ପଣ

ପର୍ଥ,୧୯।୧୦(ଏଜେନ୍ସି)



ଅପଟସ୍ ଷ୍ଟାଡିୟମ୍‌ରେ ଅଷ୍ଟ୍ରେଲିଆର ପେସ ଓ ନିଖୁଣ ବୋଲିଂ ଆଗରେ ଆତ୍ମସମର୍ପଣ କରିଛି ଭ୍ରମଣକାରୀ ଭାରତୀୟ କ୍ରିକେଟ ଦଳ। ଏଠାରେ ଆଜି ଅନୁଷ୍ଠିତ ବର୍ଷାବାଧାପ୍ରାପ୍ତ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୭ ୱିକେଟରେ ଭାରତକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଭାରତର ୩ ତାରକା ଖେଳାଳି ଏକାଥରକେ ବିଫଳ ହେବା ସମର୍ଥକ ଓ ଟିମ୍ ମ୍ୟାନେଜମେଣ୍ଟକୁ ନିରାଶ କରିଛି। ତାରକା ମାନଙ୍କ ମଧ୍ୟରୁ ରୋହିତ ଶର୍ମା ୮, ବିରାଟ କୋହଲି ୦ ଓ ଅଧିନାୟକରେ ଡେବ୍ୟୁ କରିଥିବା ଶୁବମନ ଗିଲ୍ ୧୦ ରନ୍‌ରେ ଆଉଟ ହୋଇଥିଲେ। ଅଷ୍ଟ୍ରେଲିଆରେ କୋହଲି ପ୍ରଥମଥର ଦିନିକିଆ ଫର୍ମାଟରେ ଖାତା ଖୋଲିବାକୁ ଅସମର୍ଥ ହୋଇଥିଲାବେଳେ ଗିଲ୍ ଉଭୟ ଟେଷ୍ଟ ଓ ଦିନିକିଆ ଫର୍ମାଟରେ ଦଳର ନେତୃତ୍ୱ ନେଇ ପ୍ରଥମ ମ୍ୟାଚ୍‌ରେ ପରାଜିତ ହୋଇଛନ୍ତି। ଏହି ବିଜୟ ଫଳରେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଅଷ୍ଟ୍ରେଲିଆ ଆରମ୍ଭରୁ ୧-୦ରେ ଅଗ୍ରଣୀ ନେଇଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ଗୁରୁବାର ଆଡିଲେଡ ଓଭାଲରେ ଓ ତୃତୀୟ ମ୍ୟାଚ୍ ଶନିବାର ସିଡ୍‌ନୀରେ ଖେଳାଯିବ। ପର୍ଥର ଲୋ ସ୍କୋରିଂ ପିଚ୍‌ରେ ଅଷ୍ଟ୍ରେଲିଆ ଇନିଂସରେ ଶେଷଯାଏ ଅପରାଜିତ ରହି ୪୬ ରନ୍ କରିଥିବା ଅଧିନାୟକ ମିଚେଲ ମାର୍ଶଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

ଏହି ମ୍ୟାଚ୍‌ରେ ବର୍ଷା ବାରମ୍ବାର ଖେଳରେ ବାଧା ସୃଷ୍ଟି କରିଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଇନିଂସରେ ୪ଥର ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହୋଇଥିଲା। ଏହା ସାଙ୍ଗକୁ ଅଷ୍ଟ୍ରେଲିଆର ପେସ୍ ଓ ନିଖୁଣ ବୋଲିଂ ଆଗରେ ଭାରତୀୟ ବ୍ୟାଟର ହାତଟେକି ଦେଇଥିଲେ। ଏପରିକି ଦଳର ଜଣେ ହେଲେ ଖେଳାଳି ବେଶି ସମୟ ତିଷ୍ଠି ନ ଥିଲେ କି ବଡ଼ ସ୍କୋର କରିବାରୁ ବଞ୍ଚିତ ହୋଇଥିଲେ। ୨୬ ଓଭରରେ ୯ ୱିକେଟ ହରାଇ ୧୩୬ ରନ୍ କରିଥିଲାବେଳେ ଆଉ ଖେଳ ସମ୍ଭବ ହୋଇ ନ ଥିଲା। ଫଳରେ ଭାରତର ଇନିଂସ ଏହିଠାରୁ ଶେଷ ହୋଇଥିଲା। ଦଳ ପକ୍ଷରୁ ଲୋକେଶ ରାହୁଲ ସର୍ବାଧିକ ୩୮ ଓ ଅକ୍ଷର ପଟେଲ ୩୧ ରନ୍‌ର ଯୋଗଦାନ ଦେଇଥିଲେ। ଦୀର୍ଘ ୭ ମାସ ପରେ ଜାତୀୟ ଦଳକୁ ଫେରିଥିବା ଦୁଇ ସୁପରଷ୍ଟାର ରୋହିତ ଶର୍ମା ମାତ୍ର ୧୪ଟି ବଲ୍ ଖେଳି ୮ ଓ ବିରାଟ କୋହଲି ୮ ବଲ୍ ଖେଳି ଖାତା ଖୋଲି ପାରି ନ ଥିଲେ। ଅଧିନାୟକ ଗିଲ୍ ମଧ୍ୟ ୧୦ ରନ୍‌ରେ ଆଉଟ ହୋଇଥିଲେ। ବାରମ୍ବାର ଖେଳ ବନ୍ଦ ରହିବା ଯୋଗୁଁ ଭାରତୀୟ ବ୍ୟାଟର ଲୟକୁ ଫେରି ନ ଥିଲେ। ଅଷ୍ଟ୍ରେଲୀୟ ବୋଲର ଏଥିରୁ ଫାଇଦା ଉଠାଇଥିଲେ। ଜୋଶ ହାଜ୍‌ଲେଉଡ, ମିଚେଲ ଓଏନ ଓ ମାଥ୍ୟୁ କୁନେମାନ ୨ଟି ଲେଖାଏଁ ୱିକେଟ ନେଇଥିଲେ।

ଜବାବରେ ଡିଏଲ୍ଏସ୍ ମେଥଡ ଅନୁଯାୟୀ ଅଷ୍ଟ୍ରେଲିଆ ଆଗରେ ୨୬ ଓଭରରେ ୧୩୧ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଲକ୍ଷ୍ୟକୁ ଘରୋଇ ଦଳ ଭଲ ପାଗରେ ଖେଳି ୨୧.୧ ଓଭରରେ ୩ ୱିକେଟ ହରାଇ ହାସଲ କରିନେଇଥିଲା। ଅଧିନାୟକ ତଥା ଓପନର ମିଚେଲ ମାର୍ଶ ଶେଷପର୍ଯ୍ୟନ୍ତ ଅପରାଜିତ ରହି ୪୬ ରନ୍‌ର ଭଲ ସ୍କୋର କରିଥିଲେ। ତାଙ୍କ ସହ ମ୍ୟାଟ ରେନ୍‌ଶା ୨୪ ବଲ୍‌ରୁ ୨୧ ରନ୍ କରି ଦଳକୁ ସହଜରେ ଜିତାଇଥିଲେ। ୱିକେଟ ରକ୍ଷକ ଜୋଶ ଫିଲିପ୍ ୨୯ ବଲ୍‌ରୁ ୩ ଚୌକା ଓ ୨ ଛକା ସହ ଦ୍ରୁତ ୩୭ ରନ୍ କରି ଅଷ୍ଟ୍ରେଲିଆର ବିଜୟ ସହଜ କରିଦେଇଥିଲେ। ଟ୍ରାଭିସ ହେଡ୍‌ଙ୍କୁ ୮ ରନ୍‌ରେ ଆଉଟ କରି ଅର୍ଶଦୀପ ଯେଉଁ ସଫଳତା ପାଇଥିଲେ ତାହାର ସଦୁପଯୋଗ କରି ପାରି ନ ଥିଲା ଭାରତ। ଫାଷ୍ଟ ପିଚ୍‌ରେ ଭାରତୀୟ ପେସର ବିଫଳ ହୋଇଥିଲାବେଳେ ସ୍ପିନର ଅକ୍ଷର ପଟେଲ ଓ ୱାଶିଂଟନ ସୁନ୍ଦରଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା।

## ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ତନ୍‌ଭୀଙ୍କୁ ରୌପ୍ୟ



**ଗୌହାଟୀ, ୧୯ ।୧୦ (ଏଜେନ୍ସି):** ଏଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ବିଶ୍ୱ ଜୁନିଅର ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ଭାରତର ତନଭୀ ଶର୍ମା ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ରବିବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ଫାଇନାଲରେ ଟପ୍ ସିଡ୍ ତନଭୀ ୭-୧୫, ୧୨-୧୫ ସିଧାସଳଖ ଗେମରେ ଦ୍ୱିତୀୟ ସିଡ୍ ଥାଇଲାଣ୍ଡର ଅନ୍ୟାପତ୍‌ଙ୍କ ନିକଟରୁ ହାରି ସ୍ୱର୍ଣ୍ଣରୁ ବଞ୍ଚିତ ହୋଇଥିଲେ। ଫାଇନାଲ ମ୍ୟାଚର ଫଳାଫଳ ମାତ୍ର ୨୮ ମିନିଟ୍‌ରେ ବାହାରିଯାଇଥିଲା। ତନଭୀ ଏଥିସହ ୫ମ ଭାରତୀୟ ଭାବେ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ରୌପ୍ୟ ପଦକ ଜିତିଛନ୍ତି। ତାଙ୍କ ପୂର୍ବରୁ ଅପର୍ଣ୍ଣା ପୋପଟ୍ (୧୯୯୬), ସାଇନା ନେହ୍ୱାଲ (୨୦୦୬), ସିରିଲ ବର୍ମା (୨୦୧୫) ଓ ଶଙ୍କର ମୁଥୁସ୍ୱାମୀ (୨୦୨୨) ବିଭିନ୍ନ ସଂସ୍କରଣରେ ରୌପ୍ୟ ପଦକ ସଫଳତା ପାଇଥିଲେ। ସେହିଭଳି ତନଭୀଙ୍କ ରୌପ୍ୟ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଇତିହାସରେ ଭାରତର ୧୨ତମ ପଦକ ଥିଲା। ଯେଉଁଥିରେ ଗୋଟିଏ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୬ କାଂସ୍ୟ ପଦକ ସାମିଲ ରହିଛି।

## ୫୦୦ ମ୍ୟାଚ୍ ଖେଳିବାରେ ରୋହିତ୍ ୫ମ ଭାରତୀୟ

**ପର୍ଥ, ୧୯ ।୧୦ (ଏଜେନ୍ସି):** ଅନ୍ତର୍ଜାତୀୟ କ୍ରିକେଟ୍‌ରେ ରୋହିତ ଆଜି ୫୦୦ତମ ମ୍ୟାଚ୍ ଖେଳିଛନ୍ତି। ବିଶ୍ୱର ୧୧ତମ ତଥା ପଞ୍ଚମ ଭାରତୀୟ କ୍ରିକେଟର୍ ଭାବେ ସେ ଏହି କ୍ଲବରେ ସାମିଲ ହୋଇଛନ୍ତି। ରୋହିତ୍‌ଙ୍କ ପୂର୍ବରୁ ଭାରତୀୟ ଭାବେ ସଚିନ ତେନ୍ଦୁଲକର (୬୬୪), ବିରାଟ କୋହଲି (୫୫୧), ମହେନ୍ଦ୍ର ସିଂ ଧୋନି (୫୩୮) ଓ ରାହୁଲ ଦ୍ରାବିଡ୍ (୫୦୯) ୫୦୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଛନ୍ତି। ସର୍ବାଧିକ ୬୬୪ ମ୍ୟାଚ୍ ଖେଳି ସଚିନ ଏହି ତାଲିକାର ଶୀର୍ଷରେ ରହିଛନ୍ତି।

● ସିକେ ନାଇଡୁ ଟ୍ରଫି

## ଓଡ଼ିଶାର ବିଜୟ ଅଭିଯାନ



ସାଇଦୀପ



ଆୟୁଷ

କଟକ,୧୯।୧୦(ସମିସ): ପ୍ରଥମ ଲିଗ୍ ମ୍ୟାଚ୍‌ରେ ହାଇଦ୍ରାବାଦକୁ ୬୩ ରନରେ ପରାସ୍ତ କରି ଓଡ଼ିଶା ସିକେ ନାଇଡୁ ଟ୍ରଫିରେ ଅଭିଯାନ ଆରମ୍ଭ କରିଛି। ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଘରୋଇ ହାଇଦ୍ରାବାଦ ୨୩୩ ରନର ଲକ୍ଷ୍ୟକୁ ପିଛା କରି ରବିବାର ମ୍ୟାଚ୍‌ର ୪ର୍ଥ ଦିବସରେ ୧୬୯ ରନରେ ଅଲଆଉଟ ହୋଇଥିଲା। ଅଧିନାୟକ ସାଇଦୀପ ମହାପାତ୍ର ଓ ଆୟୁଷ ବାରିକ ୩ଟି ଲେଖାଏ ୱିକେଟ ଦଖଲ କରିଥିଲେ। ପ୍ରଥମ ପାଳିରେ ୮ ୱିକେଟ ସଫଳତା ପାଇଥିବା ଆୟୁଷ ମ୍ୟାଚ୍‌ରେ ମୋଟ ୧୧ଟି ୱିକେଟ ଅକ୍ତିଆର କରିଛନ୍ତି। ପ୍ରକାଶଥାଉକି, ଓଡ଼ିଶାର ପ୍ରଥମ ପାଳି ୧୫୯ ରନରେ ସୀମିତ ରହିବା ପରେ ହାଇଦ୍ରାବାଦ ୧୯୫ରନରେ ଅଲଆଉଟ ହୋଇଥିଲା। ଓମ ଟି ମୁଣ୍ଡେଙ୍କ ଶତକୀୟ ପାଳି ସହାୟତାରେ ଓଡ଼ିଶା ଦ୍ୱିତୀୟ ଇନିଂସ୍‌ରେ ୨୬୮ ରନ କରିଥିଲା। ଆସନ୍ତା ୨୬ରୁ ୨୯ ପର୍ଯ୍ୟନ୍ତ ଭୁବନେଶ୍ୱର ରେଳବାଇ ଷ୍ଟାଡିୟମରେ ଆସାମ ବିପକ୍ଷରେ ଓଡ଼ିଶା ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳିବ।

## ଆନ୍ତଃସ୍କୁଲ ଫୁଟବଲ ଫାଇନାଲରେ କିସ୍




ଭୁବନେଶ୍ୱର,୧୯।୧୦ (ସମିସ): ରାଜୁ ମାର୍ଣ୍ଡିଙ୍କ ଡବଲ ଗୋଲ ବଳରେ କିସ୍ ୨-୦ ଗୋଲରେ ଓଡ଼ିଏମ୍ ପବ୍ଲିକ୍ ସ୍କୁଲ୍‌କୁ ପରାସ୍ତ କରି ଏଠାରେ ଚାଲିଥିବା ଭୁବନେଶ୍ୱର ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଓଡ଼ିଏମ୍ ଗ୍ଲୋବାଲ ସ୍କୁଲ ଓ ୟୁନିଟ-୧ ସରକାରୀ ହାଇସ୍କୁଲ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ସହ କିସ୍ ଫାଇନାଲ ମୁକାବିଲା କରିବ। ବିଜୟୀ କିସ୍ ପକ୍ଷରୁ ଡବଲ ଗୋଲ ଦେଇଥିବା ରାଜୁ ମାର୍ଣ୍ଡିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଖେଳ ଶେଷରେ ଆୟୋଜକ ଭୁବନେଶ୍ୱର ଭେଟେରାନ ଫୁଟବଲ ସଂଘ ସଭାପତି ନବରଞ୍ଜନ ପଟ୍ଟନାୟକ, ତାହିଦୁଲ ହୋଦା ଆଦି ଅତିଥିଭାବେ ଉପସ୍ଥିତ ଥିଲେ। ରେଫରି ପ୍ରିୟବ୍ରତ ବାହିନୀପତି, ସରୋଜ ମହାରଣା, ଶେଖାୱତ ଖାନ୍ ଓ ଅମିତ ନାୟକ ପ୍ରଥମ ସେମିଫାଇନାଲ ମ୍ୟାଚ୍ ପରିଚାଳନା କରିଥିଲେ।

● ଲୋକାଲ-୧- ସନ୍ଦୀପ ମହାନ୍ତି ସ୍ମାରକୀ ଚେସ୍

## ଓମ୍‌ଆଦିତ୍ୟ ଜିତିଲେ ଟାଇଟଲ




ଭୁବନେଶ୍ୱର,୧୯।୧୦ (ସମିସ): ଭୁବନେଶ୍ୱରର ଓମ୍ ଆଦିତ୍ୟ ଖାଡଙ୍ଗା ୧୮ତମ ରାଜ୍ୟ ଓପନ ଚେସ୍ ଚାମ୍ପିଅନସିପ୍‌ରେ ଟାଇଟଲ ଜିତିଛନ୍ତି। ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ କେଶୁରସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଭୁବନେଶ୍ୱରର ଦୁଇ ଖେଳାଳି ଓମ୍‌ଆଦିତ୍ୟ ଓ ସ୍ୱପ୍ନିଳ ପ୍ରିୟଦର୍ଶୀ ସମାନ ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ଟାଇବ୍ରେକରରେ ସ୍ୱପ୍ନିଳଙ୍କୁ ପଛରେ ପକାଇ ଟାଇଟଲ ଜିତିନେଇଥିଲେ। ରାୟଗଡ଼ାର ଫକିର ମାଝୀ ତୃତୀୟ, ପାରାଦୀପ୍‌ର ଜ୍ଞାନରଞ୍ଜନ ସେଠୀ ଚତୁର୍ଥ, ଭୁବନେଶ୍ୱରର ସୌମ୍ୟରଞ୍ଜନ ମିଶ୍ର ୫ମ ସ୍ଥାନ ଅଧିକାର କରିଥିଲେ। ଖେଳ ଶେଷରେ ସ୍ୱର୍ଗତ ସନ୍ଦୀପଙ୍କ ପିତା ସୁରେନ୍ଦ୍ରନାଥ ମହାନ୍ତି, ଓଡ଼ିଶା ରାଜ୍ୟ ଚେସ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ରୟାଲସ୍କୁଲର ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞା ପାରମିତା ସାହୁ ଅତିଥିଭାବେ ଯୋଗଦେଇଥିଲେ।

● ବରିଷ୍ଠ ମହିଳା ଟି-୨୦

## ୬ଷ୍ଠ ପରାଜୟ ସହ ଓଡ଼ିଶା ବିଦା

**କଟକ,୧୯।୧୦(ସମିସ):** ବରିଷ୍ଠ ମହିଳା ଟି-୨୦ ଟ୍ରଫିରେ ଓଡ଼ିଶା ୬ଟି ଲିଗ୍ ମ୍ୟାଚ୍‌ରେ ପରାସ୍ତ ହୋଇ ପ୍ରତିଯୋଗିତାରୁ ବିଦା ହୋଇଛି। ୭ଟି ଲିଗରୁ ମାତ୍ର ଗୋଟିଏ ମ୍ୟାଚ୍ ଜିତି ୪ ପଏଣ୍ଟ ପାଇଥିବା ଓଡ଼ିଶା ଗ୍ରୁପ-ସି ଟେବଲର ୬ଷ୍ଠ ସ୍ଥାନରେ ରହିଛି। ଗ୍ୱାଲିୟରର କ୍ୟାପ୍ଟେନ ରୁପସିଂହ ଷ୍ଟାଡିୟରେ ରବିବାର ଖେଳାଯାଇଥିବା ଅନ୍ତିମ ଲିଗ୍‌ରେ ଦଳ ୯ ୱିକେଟରେ ହରିୟାଣାଠାରୁ ହାରିଥିଲା। ଟସ୍ ଜିତି ବ୍ୟାଟିଂ କରିଥିବା ଓଡ଼ିଶା ୮ ୱିକେଟ ହରାଇ ୧୧୩ରନ ସଂଗ୍ରହ କରିଥିଲା। ଓଡ଼ିଶା ପାଇଁ ଦୁଇ ଓପନର୍ ତନ୍ମୟୀ ବେହେରା ୫୧ ଓ ମାଧୁରୀ ମେହେତା ୨୨ ରନ କରିଥିଲେ। ବ୍ୟାଟିଂ କରିଥିବା ଅନ୍ୟ ୮ଜଣ ବ୍ୟାଟର୍ ଦୁଇଅଙ୍କ ଛୁଇଁପାରି ନ ଥିଲେ। ହରିୟାଣାର ଅମନଦୀପ କୌର ସର୍ବାଧିକ ୩ଟି ୱିକେଟ ଦଖଲ କରିଥିଲେ। ଜବାବରେ ହରିୟାଣା ଦ୍ୱିତୀୟ ଓଭରରେ ରୀମା ସିସୋଦିଆ (୧ରନ)ଙ୍କ ୱିକେଟ୍ ହରାଇଥିଲା। ତେବେ ଅଧିନାୟିକା ତଥା ଅନ୍ତର୍ଜାତୀୟ କ୍ରିକେଟର ଶେଫାଳି ବର୍ମାଙ୍କ ଦ୍ରୁତ ପାଳି ବଳରେ ହରିୟାଣା ୯.୨ ଓଭରରେ ଗୋଟିଏ ୱିକେଟ୍ ହରାଇ ସହଜ ବିଜୟ ହାସଲ କରିଥିଲା। ଶେଫାଳି ୨୪ବଲରୁ ୫୫ରନର ଅପରାଜିତ ପାଳି ଖେଳିଥିଲେ।

ଆଇସିସି ମହିଳା ଦିନିକିଆ ବିଶ୍ୱକପ୍

## ସେମିରେ ଇଂଲଣ୍ଡ; ଆଶଙ୍କାରେ ଭାରତ




**ଇନ୍ଦୋର, ୧୯ ।୧୦ (ଏଜେନ୍ସି):** ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ ଘରୋଇ ଭାରତ ହ୍ୟାଟ୍ରିକ ପରାଜୟବରଣ କରିଛି। ସ୍ଥାନୀୟ ହୋଲ୍‌କର ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଗତ ସଂସ୍କରଣର ରନର୍ସଅପ୍ ଇଂଲଣ୍ଡ ରୋମାଞ୍ଚକ ଭାବେ ୪ ରନରେ ଭାରତକୁ ହରାଇଦେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୮ ୱିକେଟ୍‌ରେ ୨୮୮ ରନ କରିଥିଲା। ଜବାବରେ ଭାରତ ନିର୍ଦ୍ଧାରିତ ଓଭରରେ ୬ ୱିକେଟ୍ ହରାଇ ୨୮୪ ରନ କରିବାକୁ ସମର୍ଥ ହୋଇଥିଲା।

ପୂର୍ବରୁ ଶ୍ରୀଲଙ୍କା ଓ ପରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ହରାଇ ଭାରତ ଅଭିଯାନ ଆରମ୍ଭ କରିଥିଲା। କିନ୍ତୁ ପରବର୍ତ୍ତୀ ୩ଟି ମ୍ୟାଚରେ ଯଥାକ୍ରମେ ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ନିକଟରୁ ହାରି ହ୍ୟାଟ୍ରିକ ପରାଜୟବରଣ କରିଛି। ଭାରତ ବର୍ତ୍ତମାନ ୫ ମ୍ୟାଚରୁ ୪ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହିଛି। ଅପରପକ୍ଷରେ ଇଂଲଣ୍ଡ ୫ ମ୍ୟାଚରୁ ୪ର୍ଥ ବିଜୟ ସହ ୯ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନକୁ ଉଠିବା ସହ ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ଅଷ୍ଟ୍ରେଲିଆ (୯ ପଏଣ୍ଟ) ଓ ଦକ୍ଷିଣ ଆଫ୍ରିକା (୮) ପରେ ତୃତୀୟ ଦଳ ଭାବେ ଇଂଲଣ୍ଡ ସେମିଫାଇନାଲ ଟିକଟ୍ ହାସଲ କରିଛି। ଭାରତ ଶେଷ ଦୁଇ ମ୍ୟାଚରେ ଯଥାକ୍ରମେ ନ୍ୟୁଜିଲାଣ୍ଡ (ଅକ୍ଟୋବର ୨୩) ଓ ବାଂଲାଦେଶ (ଅକ୍ଟୋବର ୨୬) କୁ ହରାଇଲେ ସେମିକୁ ଯୋଗ୍ୟତା ଅର୍ଜନ କରିବ। ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଇଂଲଣ୍ଡ ଓପନର୍ ଟାମି ବିଉମଣ୍ଟ (୫୬ ରନ) ଓ ତୃତୀୟ ସ୍ଥାନରେ ଆସିଥିବା ଅଭିଜ୍ଞ ହିଥର ନାଇଟ୍‌ଙ୍କ ଶତକ ବଳରେ ୮ ୱିକେଟରେ ୨୮୮ ରନର ଚ୍ୟାଲେଞ୍ଜିଂ ସ୍କୋର କରିପାରିଥିଲା। ନାଇଟ୍ ୧୫ ଚୌକା ଓ ଗୋଟିଏ ଛକା ବଳରେ ୯୧ ବଲରୁ ୧୦୯ ରନର ଶତକୀୟ ପାଳି ଖେଳିଥିଲେ। ନିଜର ୩୦୦ତମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳୁଥିବା ନାଇଟ୍ ୩ୟ ଦିନିକିଆ ଶତକ ହାସଲ କରି ଏହାକୁ ଆହୁରି ସ୍ମରଣୀୟ କରିଥିଲେ। ଭାରତ ପକ୍ଷରୁ ଦୀପ୍ତି ଶର୍ମା ସର୍ବାଧିକ ୪ ଓ ଶ୍ରୀଚରଣି ୨ଟି ୱିକେଟ୍ ନେଇଥିଲେ। ଜବାବରେ ଭାରତ ମଧ୍ୟ ଲଢୁଆ ପ୍ରଦର୍ଶନ କରିଥିଲା। ଓପନର୍ ସ୍ମୃତି ମନ୍ଧାନା (୮୮ ରନ), ଅଧିନାୟିକା ହରମନପ୍ରୀତ୍ କୌର (୭୦ ରନ) ଓ ଅଲରାଉଣ୍ଡର ଦୀପ୍ତି (୫୦ ରନ)ଙ୍କ ଅର୍ଦ୍ଧଶତକୀୟ ଇନିଂସ ବଳରେ ଭାରତ ଏକଦା ବିଜୟସ୍ଥିତିରେ ରହିଥିଲା। କିନ୍ତୁ ୫୨ ବଲରେ ୫୫ ରନ ଆବଶ୍ୟକ ହେଉଥିବାବେଳେ ମନ୍ଧାନା ଏବଂ ୧୯ ବଲରେ ୨୭ ରନ ଆବଶ୍ୟକ ହେଉଥିବାବେଳେ ଦୀପ୍ତି ଆଉଟ୍ ହେବା ଦଳ ପାଇଁ ମହଙ୍ଗା ପଡ଼ିଥିଲା। ଆସନ୍ତାକାଲି ଶ୍ରୀଲଙ୍କା-ବାଂଲାଦେଶ ମଧ୍ୟରେ ମ୍ୟାଚ୍ ଖେଳାଯିବ।

## ଯାଜପୁର ଜୋନ୍‌ରେ କଳିଙ୍ଗ ଭଲିବଲ୍ ଲିଗ୍ ଉଦ୍‌ଘାଟିତ



କଟକ,୧୯।୧୦(ସମିସ): ଗ୍ରାମାଞ୍ଚଳରେ ଭଲିବଲ କ୍ରୀଡ଼ାର ପ୍ରଚାରପ୍ରସାରକୁ ଦୃଷ୍ଟି ରଖି ଆରମ୍ଭ ହୋଇଥିବା କଳିଙ୍ଗ ଭଲିବଲ୍ ଲିଗ୍(କେଭିଏଲ) ଆଜି ଯାଜପୁର ଜୋନ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଜୋନ୍‌ରେ ମୋଟ୍ ୧୨ଟି ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରୟାସ ବିଦ୍ୟାମନ୍ଦିର ଗ୍ରାଉଣ୍ଡରେ ଉଦ୍‌ଘାଟନୀ ଉତ୍ସବ ଆୟୋଜନ ହୋଇଥିଲା। ତେବେ ହୋମ୍ ଆଣ୍ଡ ଆୱେ ଫର୍ମାଟରେ ହେଉଥିବା ଏହି ଲିଗରେ ପ୍ରତ୍ୟେକ ଦଳ ନିଜ ଗ୍ରାଉଣ୍ଡରେ ଏବଂ ଅନ୍ୟ ଦଳର ଗ୍ରାଉଣ୍ଡରେ ମ୍ୟାଚ୍ ଖେଳିବେ। ସର୍ବାଧିକ ପଏଣ୍ଟ ହାସଲକାରୀ ଦଳ ଜୋନ୍ ଚାମ୍ପିଅନ ଘୋଷିତ ହେବା ସହ ସୁପରଲିଗ୍‌ରେ ପ୍ରବେଶ କରିବ। କଳିଙ୍ଗ ଭଲିବଲ ବିକାଶ ପରିଷଦ(କେଭିଡିସି) ପକ୍ଷରୁ ଆୟୋଜିତ ଏହି ଲିଗ୍ ଅନ୍ୟ ଜୋନ୍ ଗୁଡିକରେ ଖୁବଶୀଘ୍ର ଆରମ୍ଭ ହେବ। କେଭିଡିସି ସଭାପତି ଡଃ ଅଭିଳାଷ ଦାଶ, ସମ୍ପାଦକ ସଂଗ୍ରାମ ଓଝା, ଉପସଭାପତି ରମାକାନ୍ତ ପଟ୍ଟନାୟକ, ଶିବରଞ୍ଜିତ ଜେନା, କାର୍ଯ୍ୟନିର୍ବାହୀ ସଦସ୍ୟ ଦୀପ୍ତିରଞ୍ଜନ ମହାନ୍ତି, ଆଦର୍ଶ ଆନନ୍ଦ ଡିଗଲ, ଅସିତ କୁମାର ଦାସ, ଢେଙ୍କାନାଳ ଜିଲ୍ଲା ସଭାପତି ଧର୍ମାନନ୍ଦ ସେନାପତି, ପ୍ରୟାସ ଗ୍ରୁପର ଦିବ୍ୟବ୍ରତ ପଣ୍ଡା, ରାଜେଶ କୁମାର ଦାସ, ଅଭୟ କୁମାର ରଥ, କେଭିଡିସି ନିର୍ଦ୍ଦେଶିକା ଦୀୟା ମଜୁମଦାର, ସାହିଲ ଦ୍ୱିବେଦୀଙ୍କ ସମେତ ପୂର୍ବତନ ଜାତୀୟ ଭଲିବଲ ଖେଳାଳି ମହମ୍ମଦ ହିଫଜୁର ରେହମାନ, ମହମ୍ମଦ ଓବେଦୁର ରେହମାନ, ମହମ୍ମଦ ମୋହିବୁର ରେହମାନ ପ୍ରମୁଖ ଉପସ୍ଥିତ ଥିଲେ।

## ନିଙ୍ଗବୋ ଟାଇଟଲ୍ ଜିତିଲେ ରିବାକିନା

**ନିଙ୍ଗବୋ, ୧୯ ।୧୦ (ଏଜେନ୍ସି):** ଚାଇନାରେ ଅନୁଷ୍ଠିତ ଡବ୍ଲ୍ୟୁଟିଏ-୫୦୦ ଟେନିସ ଟୁର୍ଣ୍ଣାମେଣ୍ଟ ନିଙ୍ଗବୋ ଓପନ୍‌ରେ ଏଲିନା ରିବାକିନା ଚାମ୍ପିଅନ ହୋଇଛନ୍ତି। ରବିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଫାଇନାଲରେ କାଜାଖସ୍ତାନ ତାରକା ଏଲିନା ୩-୬, ୬-୦, ୬-୨ ସେଟ୍‌ରେ ୪ର୍ଥ ସିଡ୍ ରୁଷିଆର ଏକତେରିନାଙ୍କୁ ହରାଇଥିଲେ।

## ନନ୍ଦକିଶୋର ପଟ୍ଟନାୟକ ସ୍ମାରକୀ ଫୁଟବଲ୍ ୨୫ରୁ




**ଭୁବନେଶ୍ୱର,୧୯।୧୦ (ସମିସ):** ରାଜ୍ୟର ବିଶିଷ୍ଟ ମହିଳା ଫୁଟବଲ କୋଚ୍ ସ୍ୱର୍ଗତ ନନ୍ଦକିଶୋର ପଟ୍ଟନାୟକଙ୍କ ସ୍ମୃତିରେ ତୃତୀୟ ରାଜ୍ୟସ୍ତରୀୟ ମହିଳା ଫୁଟବଲ ପ୍ରତିଯୋଗିତା ଚଳିତମାସ ୨୫ରୁ ୩୧ ତାରିଖଯାଏ ଖେଳାଯିବ। ୟୁନିଟ୍-୧ ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ପୁଲିସ୍, ସ୍ପୋର୍ଟ୍ସ ଓଡ଼ିଶା, କଟକ ଜିଲ୍ଲା କ୍ରୀଡ଼ା ସଂସଦ, ତାରିଣୀ ଫୁଟବଲ ଏକାଡେମୀ, ନିତା ଆମ୍ବାନି ଫୁଟବଲ ଏକାଡେମୀ, କୁଆଁରମୁଣ୍ଡା ଯୁବ ସଂଗଠନ ଓ ବାଲେଶ୍ୱରର ମହିଳା ଫୁଟବଲ ଆସୋସିଏସନ ଏହି ଟୁର୍ଣ୍ଣାମେଣ୍ଟରେ ଭାଗନେବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ଦଳକୁ ଟ୍ରଫି ସହ ୩୧,୦୦୦ ଟଙ୍କା ଓ ରନର୍ସ ଅପ୍ ଦଳକୁ ୨୧,୦୦୦ ଟଙ୍କା ସହ ଅନ୍ୟ ଶ୍ରେଷ୍ଠ ଖେଳାଳିମାନଙ୍କୁ ପୁରସ୍କୃତ କରାଯିବ ବୋଲି ଆୟୋଜକ ସିଟି କ୍ଲବ୍‌ର ସମ୍ପାଦକ ପ୍ରଦୀପ କୁମାର ରାଉତରାୟ ଓ ସହ ସମ୍ପାଦକ ବନୋଜ କୁମାର ପ୍ରଧାନ ଜଣାଇଛନ୍ତି। ଏହି ଅବସରରେ କଳିଙ୍ଗ ଷ୍ଟାଡିୟମ୍‌ରେ ରବିବାର ଟୁର୍ଣ୍ଣାମେଣ୍ଟର ଟ୍ରଫି ଓ ଲୋଗୋ ଉନ୍ମୋଚିତ କରାଯାଇଛି। ଏଥିଲାଗି ଅନୁଷ୍ଠିତ ଏକ ବର୍ଣ୍ଣାଢ଼୍ୟ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଅତିଥିଭାବେ ଯୋଗ ଦେଇ ଲୋଗୋ ଓ ଟ୍ରଫି ଉନ୍ମୋଚନ କରିଥିଲେ। ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର, ବାବୁ ସିଂହ, ଓଡ଼ିଶା ଅଲିମ୍ପିକ୍ ସଭାପତି ସମୀର ମହାନ୍ତିଙ୍କ ଅନେକ ସଂଗଠକ, କୋଚ୍, ଖେଳାଳି ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ରାଜ୍ୟ ସ୍କୁଲ ଓ କଟକ ଜିଲ୍ଲା ଚେସ୍ ଉଦ୍‌ଯାପିତ

## ଓମ୍‌ସ୍ୱରୂପ, ହର୍ଷିତ ରଞ୍ଜନ ଚାମ୍ପିଅନ

ଭୁବନେଶ୍ୱର,୧୯।୧୦(ସମିସ)




କଟକ ଜିଲ୍ଲା ଚେସ ସଂଘ ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମ୍ ପରିସରରେ ରାଜ୍ୟସ୍ତରୀୟ ସ୍କୁଲ ଓ କଟକ ଜିଲ୍ଲା ଚେସ୍ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରେକର୍ଡ ୨୪୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ରାଜ୍ୟ ସ୍କୁଲ ଜୁନିଅର ବିଭାଗରେ ଖୋର୍ଦ୍ଧାରି ଓମସ୍ୱରୂପ ପତି ଓ କଟକର ଶ୍ରଦ୍ଧାସ୍ମରଣିକା ନନ୍ଦ ଯଥାକ୍ରମେ ଚାମ୍ପିଅନ ଓ ରନର୍ସ ଅପ୍ ହୋଇଥିଲେ।

ଖୋର୍ଦ୍ଧାର ସାୟାଂଶ ଦାସ, ସୁନ୍ଦରଗଡ଼ରୁ ଶୁଭାଶିଷ ବାରିକ, ଖୋର୍ଦ୍ଧାର ଦିବ୍ୟାଂଶୁ କୁମାର ପଶାୟତ, କଟକର ନିରେକ ପରିଡ଼ା, ଖୋର୍ଦ୍ଧାର ଦୁଇ ଖେଳାଳି ଦେବରାଜ ସେନାପତି ଓ ପ୍ରୀତୀକା ପରିଡ଼ା, ବରଗଡ଼ର ନୟନିକା ସାହୁ ଓ କଟକର ଆଦିତ୍ୟ ଦାସ ଯଥାକ୍ରମେ ତୃତୀୟରୁ ୧୦ମ ସ୍ଥାନ ଅଧିକାର କରିଥିଲେ। କଟକ ଜିଲ୍ଲା ଚେସ୍‌ରେ ହର୍ଷିତ ରଞ୍ଜନ ସାହୁ ଚାମ୍ପିଅନ ଓ ନୀଲସୁ ପଟ୍ଟନାୟକ ରନର୍ସ ଅପ୍ ହୋଇଥିଲେ। ୪୬ ବର୍ଷୀୟ ରବୀନ୍ଦ୍ର ଓଝା ତୃତୀୟ, ୬୮ ବର୍ଷୀୟ ନାରାୟଣ ସ୍ୱାଇଁ ଚତୁର୍ଥ ଓ ୯ ବର୍ଷୀୟ ଆଦ୍‌ଭିକ୍ ଆଦିତ୍ୟ ସ୍ୱାଇଁ ପଞ୍ଚମ ସ୍ଥାନ ଅଧିକାର କରିଥିଲେ।

ଖେଳ ଶେଷରେ କଳିଙ୍ଗ ଇନଷ୍ଟିଚ୍ୟୁଟ ଡେଣ୍ଟାଲ ସାଇନ୍ସର ଅର୍ଥୋ ଡେଣ୍ଟିଷ୍ଟ ଡାକ୍ତର ନିବେଦିତା ସାହୁ ମୁଖ୍ୟ ଅତିଥି, ଓଡ଼ିଶା ଅଲିମ୍ପିକ୍ ସଂଘର ସମ୍ପାଦକ ଅଭିଜିତ ପାଲ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ କଟକ ଜିଲ୍ଲା ଚେସ ସଂଘ ସଭାପତି ବିବେକ ତିବରୱାଲ, ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ, ଉପସଭାପତି ପ୍ରଶାନ୍ତ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ଆର୍ବିଟର ନିହାର ରଞ୍ଜନ ସାସ୍‌ମଲ ଓ ତାପସ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ଦୁଇଟି ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS